# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୪/୨୦୨୪ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 14/2024 | Page 14 | ₹ 7.00 | RAYAGADA

୫୦ଶ ଭାଗ ୨୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 230 | ମୂଲ୍ୟ ₹୭/-




**କ୍ରେଜିକୋଭାଙ୍କୁ ୱିମ୍ବେଲଡନ ଟାଇଟଲ**

ୱିମ୍ବେଲଡନ ଓପନ ଟେନିସ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ଚେକ୍ ରିପବ୍ଲିକର ବାର୍ବରା କ୍ରେଜିକୋଭା।

୧୪

୦୨

**୩ ବର୍ଷରେ ଅକ୍ଷୟଙ୍କ ୭ ଫ୍ଲପ୍ ଫିଲ୍ମ**

ଗତ ୩ ବର୍ଷ ମଧ୍ୟରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କର ୭ଟି ଚଳଚ୍ଚିତ୍ର ଫ୍ଲପ୍ ହୋଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି।



# ନର୍ସିଂହୋମ୍‌ରେ ନିଆଁ, ରାସ୍ତାରେ ରୋଗୀ





ତ୍ରିଶା ନର୍ସିଂହୋମରେ ନିଆଁ ଲାଗିବା ପରେ ରୋଗୀଙ୍କୁ ଉଦ୍ଧାର କରି ବାହାରକୁ ନିଆଯାଉଛି।



ନର୍ସିଂହୋମ୍ ବାହାରେ ଆମ୍ବୁଲାନ୍ସ ଅପେକ୍ଷାରେ ଥିବା ଗୁରୁତର ରୋଗୀଙ୍କୁ ଜରୁରୀ ଚିକିତ୍ସା ଦିଆଯାଉଛି।

## ■ କାମ ଦେଲାନି ଅଗ୍ନିନିରାପତ୍ତା ବ୍ୟବସ୍ଥା
## ■ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

**କଟକର କାଠଯୋଡ଼ି ନଦୀକୂଳରେ ପୁରୀଘାଟ ଥାନାଠାରୁ ପ୍ରାୟ ୫୦ ମିଟର ଦୂରରେ ଥିବା 'ତ୍ରିଶା ହସ୍ପିଟାଲ'ରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ସେତେବେଳେ ଏହି ୩ ମହଲା ବିଶିଷ୍ଟ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିଲେ ୪୫ ରୋଗୀ। ସେମାନଙ୍କ ମଧ୍ୟରେ କେତେଜଣ ଥିଲେ ଗୁରୁତର ଏବଂ ୨୦ଜଣ ନବଜାତକ ଓ ଶିଶୁରୋଗୀ। ନିଆଁକୁ ଆୟତ୍ତ କରିବା ଏବଂ ରୋଗୀମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରି ଅନ୍ୟ ହସ୍ପିଟାଲକୁ ନେବା ଥିଲା ଅତ୍ୟନ୍ତ କଷ୍ଟକର। ୩ ମହଲାରୁ ଗୁରୁତର ରୋଗୀଙ୍କୁ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଶିଡ଼ିରେ ଓହ୍ଲାଯାଇଥିଲା। ହେଲେ ରୋଗୀଙ୍କୁ ଅନ୍ୟ ହସ୍ପିଟାଲ ନେବାକୁ ଆବଶ୍ୟକ ଆମ୍ବୁଲାନ୍ସ ପହଞ୍ଚିପାରୁ ନ ଥିବାରୁ ରାସ୍ତା ଉପରେ ଗୁରୁତର ରୋଗୀମାନେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ନର୍ସିଂହୋମ୍ ସମ୍ମୁଖ ରାସ୍ତା ଅତିସଂକୀର୍ଣ୍ଣ ହୋଇଥିବାରୁ ଆମ୍ବୁଲାନ୍ସ ପହଞ୍ଚିବାରେ ବାଧା ସୃଷ୍ଟି ହୋଇଥିଲା। ସବୁଠାରୁ ଉଦ୍‌ବେଗର ବିଷୟ, ନର୍ସିଂହୋମ୍‌ରେ ଅଗ୍ନିନିରାପତ୍ତା ବ୍ୟବସ୍ଥା ଥିଲେ ମଧ୍ୟ ତାକୁ ପରିଚାଳନା କରିବାରେ କର୍ମଚାରୀ ଅନଭିଜ୍ଞ ଥିବାରୁ ତାହା କୌଣସି କାର୍ଯ୍ୟରେ ଲାଗି ନ ଥିଲା।**

**କଟକ/ଭୁବନେଶ୍ୱର,୧୩।୭ (ଶିଲ୍ପା ପ୍ରିୟଦର୍ଶିନୀ/ ଅନିଲ ଦାସ)**

ନର୍ସିଂହୋମ୍ 'ତ୍ରିଶା ହସ୍ପିଟାଲ'ର ତୃତୀୟ ମହଲାରେ ନିଆଁ ଲାଗିଥିବାବେଳେ କର୍ମଚାରୀ ଓ ସ୍ଥାନୀୟ ଲୋକ ଅଗ୍ନିଶମ ବାହିନୀ ଏବଂ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର ଏକ ଟିମ୍ ପହଞ୍ଚି ନିଆଁଲିଭା ଏବଂ ରୋଗୀଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ନିଆଁର ମାତ୍ରା ବଢ଼ିଥିବାବେଳେ ଅଗ୍ନିଶମ ବାହିନୀ କର୍ମଚାରୀ, ରୋଗୀ ସମ୍ପର୍କୀୟ, ସ୍ଥାନୀୟ ଲୋକ ଓ ନର୍ସିଂହୋମ କର୍ମଚାରୀ ରୋଗୀ ଓ ନବଜାତକଙ୍କୁ ତିନି ମହଲାରୁ ଅସ୍ଥାୟୀ ଶିଡ଼ି ଯୋଗେ ତଳକୁ ଓହ୍ଲାଇଥିଲେ। ସମୁଦାୟ ୪୫ ରୋଗୀଙ୍କ ମଧ୍ୟରୁ ଏସ୍‌ସିବି ମେଡିକାଲରେ ୧୭ ଜଣ ରୋଗୀଙ୍କୁ ଭର୍ତ୍ତି କରାଯାଇଛି। ସେଥିମଧ୍ୟରେ ଥିବା ୩ ଶିଶୁଙ୍କୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟ ୧୪ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଏସ୍‌ସିବି ମେଡିକାଲର ଆଇସିୟୁ ଓ ୧୦ ଜଣଙ୍କୁ ଜେନେରାଲ ୱାର୍ଡରେ ଭର୍ତ୍ତି କରାଯାଇଛି। ସେହିପରି କଟକ ଶିଶୁଭବନରେ ୧୭ ଜଣ ଶିଶୁଙ୍କୁ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟ ୫ ଜଣଙ୍କୁ ଏସ୍‌ଏନ୍‌ସିୟୁ, ପାଞ୍ଚ ଜଣଙ୍କୁ ନ୍ୟୁ ବର୍ନ ଓ ୫ ଜଣଙ୍କୁ ହାଇବ୍ରିଡ୍ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟ ୧୧ ଜଣ ରୋଗୀ କଟକର ବିଭିନ୍ନ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କଟକ ଜିଲାପାଳ ଅରିନ୍ଦମ ଡାକୁଆ କହିଛନ୍ତି। କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଛି ତାହା ସ୍ପଷ୍ଟ ହୋଇ ନାହିଁ। ତେବେ ଏସିରେ ଶର୍ଟସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନି ନିରାପତ୍ତାଜନିତ ସମସ୍ତ ନିୟମକୁ କଡ଼ାକଡ଼ି ପାଳନ କରାଯାଇଛି କି ନାହିଁ ତାହାର ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ(ଡିଜି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଗଭୀର ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ରୋଗୀମାନଙ୍କ ଜୀବନ ବଞ୍ଚାଉଥିବା ସଂସ୍ଥା ଏ ସବୁ ବିଷୟ ପ୍ରତି ଅଧିକ ସଚେତନ ହେବା ଆବଶ୍ୟକ। ରୋଗୀମାନଙ୍କୁ ଯଥାଶୀଘ୍ର ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ ସଚିବ ଓ କଟକ ଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରୋଗୀମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନର୍ସିଂହୋମର ପଞ୍ଜୀକରଣ ଅବଧି ୧୩।୭।୨୦୨୫ ଯାଏ ରହିଥିବା ସଂସ୍ଥାର ମ୍ୟାନେଜର ଜ୍ଞାନେନ୍ଦ୍ର ସାମଲ କହିଛନ୍ତି। ଏହି ନର୍ସିଂହୋମରେ ଶନିବାର ୪୫ ଜଣ ଶିଶୁ ଓ ବୟସ୍କ ରୋଗୀ ଚିକିତ୍ସିତ ହେଉଥିବାବେଳେ ଏଠାରେ ଆଇସିୟୁ, ଏସ୍‌ଏନ୍‌ସିୟୁ, ଶିଶୁ ବିଭାଗ ବିଶେଷକରି ନବଜାତକଙ୍କ ଚିକିତ୍ସା ସମେତ ଅନ୍ୟାନ୍ୟ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ଅନ୍ୟପଟେ ନର୍ସିଂହୋମର ତୃତୀୟ ମହଲାରେ ନିଆଁ ଲିଭିବା ମାତ୍ରେ ଜଣେ ଶିଶୁର ମୃତଦେହ ପେଟିରେ ପଡ଼ିଥିବା ସାମ୍ନାକୁ ଆସିଛି। ଏହି ଘଟଣାରେ ଜିଲାପାଳ ଅରିନ୍ଦମ ଡାକୁଆ କହିଛନ୍ତି ଯେ, ଶିଶୁଟିର ମୃତ୍ୟୁ ଅଗ୍ନିକାଣ୍ଡ ପୂର୍ବରୁ ହୋଇଛି।

ଗୋଟିଏ ପଟେ ନର୍ସିଂହୋମ୍ କର୍ମଚାରୀ ଅଗ୍ନି ନିରାପତ୍ତା ଭିତ୍ତିଭୂମିର ଉପଯୋଗ କରିବାରେ ଅନଭିଜ୍ଞ ଥିବାବେଳେ ଅନ୍ୟପଟେ ଏହି ଘରୋଇ ସ୍ୱାସ୍ଥ୍ୟ ଅନୁଷ୍ଠାନର ☞ପୃଷ୍ଠା-୪

# ଆଜି ଖୋଲିବ ରତ୍ନଭଣ୍ଡାର

## ଆର୍‌ବିଆଇ ସହାୟତା ନିଆଯିବ: ହରିଚନ୍ଦନ

**୧୯୭୮ରେ ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରୀ ଥିବାବେଳେ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ଅଳଙ୍କାରଗୁଡ଼ିକର ଗଣତି, ମଣତି କରାଯାଇଥିଲା। ଏହାର ୪୬ ବର୍ଷ ପରେ ଓଡ଼ିଶାରେ ପ୍ରଥମ ଥର କ୍ଷମତାସୀନ ଭାଜପା ସରକାର ଜୁଲାଇ ୧୪ ରବିବାର ରତ୍ନଭଣ୍ଡାର ଖୋଲିବାକୁ ଯାଉଛନ୍ତି। ଗୁଣ୍ଡିଚା ମନ୍ଦିରରେ ଥିବା ତିନି ଠାକୁର ସୋମବାର ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ। ମହାପ୍ରଭୁଙ୍କ ଅନୁପସ୍ଥିତିରେ ରତ୍ନଭଣ୍ଡାର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ଆଗକୁ କ'ଣ ଘଟୁଛି ତା' ଉପରେ ନଜର।**

**ଭୁବନେଶ୍ୱର,୧୩।୭(ଅନିଲ ଦାସ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ରବିବାର ଖୋଲିବ। ରତ୍ନଭଣ୍ଡାରର ମରାମତି ସହ ଅଳଙ୍କାର ଗଣତି ମଧ୍ୟ ହେବ। କେତେବେଳେ ଖୋଲାଯିବ ସେନେଇ ମନ୍ଦିରର ସେବାୟତମାନଙ୍କ ସହ ବିଚାରବିମର୍ଶ କରି ସମୟ ନିର୍ଘଣ୍ଟ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶନିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି ଯେ, ରତ୍ନଭଣ୍ଡାରର ମରାମତି ଓ ଗଣତିମଣତି ବାବଦ କାର୍ଯ୍ୟ ଅତ୍ୟନ୍ତ ସ୍ୱଚ୍ଛତା ସହ ଓ ସୁରୁଖୁରୁରେ କରିବା ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। କିଏ କେଉଁ କମିଟିରେ ☞ପୃଷ୍ଠା-୪







# ରାଜ୍ୟପାଳଙ୍କ ନ୍ୟାୟକୁ ଅପେକ୍ଷା: ଏଏସ୍‌ଓଙ୍କ ସ୍ତ୍ରୀ

**ଭୁବନେଶ୍ୱର, ୧୩।୭(ସୁଜିତ୍ ମିଶ୍ର)**

ରାଜ୍ୟପାଳଙ୍କ ପୁଅ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ବିବାଦ ତେଜିବାରେ ଲାଗିଛି। ଏହି ଘଟଣାରେ ରାଜନୈତିକ ଦଳଗୁଡିକ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରାଯାଉ ବୋଲି ଦାବି କରୁଥିବା ବେଳେ ଓଡିଶା ସେକ୍ରେଟେରିଏଟ ସର୍ଭିସ୍ ଆସୋସିଏସନ ମଧ୍ୟ ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ଅନ୍ୟପଟେ ବୈକୁଣ୍ଠ ପ୍ରଧାନଙ୍କ ସ୍ତ୍ରୀଙ୍କୁ ଡାକି ରାଜ୍ୟପାଳ ଶନିବାର ଆଲୋଚନା କରିଥିବା ଜଣାପଡିଛି। ଏହାସହ ସେକ୍ରେଟେରିଏଟ ଆସୋସିଏସନ ସଂଘ ସଦସ୍ୟ ଯାଇ ଭେଟିଛନ୍ତି।

ରାଜ୍ୟପାଳଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବୈକୁଣ୍ଠଙ୍କ ସ୍ତ୍ରୀ କହିଛନ୍ତି ଯେ, ରାଜ୍ୟପାଳ ଡାକିଥିଲେ ଭେଟିବାକୁ। ସେ ଆଶ୍ୱସନା ଦେଇଛନ୍ତି ନ୍ୟାୟ ଦେବେ ଏବଂ ଆମେ ନ୍ୟାୟ ଅପେକ୍ଷାରେ। ଆମର ଅଭିଯୋଗ ସମ୍ପୂର୍ଣ୍ଣ ଶୁଣିଲେ ନ୍ୟାୟ ଦେବେ କହିଛନ୍ତି, କେମିତି ନ୍ୟାୟ ଦେବେ ଦେଖାଯିବ। ରାଜ୍ୟପାଳ କ'ଣ ନ୍ୟାୟ ଦେଉଛନ୍ତି ଏବେ ତାକୁ ଅପେକ୍ଷା ରହିଲା ବୋଲି ସେ କହିଛନ୍ତି। ବୈକୁଣ୍ଠଙ୍କ ଭାଇ କହିଛନ୍ତି ଯେ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଧର୍ମୀୟ ସ୍ୱାଧୀନତା

# ଆରମ୍ଭ ହେଲା | ଇଣ୍ଡିଆ ୧୦ | ଭାଜପା ୨

**ନୂଆଦିଲ୍ଲୀ,୧୩।୭(ପି.ଟି.)**



ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ସହ ସ୍ତ୍ରୀ କମଳେଶ ଠାକୁର।

ଲୋକ ସଭା ନିର୍ବାଚନ ପରେ ପ୍ରଥମ ଥର ପାଇଁ ୭ ରାଜ୍ୟର ୧୩ଟି ବିଧାନସଭା ଆସନ ଲାଗି ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉପନିର୍ବାଚନରେ ବିରୋଧୀ ଇଣ୍ଡିଆନ୍ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)କୁ ବଡ଼ ସଫଳତା ମିଳିଛି। ଏହି ମେଣ୍ଟ ୧୦ଟି ଆସନରେ ଜିତିଥିବାବେଳେ ଭାଜପା ମାତ୍ର ୨ଟି ଆସନରେ ସୀମିତ ରହିଛି। ଅନ୍ୟ ଆସନଟି ସ୍ୱାଧୀନ ପ୍ରାର୍ଥୀଙ୍କୁ ଯାଇଛି। ଏହି ଫଳାଫଳ କେନ୍ଦ୍ରରେ କ୍ଷମତାସୀନ ଭାଜପାକୁ ଶକ୍ତ ଧକ୍କା ଦେଇଛି। ଦେଶରେ ରାଜନୈତିକ ପାଣିପାଗ ବଦଳୁଥିବା ଉପନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି ବୋଲି ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡ ଉପନିର୍ବାଚନ ଜିତିବା ପରେ କଂଗ୍ରେସ ନିଜ ପ୍ରତିକ୍ରିୟାରେ କହିଛି। ବିରୋଧୀ ଦଳଗୁଡ଼ିକ ଏହାକୁ ଦେଶରେ ମୋଦି ସରକାରଙ୍କ ଅନ୍ତର ଆରମ୍ଭ ବୋଲି କହିଛନ୍ତି।

ପଶ୍ଚିମବଙ୍ଗର ୪ ଆସନ, ହିମାଚଳପ୍ରଦେଶର ୩, ଉତ୍ତରାଖଣ୍ଡର ୨ ଏବଂ ପଞ୍ଜାବ, ମଧ୍ୟପ୍ରଦେଶ, ବିହାର ଏବଂ ତାମିଲନାଡୁର ଗୋଟିଏ ଲେଖାଏ ଆସନ ପାଇଁ ଗତ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଣ୍ଡିଆ ବ୍ଲକ୍‌ରୁ କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏବଂ ଡିଏମ୍‌କେ ପ୍ରାର୍ଥୀ ଦେଇଥିଲେ। ପଶ୍ଚିମବଙ୍ଗର ସମସ୍ତ ୪ ଆସନକୁ ଟିଏମ୍‌ସି ପୋଛି ନେଇଥିବାବେଳେ ହିମାଚଳପ୍ରଦେଶର ୩ ଆସନରୁ କଂଗ୍ରେସ ୨ଟିରେ ବିଜୟୀ ହୋଇଛି। ରାଇଗଞ୍ଜ ଆସନରେ ଟିଏମ୍‌ସିର କ୍ରିଷ୍ଣ କଲ୍ୟାଣୀ ଭାଜପାର ମାନସ କୁମାର ଘୋଷଙ୍କୁ ୫୦ ହଜାରରୁ ଅଧିକ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି। ସେହିପରି ରାଣାଘାଟ ଦକ୍ଷିଣ ଆସନରେ ଶାସକ ଦଳର ମୁକୁଟମଣି ଅଧିକାରୀ ଭାଜପାର ମନୋଜ କୁମାର ବିଶ୍ୱାସଙ୍କଠାରୁ ୭୪ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାବେଳେ ବାଗଡ଼ାରେ ଟିଏମ୍‌ସିର ମଧୁପର୍ଣ୍ଣା ଠାକୁର ମଧ୍ୟ ଭାଜପା ପ୍ରାର୍ଥୀ ବିନୟ ବିଶ୍ୱାସଙ୍କୁ ୭୪ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଟିଏମ୍‌ସି ପ୍ରାର୍ଥୀ ସୁପ୍ତି ପାଣ୍ଡେ ଭାଜପାର କଲ୍ୟାଣୀ ଚୌବେଙ୍କୁ ୬୨, ୩୧୨ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ସ୍ତ୍ରୀ କମଳେଶ ଠାକୁର ଡେହରା ଆସନରେ ବିଜୟୀ ହୋଇଛନ୍ତି। ନାଲାଗଡ଼ ଆସନରେ କଂଗ୍ରେସର ହରଦୀପ ସିଂ ବାୱା ଜିତିଥିବାବେଳେ ହମିରପୁରରେ ଭାଜପା ପ୍ରାର୍ଥୀ ଆଶିଷ ଶର୍ମା ନିର୍ବାଚିତ ହୋଇଛନ୍ତି।

ସେହିପରି ପଞ୍ଜାବର ଜଳନ୍ଧର ୱେଷ୍ଟ ଆସନରେ ଆପ୍ ପ୍ରାର୍ଥୀ ମୋହିନ୍ଦର ଭଗତ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ☞ପୃଷ୍ଠା-୪

# ବଦଳିଲା ଓମ୍‌ଫେଡ୍ କ୍ଷୀର ପ୍ୟାକେଟ ରଙ୍ଗ

**ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)**

କମଳା ରଙ୍ଗର ପ୍ୟାକେଟ୍‌ରେ ବଜାରକୁ ପରୀକ୍ଷାମୂଳକ ଭାବେ ଛଡ଼ାଯାଇଛି ଓମ୍‌ଫେଡ୍ କ୍ଷୀର। ଶନିବାରଠାରୁ ଏହି କ୍ଷୀର ପ୍ୟାକେଟ୍‌ର ଫଟୋ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ସରକାର ବଦଳିଲା ପରେ ଏବେ କ୍ଷୀରରେ ମଧ୍ୟ ଗେରୁଆ ରଙ୍ଗ ଲାଗିଲା ବୋଲି ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ଓମ୍‌ଫେଡ୍ ପ୍ୟାକେଟ୍ ନୀଳ ଓ ୨ ପ୍ରକାରର ଗୋଲାପୀ ରଙ୍ଗରେ ଉପଲବ୍ଧ ହେଉଥିଲା। ତେବେ କମଳା ରଙ୍ଗ ସଂକ୍ରାନ୍ତରେ ଓମ୍‌ଫେଡ୍ ଏମ୍‌ଡି ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଏହା ଓମ୍‌ଫେଡ୍‌ର ନୂଆ ପ୍ରଡକ୍ଟ। ପୂର୍ବରୁ ଓମ୍‌ଫେଡ୍‌ର କମଳା ରଙ୍ଗର ଟି' ସ୍ପେଶାଲ କ୍ଷୀର ମିଳୁଥିଲା। ☞ପୃଷ୍ଠା-୪






# ୪୦ ଦିନରେ ୭ ଥର ସାପ କାମୁଡ଼ା

**ଫତେହପୁର, ୧୩।୭**

ଉତ୍ତର ପ୍ରଦେଶର ଫତେହପୁରରେ ବିକାଶ ଦୁବେ(୨୪)ଙ୍କୁ ୪୦ ଦିନ ମଧ୍ୟରେ ୭ ଥର ସାପ କାମୁଡ଼ିଛି। ପ୍ରତ୍ୟେକଥର ସର୍ପାଘାତ ପରେ ସେ ଜିଲାର ଏକ ପ୍ରାଇଭେଟ ହସ୍ପିଟାଲରେ ଭର୍ତ୍ତି ହେବା ସହ ମାତ୍ର ଦିନକ ମଧ୍ୟରେ ଆରୋଗ୍ୟ ଲାଭ କରି ଘରକୁ ଫେରନ୍ତି। ତେବେ ବାରମ୍ବାର ସାପ କାମୁଡୁଥିବାରୁ ଏହାର ଚିକିତ୍ସାରେ ସେ ଅତ୍ୟଧିକ ଅର୍ଥ ହରାଇ ସାରିଥିବା ବିକାଶ କହିଛନ୍ତି। ତେଣୁ ସେ ଶୁକ୍ରବାର ଜିଲା ପ୍ରଶାସନଠାରୁ ଆର୍ଥିକ ସହାୟତା ଲାଗି ଗୁହାରି କରିଛନ୍ତି। ନବମ ଥର ସର୍ପ ଦଂଶନର ଶିକାର ହେଲେ ତାଙ୍କର ମୃତ୍ୟୁ ଘଟିବ ବୋଲି ବିକାଶ ସ୍ୱପ୍ନ ଦେଖିଥିବା ଭୟଭୀତ ହୋଇ କହିଛନ୍ତି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଫତେହପୁର ଜିଲା ପ୍ରଶାସନ ଆଲର୍ଟ ମୋଡ୍‌କୁ ଆସିଛି। ଫତେହପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ରାଜୀବ ନୟନ ଗିରି କହିଛନ୍ତି, ବିକାଶଙ୍କୁ ପ୍ରତ୍ୟକ ଶନିବାର ସାପ କାମୁଡୁଥିବାର ରିପୋର୍ଟ ମିଳିଛି। ସାପ କାମୁଡ଼ିବା ପରେ ସବୁ ଥର ସେ ସମାନ ପ୍ରାଇଭେଟ୍ ହସ୍ପିଟାଲରେ ଭର୍ତ୍ତି ହେବା ସହ ମାତ୍ର ଦିନକ ମଧ୍ୟରେ ଆରୋଗ୍ୟ ଲାଭ କରୁଛନ୍ତି, ଯାହା ଏକ ଆଶ୍ଚର୍ଯ୍ୟକର ଘଟଣା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ ପାଇଁ ଶନିବାର ୩ ଜଣିଆ ବରିଷ୍ଠ ଡାକ୍ତରଙ୍କ ଏକ ଟିମ୍ ଗଠନ କରାଯାଇଛି। ମାମଲାର ତଦନ୍ତ କରି ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଏହି ତଦନ୍ତ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ହିଁ ଘଟଣାର ସତ୍ୟତା ସାମ୍ନାକୁ ଆସିବ। ପ୍ରତି ଶନିବାର ସାପ କାମୁଡୁଥିବା ଘଟଣାକୁ ନେଇ ଗିରି କହିଛନ୍ତି, ପ୍ରକୃତରେ ବିକାଶଙ୍କୁ ସାପ କାମୁଡୁଛି ନା ତାଙ୍କ ସହ ଆଉ କ'ଣ ଘଟୁଛି ତାହା ତଦନ୍ତ ପରେ ଜଣାପଡ଼ିବ। ତଦନ୍ତରେ ବିକାଶଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ଦକ୍ଷତା ମଧ୍ୟ ପରଖାଯିବ।





## ସଂକ୍ଷେପରେ

### କେ.ପି. ଶର୍ମା ଓଲି ହେବେ ନେପାଳର ନୂଆ ପ୍ରଧାନମନ୍ତ୍ରୀ



କାଠମାଣ୍ଡୁ, ୧୩।୭(ପି.ଟି.)

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ଶୁକ୍ରବାର ଆସ୍ଥା ଭୋଟରେ ପରାଜିତ ହେବା ପରେ କେ.ପି. ଶର୍ମା ଓଲି ନୂଆ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ନୂଆ ମେଣ୍ଟ ସରକାର ସୋମବାର ଶପଥ ନେଇପାରନ୍ତି। ନୂଆ ମନ୍ତ୍ରୀମାନଙ୍କ ତାଲିକା ପ୍ରସ୍ତୁତ ପାଇଁ ଓଲି ଶନିବାର ମେଣ୍ଟ ସହଯୋଗୀ ନେପାଳୀ କଂଗ୍ରେସ ସହ ବିଚାର ବିମର୍ଶ ଚଳାଇଥିଲେ। ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ୭୨ ବର୍ଷୀୟ ଓଲିଙ୍କୁ ନେପାଳୀ କଂଗ୍ରେସ-ୟୁଏମ୍ଏଲ୍ ମେଣ୍ଟ ସରକାରର ନୂଆ ପ୍ରଧାନମନ୍ତ୍ରୀ ଭାବେ ଖୁବ୍‌ଶୀଘ୍ର ନିଯୁକ୍ତି ଦେବେ ବୋଲି ଜଣାପଡ଼ିଛି। ସୋମବାର ଓଲିଙ୍କ ନେତୃତ୍ୱରେ ଏକ ଛୋଟ ମନ୍ତ୍ରିମଣ୍ଡଳ ଶପଥ ନେବ। ପ୍ରଚଣ୍ଡ ଆସ୍ଥା ଭୋଟରେ ପରାଜିତ ହେବା ପରେ ଶୁକ୍ରବାର ରାତିରେ ଓଲି ସରକାର ଗଢ଼ିବା ପାଇଁ ରାଷ୍ଟ୍ରପତିଙ୍କ ପାଖରେ ଦାବି ଉପସ୍ଥାପନ କରିଥିଲେ।

### ୩୫,୦୦୦ ଟଙ୍କାର ଋଣ ଶୁଝିବାକୁ ନାବାଳିକା ବିକ୍ରି

ବେଙ୍ଗାଲୁରୁ, ୧୩।୭(ପି.ଟି.)

କର୍ଣାଟକର ତୁମାକୁରରେ ଜଣେ ମହିଳା ୩୫,୦୦୦ ଟଙ୍କାର ଋଣ ଶୁଝିବା ପାଇଁ ନିଜର ୧୧ ବର୍ଷୀୟା ଝିଅାରୀଙ୍କୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ବହୁ ଖୋଜାଖୋଜି ପରେ ନାବାଳିକାଙ୍କୁ ଆନ୍ଧ୍ରପ୍ରଦେଶର ହିନ୍ଦୁପୁରରୁ ଉଦ୍ଧାର କରିଛି। ଚତୁର୍ଥ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳିକାଙ୍କୁ ଗତ ଏପ୍ରିଲରେ ଗ୍ରୀଷ୍ମଛୁଟିରେ ତାଙ୍କୁ ମାଉସୀ ଘରକୁ ପଠାଇଦିଆଯାଇଥିଲା। ମାଉସୀ ଉପଯୁକ୍ତ ଯତ୍ନ ନେବେ ବୋଲି ଝିଅର ମାଆକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଜମିଦାର ଶ୍ରୀରାମୁଲୁଙ୍କଠାରୁ ନେଇଥିବା ୩୫,୦୦୦ ଟଙ୍କା ଋଣ ଶୁଝିବା ପାଇଁ ଝିଅାରୀକୁ ବିକ୍ରି କରିଦେଇଥିଲେ ବୋଲି ତୁମାକୁର ଜିଲା ଶ୍ରମ ଅଧିକାରୀ କହିଛନ୍ତି। ଶ୍ରୀରାମୁଲୁ ଉକ୍ତ ଝିଅକୁ ବନ୍ଧକ ରଖି ତାଙ୍କ ଦ୍ୱାରା ବତକ ପାଳନ କରାଉଥିଲେ।

### ବାଇଡେନ୍ କହିଲେ 'ଆଇ ଆମ୍ ଓକେ'

ୱାଶିଂଟନ, ୧୩।୭

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶନିବାର ଡେଟ୍ରାୟଟରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରିଛନ୍ତି। ଏହି ଅବସରରେ ସେ ସମ୍ପୂର୍ଣ୍ଣ ଠିକ୍ ଥିବା ସହ ଆମେରିକା ରାଷ୍ଟ୍ରପତି ନିର୍ବାଚନରୁ ଓହରୁ ନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ଚଳିତ ନିର୍ବାଚନରେ ଡେମୋକ୍ରାଟ୍ ପ୍ରାର୍ଥୀ ଭାବେ ବିଜୟୀ ହାସଲ କରିବେ ବୋଲି ବାଇଡେନ୍ କହିଛନ୍ତି। ସୂଚନାଯୋଗ୍ୟ, ବୟସାଧିକ ଓ ମାନସିକ ଅବସ୍ଥା ଠିକ୍ ନ ଥିବା ଦର୍ଶାଇ ବାଇଡେନ୍ ରାଷ୍ଟ୍ରପତି ରେସ୍‌ରୁ ଓହରିଯାଆନ୍ତୁ ବୋଲି ଏବେ ସୁଦ୍ଧା ୧୯ ଡେମୋକ୍ରାଟ୍ ସଦସ୍ୟ ଦାବି କରିଛନ୍ତି।


# କଶ୍ମୀର ଉପରାଜ୍ୟପାଳଙ୍କୁ ଅଧିକ କ୍ଷମତା

## ପିଅନ ନିଯୁକ୍ତି ପାଇଁ ନେବାକୁ ପଡ଼ିବ ଅନୁମତି

ନୂଆଦିଲ୍ଲୀ/ଶ୍ରୀନଗର, ୧୩।୭(ପି.ଟି.)

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ରେ ସଂଶୋଧନ ଆଣିଛନ୍ତି। ଫଳରେ ଏହି କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ କ୍ଷମତା ବୃଦ୍ଧି ପାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉକ୍ତ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୫୫ରେ ପ୍ରଦତ୍ତ କ୍ଷମତାକୁ ସଂଶୋଧନ କରାଯାଇଛି। ଏଥିସହିତ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ପ୍ରଶାସନିକ ନିୟମାବଳୀ, ୨୦୧୯ରେ ମଧ୍ୟ ସଂଶୋଧନ କରାଯାଇଛି। ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଲାଗି କଳ୍ପନାଜଳ୍ପନା ଲାଗିରହିଥିବାବେଳେ ଜୁଲାଇ ୧୨ରୁ ସଂଶୋଧିତ ଆଇନ କାର୍ଯ୍ୟକାରୀ ହୋଇଛି।

ସଂଶୋଧିତ ଆଇନରେ ସାମିଲ ହୋଇଥିବା ସବ୍-ରୁଲ୍ (୨ଏ) ଅନୁଯାୟୀ ପୋଲିସ, ଆଇନ ଶୃଙ୍ଖଳା, ସର୍ବଭାରତୀୟ ସେବା ଏବଂ ଦୁର୍ନୀତି ନିବାରଣ ବ୍ୟୁରୋ



କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା

ପାଇଁ ପୂର୍ବରୁ ଉପରାଜ୍ୟପାଳଙ୍କୁ ଯେପରି ଅର୍ଥ ବିଭାଗର ସହମତି ନେବାକୁ ପଡୁଥିଲା, ଏଣିକି ଆଉ ତାହା ନେବାକୁ ପଡ଼ିବ ନାହିଁ। ରୁଲ୍-୪୨ ପରେ ସାମିଲ ହୋଇଥିବା ରୁଲ୍-୪୨ଏ ଅନୁଯାୟୀ ଆଇନ, କୋର୍ଟରେ ମାମଲା ପରିଚାଳନା କରିବା ପାଇଁ ଆଡଭୋକେଟ୍ ଜେନେରାଲ ଏବଂ ତାଙ୍କୁ ସହାୟତା କରିବା ପାଇଁ ଅନ୍ୟାନ୍ୟ ଲ' ଅଫିସର ନିଯୁକ୍ତି ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ସଚିବଙ୍କ ଜରିଆରେ ନ୍ୟାୟ ଏବଂ ସଂସଦୀୟ ବ୍ୟାପାର ବିଭାଗଠାରୁ ପ୍ରସ୍ତାବ ଗୃହୀତ କରାଇବେ। ରୁଲ୍ ୪୨ବି ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁମତି ଦେବା ବା ଅଗ୍ରାହ୍ୟ କରିବା ଅଥବା ଅପିଲ୍ ଦାଏର ସମ୍ପର୍କିତ କୌଣସି ପ୍ରସ୍ତାବ ପାଇଁ ମୁଖ୍ୟ ସଚିବଙ୍କ ଜରିଆରେ ଉପରାଜ୍ୟପାଳଙ୍କ ଅନୁମୋଦନ ନେବାକୁ ହେବ।

ଉପରାଜ୍ୟପାଳଙ୍କୁ ଅଧିକ କ୍ଷମତା ଦେବା ପାଇଁ ଆଇନରେ ସଂଶୋଧନକୁ ଜମ୍ମୁ-କଶ୍ମୀରର ରାଜନୈତିକ ଦଳଗୁଡ଼ିକ ବିରୋଧ କରିଛନ୍ତି। ଉକ୍ତ କ୍ଷମତା ବଳରେ ପୋଲିସ ଏବଂ ସର୍ବଭାରତୀୟ ସେବା ଅଧିକାରୀ ସମ୍ପର୍କିତ ବିଷୟରେ ନିଷ୍ପତ୍ତି ନେଇପାରିବେ। ଏହା ଜମ୍ମୁ-କଶ୍ମୀର ଜନସାଧାରଣଙ୍କୁ କ୍ଷମତାହୀନ କରିଦେବ ବୋଲି ମୁଖ୍ୟ ଆଞ୍ଚଳିକ ଦଳ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) କହିଥିବାବେଳେ କଂଗ୍ରେସ ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି କହିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସବୁ ରାଜନୈତିକ ଦଳ ଏକାଠି ପ୍ରତିବାଦ କରିବାକୁ ଅପ୍‌ନି ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ଜମ୍ମୁ-କଶ୍ମୀରବାସୀ ନିର୍ବାଚିତ କରୁଥିବା ମୁଖ୍ୟମନ୍ତ୍ରୀ ଜଣେ କ୍ଷମତାହୀନ ରବର ଷ୍ଟାମ୍ପରେ ପରିଣତ ହେବେ। ପିଅନ ନିଯୁକ୍ତି ପାଇଁ ମଧ୍ୟ ତାଙ୍କୁ ଉପରାଜ୍ୟପାଳଙ୍କ ଅନୁମତି ନେବାକୁ ପଡ଼ିବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି। ଲୋକଙ୍କୁ କ୍ଷମତାହୀନ କରିବା ପାଇଁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କ ନିଷ୍ପତ୍ତି କ୍ଷମତାର ବ୍ୟାପକ ଦୁରୁପଯୋଗ ବୋଲି ଏନ୍‌ସି ମୁଖ୍ୟ ମୁଖପାତ୍ର ତନ୍‌ଭିର ସାଦିକ୍ କହିଛନ୍ତି। ଜମ୍ମୁ-କଶ୍ମୀରର ନିର୍ବାଚିତ ସରକାରଙ୍କୁ କ୍ଷମତାହୀନ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ପିଡିପି ଅଧ୍ୟକ୍ଷ ମେହବୁବା ମୁଫ୍‌ତିଙ୍କ ଝିଅ ତଥା ତାଙ୍କ ଗଣମାଧ୍ୟମ ଉପଦେଷ୍ଟା ଇଲ୍‌ତିଜା ମୁଫ୍‌ତି କହିଛନ୍ତି।

## କଶ୍ମୀର ଶହୀଦ ଦିବସରେ ମେହବୁବାଙ୍କ ସମେତ ବହୁ ନେତା ଗୃହବନ୍ଦୀ

ଶ୍ରୀନଗର, ୧୩।୭



ମେହବୁବା ମୁଫ୍‌ତି

କଶ୍ମୀର ଶହୀଦ ଦିବସରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ଜମ୍ମୁ-କଶ୍ମୀରର ବହୁ ରାଜନେତାଙ୍କୁ ପ୍ରଶାସନ ପକ୍ଷରୁ ଗୃହବନ୍ଦୀ ରଖାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ୧୯୩୧ ଜୁଲାଇ ୧୩ରେ ଡୋଗ୍ରା ଶାସକଙ୍କ ସୈନ୍ୟ ୨୨ ଜଣ କଶ୍ମୀରୀଙ୍କୁ ହତ୍ୟା କରିଥିଲେ। ସେଥିପାଇଁ ଉକ୍ତ ଦିନକୁ ଶହୀଦ ଦିବସ ଭାବେ ପାଳନ କରାଯାଇଥାଏ। ଶହୀଦମାନଙ୍କ ସମାଧିସ୍ଥଳ ମାଜେର-ଇ-ଶୁହାଦାକୁ ଯେପରି ରାଜନେତାମାନେ ଯାଇ ନ ପାରିବେ, ସେଥିପାଇଁ ସେମାନଙ୍କୁ ଗୃହବନ୍ଦୀ କରାଯାଇଥିବା ଅଭିଯୋଗ ହୋଇଛି। ଶ୍ରୀନଗରର ଖିମ୍ବେରସ୍ଥିତ ବାସଭବନରେ ଗୃହବନ୍ଦୀ ଥିବା ମେହବୁବା ସୋସିଆଲ ମିଡିଆ ଏକ୍ସ'ରେ ନିଜର ଅଭିଯୋଗ ଓ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ଘର ଫାଟକରେ ତାଲା ପକାଇ ଦିଆଯାଇଥିବା ପିଡିପି ନେତ୍ରୀ କହିଛନ୍ତି। ୯୨ ବର୍ଷ ପୂର୍ବେ କଶ୍ମୀରର ୨୨ ଜଣ ଶାସକଙ୍କ ଅତ୍ୟାଚାର, ଏକଛତ୍ରବାଦ ଓ ଅନ୍ୟାୟକୁ ବିରୋଧ କରି ଶହୀଦ ହୋଇଥିଲେ। ଏହି ଦିନର ଐତିହାସିକ ତଥା ସାଂସ୍କୃତିକ ଗୁରୁତ୍ୱ ରହିଛି। ଶହୀଦମାନଙ୍କ ବଳିଦାନକୁ ଏଭଳି ଚାପିଦେଇ ହେବନାହିଁ ବୋଲି ମେହବୁବା କହିଛନ୍ତି। ସେହିପରି ପିପୁଲ୍ସ କନ୍‌ଫରେନ୍ସର ଅଧ୍ୟକ୍ଷ ସାଜଦ ଲୋନ୍ ମଧ୍ୟ ଗୃହବନ୍ଦୀ ଥିବା ଅଭିଯୋଗ କରିଛନ୍ତି। ତାଙ୍କୁ କୌଣସି କାରଣ ନ ଦର୍ଶାଇ ଗୃହବନ୍ଦୀ ରଖାଯାଇଛି। ଶହୀଦଙ୍କ କବରସ୍ଥାନକୁ ଯିବାରେ ଲୋକମାନଙ୍କୁ ଅଟକାଇବାର କାରଣ କ'ଣ ସେ ବୁଝିପାରୁ ନାହାନ୍ତି ବୋଲି କହିଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସର କଶ୍ମୀର ସଭାପତି ନାସିର ଅସ୍‌ଲାମ ୱାନି ଅନୁରୂପ ପ୍ରତିବନ୍ଧକର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ବାସଭବନ ଫାଟକକୁ ତାଲା ପକାଯାଇ ପୋଲିସ ମୁତୟନ କରାଯାଇଛି। ତେବେ ଶହୀଦମାନଙ୍କ ବଳିଦାନ ସବୁବେଳେ ମନେ ରହିବ ବୋଲି ୱାନି କହିଛନ୍ତି।



ପଶ୍ଚିମବଙ୍ଗ ବିଧାନସଭାର ରାଣାଘାଟ ଦକ୍ଷିଣ ଆସନ ଉପନିର୍ବାଚନରେ ଟିଏମ୍‌ସି ପ୍ରାର୍ଥୀ ମୁକୁଟମଣି ଅଧିକାରୀ ବିଜୟୀ ହେବା ପରେ ତାଙ୍କ ସମର୍ଥକମାନେ ଶନିବାର ଉତ୍ସବ ମନାଉଛନ୍ତି।

## ପୂଜା ଖେଡ୍‌କରଙ୍କ ମାଆ ନାଁରେ ମାମଲା

### ଚାଷୀଙ୍କୁ ବନ୍ଧୁକ ଭୟ ଦେଖାଇଥିଲେ

ପୁଣେ, ୧୩।୭

ନିଜର ଅଡି କାର୍‌ରେ ନାଲିବତି ଲଗାଇବା ସହ କ୍ଷମତାର ଦୁରୁପଯୋଗ କରି ବିଭିନ୍ନ ବିବାଦରେ ଛନ୍ଦି ହୋଇଥିବା ମହାରାଷ୍ଟ୍ରର ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡ୍‌କରଙ୍କ ବିରୋଧରେ ତଦନ୍ତ ଚାଲିଥିବାବେଳେ ତାଙ୍କ ମାଆବାପା ମଧ୍ୟ ବିବାଦରେ ଫସିଛନ୍ତି। ଏକ ଜମି ବିବାଦକୁ ନେଇ ପୂଜାଙ୍କ ମାଆ ମନୋରମା ଖେଡ୍‌କର ପୁଣେର ମୁଲଶି ତହସିଲରେ ଚାଷୀମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ମନୋରମାଙ୍କ ନାଁରେ ଅସ୍ତ୍ରଶସ୍ତ୍ର ଆଇନ ବଳରେ ମାମଲା ରୁଜୁ ହୋଇଛି। ମନୋରମା ବନ୍ଧୁକ ମୁନରେ ଡରାଉଥିବାର ଭିଡିଓ ଭାଇରାଲ ହେବା ପରେ ପୁଣେ ପୋଲିସ ନିଜଆଡୁ ଏତଲା ଦାଏର କରିଛି। ସେହିପରି ଜମି ଦୁର୍ନୀତି ମାମଲରେ ପୁଣେ ପୋଲିସ ପୂଜାଙ୍କ ବାପା ଦିଲୀପ ଖେଡ୍‌କରଙ୍କ ନାଁରେ ମାମଲା ରୁଜୁ କରିଛି।

## ନିୟମ ପ୍ରଣୟନ କ୍ଷମତା ସିଆଇସିଙ୍କର ରହିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୭

ବେଞ୍ଚ୍ ଗଠନ କରିବା ଏବଂ ନିୟମ ପ୍ରଣୟନ କରିବା କ୍ଷମତା କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି)ଙ୍କର ରହିଛି। ସିଆଇସିର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ଏହାର ସ୍ୱୟଂକ୍ରିୟତା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି ବେଳେ କହିଥିଲେ, ପ୍ରଶାସନିକ ସଂସ୍ଥାଗୁଡ଼ିକ ସେମାନଙ୍କ କାର୍ଯ୍ୟକୁ ପ୍ରଭାବୀ ଢଙ୍ଗରେ କରିବାକୁ ହେଲେ ସ୍ୱୟଂକ୍ରିୟତା ଏବଂ ସ୍ୱାଧୀନତା ହେଉଛି ମୌଳିକ ଆବଶ୍ୟକତା। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ)ର ଧାରା ୧୨(୪)ରେ ପ୍ରଦତ୍ତ କ୍ଷମତାକ୍ରମେ ମୁଖ୍ୟ ସୂଚନା କମିଶନର କମିଶନ ବେଞ୍ଚ୍ ଗଠନ ଲାଗି



ନିୟମ ପ୍ରଣୟନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସିଆଇସିକୁ ଯେଉଁ ସ୍ୱତନ୍ତ୍ର କାର୍ଯ୍ୟ ଦିଆଯାଇଛି, ସେଥିପାଇଁ ନିରପେକ୍ଷତା ଏବଂ ବିଶେଷଜ୍ଞତା ଜରୁରୀ। ସେମାନେ ଅହେତୁକ ହସ୍ତକ୍ଷେପରୁ ମୁକ୍ତ ହେଲେ ଏହି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ଇସ୍ରାଏଲ୍ ଆକ୍ରମଣରେ ୭୧ ମୃତ

ଜେରୁଜେଲମ୍, ୧୩।୭

ଗାଜା ଷ୍ଟ୍ରିପ୍‌ର ଦକ୍ଷିଣ ଭାଗରେ ଇସ୍ରାଏଲ୍ ସେନା ଶନିବାର ଜୋର୍‌ଦାର ଆକ୍ରମଣ କରିଛି। ଏଥିରେ ୭୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୮୯ ଆହତ ହୋଇଛନ୍ତି। ହମାସ୍ ସାମରିକ ଶାଖାର ମୁଖ୍ୟଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍‌ର ଜଣେ ଅଧିକାରୀ କହିଛନ୍ତି। ଗତବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣର ମୁଖ୍ୟ ବିନ୍ଧାଣୀ ଏହାର ସାମରିକ ବିଭାଗ ମୁଖ୍ୟ ମହମ୍ମଦ ଡେଇଫ୍ ଥିଲେ ବୋଲି ଇସ୍ରାଏଲ୍ ବିଶ୍ୱାସ କରୁଛି। ସେଥିପାଇଁ ଇସ୍ରାଏଲୀ ସେନା ଶନିବାର ଖାନ୍ ୟୁନିସ୍‌ରେ ଜୋର୍‌ଦାର ଆକ୍ରମଣ କରିଥିଲା। ବହୁବର୍ଷ ଧରି ଇସ୍ରାଏଲ୍‌ର ମୋଷ୍ଟୱାଣ୍ଟେଡ୍ ତାଲିକା ଶୀର୍ଷରେ ଡେଇଫ୍ ରହିଆସିଛି। ସେ ଅତୀତରେ ଏକାଧିକ ଥର ଇସ୍ରାଏଲ୍‌ର ଘାତକ ଆକ୍ରମଣରୁ ଖସିଯାଇଛି। ହମାସ୍‌ର ଅନ୍ୟତମ ମୁଖ୍ୟ ରାଫା ସାଲମଙ୍କୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ତେବେ ଆକ୍ରମଣରେ ଡେଇଫ୍ ଏବଂ ରାଫାଙ୍କ ମୃତ୍ୟୁ ଘଟିଥିବା ନେଇ ଇସ୍ରାଏଲ୍ ଅଧିକାରୀ ସ୍ପଷ୍ଟ କରିନାହାନ୍ତି।

## ବିବାହ ମାମଲାରେ ଇମ୍ରାନ ନିର୍ଦ୍ଦୋଷ

ଇସ୍‌ଲାମାବାଦ, ୧୩।୭

ଅଣ ଇସ୍‌ଲାମିକ ବିବାହ ମାମଲାରେ ଶନିବାର ଇସ୍‌ଲାମାବାଦର ଏକ ସ୍ୱତନ୍ତ୍ର କୋର୍ଟ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୮ ଫେବୃଆରୀ ୧୮ରେ ଇମ୍ରାନ୍ ବୁଶ୍‌ରା ବିବିଙ୍କୁ ତୃତୀୟ ବିବାହ କରିଥିଲେ। ତେବେ ଏହା ବିରୋଧରେ ବୁଶରାଙ୍କ ପୂର୍ବତନ ସ୍ୱାମୀ ମାମଲା ରୁଜୁ କରିଥିଲେ। ପାକିସ୍ତାନରେ ଥିବା ଇସ୍‌ଲାମିକ ଆଇନ ଅନୁଯାୟୀ ଛାଡ଼ପତ୍ର ଦେବାର ୩ ମାସ ମଧ୍ୟରେ ବିବାହ କରିବା ବେଆଇନ। ବୁଶ୍‌ରା ଛାଡ଼ପତ୍ର ଦେବାର ୩ ମାସରୁ କମ ସମୟ ମଧ୍ୟରେ ଇମ୍ରାନ୍‌ଙ୍କୁ ବିବାହ କରିଥିଲେ ବୋଲି ତାଙ୍କ ପୂର୍ବତନ ସ୍ୱାମୀ ଅଭିଯୋଗ କରିଥିଲେ। ତଦନ୍ତରେ ଛାଡ଼ପତ୍ର ଦେବାର ୩ ମାସ



ଇମ୍ରାନ୍ ଖାନ୍

ପରେ ବୁଶ୍‌ରା ଇମ୍ରାନଙ୍କୁ ବିବାହ କରିଥିବା ନେଇ ସ୍ପଷ୍ଟ ହେବାରୁ ଇମ୍ରାନଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ତେବେ ଗତବର୍ଷ ମେ' ୯ରେ ଘଟିଥିବା ଏକ ହିଂସା ମାମଲାରେ ଇମ୍ରାନଙ୍କୁ ଗିରଫ କରିବା ପାଇଁ ହୋଇଥିବା ଅନୁରୋଧକୁ ଲାହୋରର ଆତଙ୍କବାଦ ନିରୋଧୀ କୋର୍ଟ ଅନୁମୋଦନ କରିଛନ୍ତି। ଫଳରେ ଇମ୍ରାନ୍ ଏବେ ମଧ୍ୟ ଜେଲରେ ରହିବେ।

## ଜଳବାୟୁ ପରିବର୍ତ୍ତନ ଯୋଗୁ ଅଧିକ ବଜ୍ରପାତ

ନୂଆଦିଲ୍ଲୀ, ୧୩।୭

ଗତ କିଛି ଦିନ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଅଧିକ ସଂଖ୍ୟାରେ ବଜ୍ରପାତ ଘଟିବା ସହ ଏହା ଘାତକ ରୂପ ନେଉଥିବାର ମଧ୍ୟ ଦେଖାଯାଇଛି। ଶୁକ୍ରବାର ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ବଜ୍ରପାତ ଯୋଗୁ ୪୩ ଜଣ ଓ ବିହାରର ବିଭିନ୍ନ ସ୍ଥାନରେ ୨୧ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରୁ କେତେକ କ୍ଷେତରେ ଧାନ ରୋପଣ କରୁଥିବାବେଳେ ଆଉ କେତେକ ଗୋରୁ ଚରାଉଥିଲେ। ସେହିପରି ବର୍ଷାରୁ ରକ୍ଷା ପାଇବା ପାଇଁ ଗଛ ତଳେ ଆଶ୍ରୟ ନେବା ସମୟରେ କିଛି ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ତେବେ ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତାପ ବଢୁଥିବାରୁ



ବିଶ୍ୱବ୍ୟାପୀ ବଜ୍ରପାତର ସଂଖ୍ୟା ବଢୁଥିବା ନେଇ ବରିଷ୍ଠ ବୈଜ୍ଞାନିକମାନେ ମତ ରଖିଛନ୍ତି। ବଜ୍ରପାତ ପାଇଁ ଅନୁକୂଳ ମେଘ ଗଠନରେ ଜଳବାୟୁ ପରିବର୍ତ୍ତନ ସହାୟକ ହୋଇଥାଏ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟର ପୂର୍ବତନ ସଚିବ ମାଧବନ ନାୟର ରାଜୀବନ କହିଛନ୍ତି। ତାପମାତ୍ରାରେ ୧ ଡିଗ୍ରୀ ସେଲସିୟସ ବୃଦ୍ଧି ଘଟିଲେ ବାୟୁର ଆର୍ଦ୍ରତା ଧାରଣ କ୍ଷମତା ୭% ବୃଦ୍ଧି ପାଇଥାଏ, ଫଳରେ ବଜ୍ରପାତ ଘଟିବାର ୧୨% ସମ୍ଭାବନା ବଢ଼ିଯାଇଥାଏ ବୋଲି ମାଧବନ କହିଛନ୍ତି। ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁ ବାୟୁର ଆର୍ଦ୍ରତା ଧାରଣ କ୍ଷମତା ବଢ଼ିଥାଏ, ଯାହା ଫଳରେ ବଜ୍ରପାତ ପାଇଁ ଅନୁକୂଳ ମେଘ ସୃଷ୍ଟି ହେଉଥିବା ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଡି. ଏସ୍. ପାଇ କହିଛନ୍ତି। ବର୍ଦ୍ଧିତ ତାପମାତ୍ରା ଯୋଗୁ ବାତ୍ୟା ସହ ବିଜୁଳି ଓ ଘଡ଼ଘଡ଼ି ଘଟିବା ନେଇ ଅଧିକ ସମ୍ଭାବନା ଥିବା ସେ କହିଛନ୍ତି। ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ବଜ୍ରପାତର ସଂଖ୍ୟାରେ ବୃଦ୍ଧି ଘଟୁଥିବା ପାଇ କହିଛନ୍ତି।

## ଫୁର୍‌ସତ୍

## ଦୈନିକ ଥରୁଟିଏ ହସିବା ବାଧ୍ୟତାମୂଳକ

ଟୋକିଓ

### ଜାପାନର ୟାମାଗାଟା ସହରରେ ନିୟମ ପାରିତ

ସାଧାରଣତଃ ବିଭିନ୍ନ ରୋଗର ଉପଶମ ପାଇଁ ହସକୁ ସର୍ବୋତ୍ତମ ଔଷଧ ଭାବରେ ବିବେଚନା କରାଯାଇଥାଏ। ତେବେ ଏହି ଉକ୍ତିକୁ ଉତ୍ତର ଜାପାନର ୟାମାଗାଟା ସହର ପ୍ରଶାସନ ଗୁରୁତର ସହ ନେଇ ଦିନକୁ ଥରଟିଏ ହସିବା ଜରୁରୀ ଦର୍ଶାଇ ଏକ ଅଧ୍ୟାଦେଶ ପାରିତ କରିଛି। ଲୋକମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଉଦ୍ଦେଶ୍ୟରେ ୟାମାଗାଟା ପ୍ରଶାସନ ଏହି ସ୍ୱତନ୍ତ୍ର ଉପାୟ ବାହାର କରିଛି। ସୁସ୍ଥ ଶରୀର ଓ ମନ ପାଇଁ ହସିବା ନିତାନ୍ତ ଆବଶ୍ୟକ ବୋଲି ୟାମାଗାଟା ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରୁ ଜଣାପଡ଼ିବା ପରେ ଶୁକ୍ରବାର ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟିର ସଦସ୍ୟମାନେ ଏହି ନିୟମ ସପକ୍ଷରେ ଭୋଟ ଦେଇ ଏହାକୁ ପାରିତ କରିଛନ୍ତି।

ୟାମାଗାଟା ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି,



ହସିବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ। ଏହା ହୃଦ୍‌ରୋଗର ସମ୍ଭାବନାକୁ ହ୍ରାସ କରିବା ସହ ମଣିଷ ଶରୀରର ଆୟୁଷ ବୃଦ୍ଧି କରିଥାଏ। ସେହିପରି ଡିପ୍ରେସନ୍‌ରେ ଥିବା ବ୍ୟକ୍ତିଙ୍କୁ କେବଳ ହସ ହିଁ ରକ୍ଷା କରିପାରିବ ବୋଲି ଏହି ଅଧ୍ୟୟନ ପ୍ରକାଶ କରିଛି। ୟାମାଗାଟା ପ୍ରଶାସନ ପକ୍ଷରୁ ପାରିତ ହୋଇଥିବା ଏହି ନିଆରା ନିୟମରେ ସମସ୍ତଙ୍କୁ ନିଜ ନିଜ ପରିବାର ମଧ୍ୟରେ ଖୁସିର ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି କର୍ମକ୍ଷେତ୍ରଗୁଡ଼ିକର ପରିବେଶକୁ ହାଲୁକା ରଖିବାକୁ ମଧ୍ୟ ଏହି ନିୟମରେ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ ଏହି ନିୟମକୁ ବହୁ ବିରୋଧର ସାମ୍ନା କରିବାକୁ ପଡ଼ିଛି। ଜାପାନ କମ୍ୟୁନିଷ୍ଟ ପାର୍ଟି ଅନୁଯାୟୀ, ଏହି ଆଇନ ମାନବ ସ୍ୱାଧୀନତାକୁ ଉଲ୍ଲଂଘନ କରୁଛି। ହସିବା କିମ୍ବା ହସିବାର ଅଧିକାର ଜାପାନ ସମ୍ବିଧାନ ଦ୍ୱାରା ଦିଆଯାଇ ନ ଥିବା ଦଳ ପକ୍ଷରୁ କୁହାଯାଇଛି। ସେହିପରି ଯେଉଁମାନେ କିଛି ଅସୁସ୍ଥତା, ଅତ୍ୟାଚାର, ସମ୍ପର୍କୀୟଙ୍କୁ ହରାଇବା ଆଦି କାରଣରୁ ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି, ସେମାନଙ୍କୁ ହସିବା ପାଇଁ କିପରି ବାଧ୍ୟ କରାଯିବ ବୋଲି କନ୍‌ଷ୍ଟିଚ୍ୟୁଶନାଲ ଡେମୋକ୍ରାଟିକ ପାର୍ଟି ପ୍ରଶ୍ନ କରିଛି।

## ସ୍ତ୍ରୀଙ୍କ ଜନ୍ମଦିନ ପାଇଁ ୬୦ ଲକ୍ଷ ଖର୍ଚ୍ଚ

ଦୁବାଇ

ଦୁବାଇକୁ ଧନୀମାନଙ୍କ ସହର କୁହାଯାଇଥାଏ। ଏଠାରେ ରହୁଥିବା ସାଉଦି-ଅଲ୍-ନାଡକ୍ ନାମ୍ନୀ ଜଣେ କୋଟିପତି ମହିଳା ଲାଇଫଷ୍ଟାଇଲ ବ୍ଲଗର ଶନିବାର ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ନିଜ ୨୬ତମ ଜନ୍ମଦିନ କିପରି ସେଲିବ୍ରେଟ କଲେ ତାହା ନିଜ ଫଲୋଅର୍ସମାନଙ୍କୁ ଜଣାଇଛନ୍ତି। ସାଉଦିଙ୍କ ଜନ୍ମଦିନକୁ ସ୍ୱତନ୍ତ୍ର ଓ ଭବ୍ୟ କରିବା ପାଇଁ ତାଙ୍କ ସ୍ୱାମୀ ୫୬ ହଜାର ପାଉଣ୍ଡ(ପ୍ରାୟ ୬୦ ଲକ୍ଷ ଟଙ୍କା) ଖର୍ଚ୍ଚ କରିଛନ୍ତି। ଏହି ବିଶେଷ ଦିନରେ ତାଙ୍କୁ କେବଳ ୨୯ ଲକ୍ଷର ଉପହାର ସହ ୧ ଲକ୍ଷ ମୂଲ୍ୟର ଡିନର ମଧ୍ୟ ସ୍ୱାମୀଙ୍କ ଦ୍ୱାରା ଭେଟି ଦିଆଯାଇଥିବା ସାଉଦି କହିଛନ୍ତି।

## ୩ ବର୍ଷରେ ଅକ୍ଷୟଙ୍କ ୭ ଫ୍ଲପ୍ ଫିଲ୍ମ

ମୁମ୍ବାଇ



ବଲିଉଡ୍ ଇଣ୍ଡଷ୍ଟ୍ରି ବ୍ୟବସାୟରେ ଅଭିନେତା ଅକ୍ଷୟ କୁମାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ସାଧାରଣତଃ ଗୋଟିଏ ବର୍ଷରେ ୪ରୁ ୫ ବଲିଉଡ୍ ଚଳଚ୍ଚିତ୍ର ରିଲିଜ୍ କରିପାରୁଥିବା ବହୁତ କମ୍ ଅଭିନେତାଙ୍କ ମଧ୍ୟରୁ ଅକ୍ଷୟ ଅନ୍ୟତମ। ସେହିପରି ପ୍ରତିବର୍ଷ ଅକ୍ଷୟଙ୍କର ପ୍ରାୟ ୨ରୁ ୩ଟି ଫିଲ୍ମ ୧୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିଥାଏ। କିନ୍ତୁ ଗତ କିଛିବର୍ଷ ହେବ ଅକ୍ଷୟ ତାଙ୍କ ଫର୍ମରେ ନାହାନ୍ତି। ୨୦୨୩ରେ ମୁକ୍ତିଲାଭ କରିଥିବା 'ଓଏମ୍‌ଜି ୨'କୁ ଛାଡ଼ି ଅକ୍ଷୟଙ୍କର ୭ଟି ଚଳଚ୍ଚିତ୍ର ଗତ ୩ ବର୍ଷ ମଧ୍ୟରେ ଫ୍ଲପ୍ ହୋଇଥିବା ନେଇ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହି ଚଳଚ୍ଚିତ୍ରଗୁଡ଼ିକ ହେଉଛି 'ବଚ୍ଚନ ପାଣ୍ଡେ', 'ସମ୍ରାଟ୍ ପୃଥ୍ୱୀରାଜ୍', 'ରକ୍ଷା ବନ୍ଧନ', 'ସେଲ୍‌ଫି', 'ମିଶନ ରାଣୀଗଞ୍ଜ', 'ରାମ ସେତୁ' ଏବଂ 'ବଡେ ମିୟାଁ ଛୋଟେ ମିୟାଁ'। ଏହି ଫ୍ଲପ୍ ଫିଲ୍ମଗୁଡ଼ିକର ବକ୍ସ ଅଫିସ କଲେକ୍ସନ ଏହାର ବଜେଟଠାରୁ କମ୍ ରହିଥିଲା। ଖାସ୍‌କରି ନିକଟରେ ରିଲିଜ୍ ହୋଇଥିବା 'ବଡେ ମିୟାଁ ଛୋଟେ ମିୟାଁ'ର ବଜେଟ ୩୦୦ କୋଟି ହୋଇଥିବାବେଳେ ଏହା ବକ୍ସ ଅଫିସରୁ ମାତ୍ର ୧୦୦ କୋଟିରୁ କମ୍ ଟଙ୍କା ସଂଗ୍ରହ କରିଥିଲା। ସେହିପରି ହିଟ୍ ହୋଇଥିବା 'ଓଏମ୍‌ଜି ୨' ଫିଲ୍ମରେ ମଧ୍ୟ ଅକ୍ଷୟଙ୍କ ଚରିତ୍ର ଖୁବ୍ କମ୍ ସମୟ ପାଇଁ ଥିଲା, ତେଣୁ ଏହାକୁ ଏକ ସ୍ପେସିଆଲ ଆପିଅରାନ୍ସ ଭାବେ ଫିଲ୍ମ ସମୀକ୍ଷକ ନେଇଛନ୍ତି। ଏଭଳି ସ୍ଥିତିରେ ଅକ୍ଷୟଙ୍କର ଫିଲ୍ମ 'ସର୍‌ଫିରା' ଶୁକ୍ରବାର ରିଲିଜ୍ ହୋଇଛି। ଏହି ଫିଲ୍ମ ଯୋଗେ ଅକ୍ଷୟ ତାଙ୍କର ପୁରୁଣା ଫର୍ମକୁ ଫେରିବେ ବୋଲି କେବଳ ତାଙ୍କର ପ୍ରଶଂସକ ନୁହନ୍ତି, ଫିଲ୍ମ ଇଣ୍ଡଷ୍ଟ୍ରିର ଅନେକ ସମୀକ୍ଷକ ମଧ୍ୟ ଆଶା ପ୍ରକଟ କରିଛନ୍ତି।




# ଟ୍ରକ୍ ପଛରେ ପିଟିଲା ତୀର୍ଥଯାତ୍ରୀ ବସ୍, ୩ ମୃତ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବେତନଟୀ(ଧରଣୀଧର ମହାନ୍ତି)/ ବୈଶିଙ୍ଗା(ରତନ ଦାଶ), ୧୩।୭**

ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ୧୮ନଂ. ଜାତୀୟ ରାଜପଥ ବୁଢ଼ୀଖମାରୀ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ ତୀର୍ଥଯାତ୍ରୀ ବସ୍ ଧକ୍କା ଦେବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ହୋଇଥିବା ୧୬ଜଣଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ବସ୍ ଡ୍ରାଇଭର ଉଦୟ ସିଂ, ଯାତ୍ରୀ ଉପାଲୟା ଓ ବି.କ୍ରାନ୍ତି।

ହାଇଦ୍ରାବାଦରୁ ତୀର୍ଥଯାତ୍ରୀ ବସ୍ ଗୟା ଅଭିମୁଖେ ଯାତ୍ରା କରୁଥିଲା। ଶନିବାର ଭୋର ୫ଟା ୩୦ରେ ବୁଢ଼ୀଖମାରୀ ଛକରେ ବସ୍ ଡ୍ରାଇଭର ଭାରସାମ୍ୟ ହରାଇ ଠିଆହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇଥିଲା। ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲକୁ ପଠାଇଥିଲେ। ଘଟଣାସ୍ଥଳରେ ବେତନଟୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ୍ ନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା(ନଂ.୨୦୪/୨୪) ରୁଜୁ କରି ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ବସ୍

## ୨ ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୭(ଅନିଲ ଦାସ)**

ହାଇଦ୍ରାବାଦରୁ ଗୟା ଯାଉଥିବା ଏକ ବସ୍ ବାରିପଦାଠାରେ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇ ୩ ଜଣ ବ୍ୟକ୍ତି ପ୍ରାଣ ହରାଇବା ସହିତ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖପ୍ରକାଶ କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଘଟଣାରେ ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ବିନା ଖର୍ଚ୍ଚରେ କରିବା ପାଇଁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସମସ୍ତ ଆହତ ବ୍ୟକ୍ତିଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଆଜି ଅପରାହ୍ନ ୫ ପରେ ସନ୍ଧ୍ୟା ଦର୍ଶନ ବନ୍ଦ

**ପୁରୀ, ୧୩।୭(ଅଜିତ୍ ମହାନ୍ତି)**

ଶ୍ରୀଗୁଣ୍ଡିଚା ମନ୍ଦିରରେ ରବିବାର ଦାରୁଦିଅଁଙ୍କ ନବମୀ ଦର୍ଶନ ତଥା ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହେବ। ଏଥିଲାଗି ଭକ୍ତଙ୍କ ପ୍ରବଳ ଗହଳି ହେବାର ସମ୍ଭାବନା ରହିଛି। ସନ୍ଧ୍ୟା ଦର୍ଶନ ପରଦିନ ଦଶମୀ ତିଥିରେ ସୋମବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ବାହୁଡ଼ା ଯାତ୍ରା ପାଇଁ ଅନେକ ଗୁପ୍ତନୀତି ନବମୀ ରାତିରେ ସମ୍ପନ୍ନ କରାଯିବ। ତେଣୁ ଚଳିତ ବର୍ଷ ସ୍ୱତନ୍ତ୍ର ନୀତି ନିମନ୍ତେ ରବିବାର ଅପରାହ୍ନ ୫ଟାରୁ ଦର୍ଶନ ବନ୍ଦ ରହିବ। ଅପରାହ୍ନ ୫ଟା ପରେ ମହାପ୍ରଭୁଙ୍କ ନୀତି ଆରମ୍ଭ ହେବ।

ଶ୍ରୀମନ୍ଦିର ପ୍ରଶାସନର ସୂଚନା ଅନୁଯାୟୀ, ୧୪ ତାରିଖରେ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ନୀତି ହେବ। ଉକ୍ତ ଦିନ ସକାଳୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଦର୍ଶନ ଚାଲିବ। ଅପରାହ୍ନ ୫ଟା ପରେ ଦର୍ଶନ ବନ୍ଦ କରାଯିବ। ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଭକ୍ତଙ୍କୁ ଅନୁରୋଧ କରାଯାଇଛି। ଦର୍ଶନ ବନ୍ଦ ଓ ଭକ୍ତମାନେ ମନ୍ଦିର ପରିସରରୁ ବାହାରିବା ପରେ ନୀତି ଆରମ୍ଭ ହେବ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମହାପ୍ରଭୁଙ୍କ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଜାରି ରହିଛି। ସୋମବାର ବାହୁଡ଼ା ଯାତ୍ରା ଥିବାରୁ ଅନେକ ଗୁପ୍ତନୀତି ଅନୁଷ୍ଠିତ ହେବ। ତେଣୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଚାଲିବ। ଏହାପରେ ଦର୍ଶନ ବନ୍ଦ ହୋଇ ନୀତି ଆରମ୍ଭ ହେବ। ଚଳିତ ବର୍ଷ ଅଧିକ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ପୂର୍ବବର୍ଷ ଅପେକ୍ଷା ଅଧିକ ୧ଘଣ୍ଟା ଅବଧି ବୃଦ୍ଧି କରାଯାଇଛି। ବାହୁଡ଼ା ପହଣ୍ଡିକୁ ଶୃଙ୍ଖଳିତ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ତେବେ ନୀତି ବିଳମ୍ବ ନେଇ ଯେଉଁ ଅଭିଯୋଗ ହେଉଛି, ତାହା ଉପରେ ଅନୁଧ୍ୟାନ କରାଯାଉଛି। ମୁଖ୍ୟତଃ ଭକ୍ତମାନେ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କୁ ପାଖରୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ତେଣୁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ରହିଥାଏ। ଦର୍ଶନ କରି ବାହାରିବାରେ ସାମାନ୍ୟ ବିଳମ୍ବ ପରିଲକ୍ଷିତ ହୋଇଥାଏ। ଭକ୍ତଙ୍କ ଭାବାବେଗ ଓ ନୀତିକାନ୍ତିକୁ ଗୁରୁତ୍ୱ ଦେଇ ସମସ୍ତ କାର୍ଯ୍ୟକୁ ଆଗେଇ ନେଉଛୁ। ଆସନ୍ତା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ହେବ ବୋଲି ଜିଲାପାଳ ସ୍ୱାଇଁ ଆଶା ପ୍ରକାଶ କରିଛନ୍ତି। ଏସ୍‌ପି ପିନାକ ମିଶ୍ର କହିଛନ୍ତି, ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ସୁବିଧା ନିମନ୍ତେ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ସେହିଭଳି ଶ୍ରୀମନ୍ଦିର ଭିତରେ ଓ ବାହାରେ ପୋଲିସ ମୁତୟନ ରହିବେ। ଭକ୍ତମାନେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବେ ଓ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ଏସ୍‌ପି ମିଶ୍ର କହିଛନ୍ତି।


ବାହୁଡ଼ା ଯାତ୍ରା ପାଇଁ ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଥିବା ତିନି ରଥ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

## ନୀଳାଦ୍ରି ବିଜେ ଯାଏ ପୁରୀରେ ରହିବେ ଉପମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର, ୧୩।୭(ଅନିଲ ଦାସ)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ରବିବାରଠାରୁ ପୁରୀ ଯାଇ ରଥଯାତ୍ରାର ଅବଶିଷ୍ଟ ରୀତିନୀତି ନିରୀକ୍ଷଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ନୀଳାଦ୍ରି ବିଜେ ସରିବା ପର୍ଯ୍ୟନ୍ତ ପୁରୀଠାରେ ଉପସ୍ଥିତ ରହି ଶ୍ରୀଗୁଣ୍ଡିଚା ଯାତ୍ରାର ଅବଶିଷ୍ଟ ରୀତିନୀତି ଯେପରି ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ଏବଂ ଶ୍ରଦ୍ଧାଳୁ ତଥା ଭକ୍ତମାନଙ୍କର କୌଣସି ଅସୁବିଧା ନ ହେବ ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଡ଼ପ ପହଣ୍ଡି ଅଘଟଣ ପରେ ମହାପ୍ରଭୁଙ୍କର ଆଗାମୀ ରୀତିନୀତିରେ ଯେପରି କୌଣସି ବିଭ୍ରାଟ ନ ହୁଏ ସେଥିପ୍ରତି ରାଜ୍ୟ ସରକାର ଅଧିକ ଯତ୍ନବାନ ହୋଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶୀ ପ୍ରତିଭା ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମୁଭି କାନ୍ ତରାଚିର ଶୁଭ ମୁହୁରତ୍, ସ୍ଥାନ: ଆଡ଼ପ ମଣ୍ଡପ, ଖାରବେଳ ନଗର ପାର୍କ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଓପେପା କର୍ମଚାରୀ ସେବା ସଂଘ ପକ୍ଷରୁ ସଭାପତିଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ଓଡ଼େଶା ଭବନ, କେଶରୀ ସିନେମା ହଲ୍ ପଛପାଖ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ୱେତ ସଙ୍କେତର ୩୬ତମ ସାରସ୍ୱତ ସମାବର୍ତ୍ତନ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା ୪୫।
- ଗଙ୍ଗାଧର ମହାପାତ୍ର ଫାଉଣ୍ଡେଶନ ପକ୍ଷରୁ ଗଙ୍ଗାଧର ମହାପାତ୍ର ସମ୍ମାନ-୨୦୨୪ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ

- ଦି ୟୁନିଭର୍ସରେ ଆଲୋଚନାଚକ୍ର ଓ କଟକ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଅନୁଷ୍ଠାନ ସମ୍ମିଳନୀ କକ୍ଷ, ମୈତ୍ରୀସରଣୀ, ସମୟ: ସନ୍ଧ୍ୟା ୬ଟା ୪୫।

## ଖୋର୍ଦ୍ଧା

- ୭ତମ କେରଙ୍ଗ ସର୍ବଧର୍ମ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: କେରଙ୍ଗ ଇଦ୍‌ଗାହ ପଡ଼ିଆ, ସମୟ: ସକାଳ ୯ଟା ୩୦।
- ବ୍ଲକସ୍ତରୀୟ ମାଟ୍ରିକ୍ ମେଧା ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବାମନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଡ଼ପ ମଣ୍ଡପ, ଜାଗୁଳିପାଟଣା, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଡ଼ପ ମଣ୍ଡପ, ଖୋର୍ଦ୍ଧା ଦୁର୍ଗ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ ପ୍ରଦର୍ଶନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ପ୍ରାତଃ ୫ଟା।
- ଦୀପ ଦୀପାବଳି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ପ୍ରାତଃ ୫ଟା ୩୦।
- ରାସଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜୀଉଙ୍କ କଲ୍‌କୀ ଅବତାର ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା ୩୦।
- ଶୟନ ଆରତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ରାତି ୮ଟା ୪୫।
- ବୃକ୍ଷରାଜ ବଟବୃକ୍ଷଙ୍କ ସହିତ ବୃକ୍ଷରାଣୀ ଅଶ୍ୱତ୍‌ଥଙ୍କର ଶୁଭ ବିବାହ ଉତ୍ସବ, ସ୍ଥାନ: ମା' ଅଳେଇ ଚଣ୍ଡୀ ପ୍ରାଙ୍ଗଣ, ଘାଟଘରସାହି, ନୀଳଗିରି।
- ମଙ୍ଗଳପାକ, ସମୟ: ସକାଳ ୭ଟା।
- ବିବାହ କର୍ମ, ସମୟ: ସକାଳ ୯ଟା।
- ପ୍ରୀତିଭୋଜନ, ସମୟ: ଅପରାହ୍ନ ୨ଟା।
- ପାଣିଗ୍ରହଣ, ସମୟ: ଅପରାହ୍ନ ୫ଟା।
- 'ଏକୋଇଶ ଏକାଙ୍କିକା'ର ପାଠକାର୍ପଣ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଚିନ୍ମୟ ମିଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଚିନ୍ମୟ ଗୁରୁପଦ ଆଶ୍ରମ, ମଧୁବନ, ବାରିପଦା, ସମୟ: ସକାଳ ୮ଟା।
- ୪୯ତମ ବାର୍ଷିକୋତ୍ସବ, ସ୍ଥାନ: ବ୍ରହ୍ମାକୁମାରୀ ଓମ୍ ଶାନ୍ତିଭବନ, ରଘୁନାଥପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ପୁସ୍ତକ 'ମହାବାହୁ' ର ଏକାଦଶତମ ବାର୍ଷିକ ଉତ୍ସବ, ସ୍ଥାନ: ସନ୍ଧାନ ହୋଲ ସଭାଗୃହ ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହନୁମାନ ବିଗ୍ରହଙ୍କ ଅଷ୍ଟତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାବା ଭୈରବ ଶଙ୍କର ଶିବ ମନ୍ଦିର, କଲେଜ ରୋଡ଼,ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ବୁଦ୍ଧ ଓ କଲ୍‌କୀ ବେଶ, ସ୍ଥାନ: ମାଉସୀମା' ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ସାନ ଜଗନ୍ନାଥ ମହାପ୍ରଭୁଙ୍କ ବୁଦ୍ଧ ଓ କଲ୍‌କୀ ବେଶ, ସ୍ଥାନ: ମାଉସୀମା' ମନ୍ଦିର, ଲାଲବଜାର, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ମେଡିକାଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପାର ଧନ୍ୟବାଦ ସମାରୋହ, ସ୍ଥାନ: କାଁପଡ଼ା, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା। ସ୍ଥାନ: ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ରୁଦ୍ରଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ଏକତାଳ, ବାହାବଳପୁର, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୁଡୁଗାଁ, ହାଟଡିହୀ, ସମୟ: ସକାଳ ୭ ଟା।
- ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ମାସିକ ହୋମଯଜ୍ଞ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ସତସଙ୍ଗ, ସ୍ଥାନ: ଡଙ୍କୁରୀ, ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା।
- ହରିହାଟ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବଡବିଲ, ସମୟ: ସନ୍ଧ୍ୟା ୬ଟା।
- ହନୁମାନଙ୍କ ମନ୍ଦିରରେ ଭଜନ, କୀର୍ତ୍ତନ, ସ୍ଥାନ: ଶାସଙ୍ଗ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ସତ୍ୟନାରାୟଣଙ୍କ ପାଲା ଉତ୍ସବ ଏବଂ ପୂଜାର୍ଚ୍ଚନା, ସ୍ଥାନ: ପନ୍ଦାଡୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୮ ଟା।

## ବ୍ରହ୍ମପୁର

- ରକ୍ତଦାନ ଶିବିର, ସ୍ଥାନ:ଭାବାନଗର, ସମୟ: ସକାଳ ୯ଟା।

## ଗଞ୍ଜାମ

- ନାମ ସଂକୀର୍ତ୍ତନ, ସ୍ଥାନ: ଭେଜିପୁଟ, ଖଲ୍ଲିକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଗନ୍ନାଥ ଭଜନ ସମାରୋହ,ସ୍ଥାନ: ବୁଗୁଡା ବଡଦାଣ୍ଡ,ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶ୍ରୀ ଜୀଉଙ୍କ ବୁଧ ଏବଂ କଲ୍‌କି ଅବତାର, ସ୍ଥାନ: ରାୟଗଡ଼ା ଗୁଣ୍ଡିଚା ମନ୍ଦିର, ସମୟ: ସକାଳ ୬ ଟା।
- ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ବୁଦ୍ଧ ଅବତାର, ସ୍ଥାନ: ରାୟଗଡ଼ାସ୍ଥିତ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ସୁନାବେଡ଼ା ସରକାରୀ ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ, ସ୍ଥାନ: ସେମିଳିଗୁଡ଼ାସ୍ଥିତ ଦେଓମାଳି ପବ୍ଲିକ ସ୍କୁଲ, ସମୟ: ସକାଳ ୯ଟା ୩୦।
- ଅମଲା ସଙ୍ଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନୟ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀ ଜୀଉଙ୍କ କଳକୀ ଅବତାର, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର, କୋରାପୁଟ, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ନବରଙ୍ଗପୁର ବିଧାୟକଙ୍କ ସମୀକ୍ଷା, ସ୍ଥାନ: ଜିଲା ସଦର ମହକୁମା ଡାକ୍ତରଖାନା ବୈଠକ ଗୃହ, ସମୟ: ସନ୍ଧ୍ୟା ୬ ଟା।

## ସମ୍ବଲପୁର

- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ସେତୁ ଅନୁଷ୍ଠାନର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ : ସମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଧାମୂର୍ତ୍ତି ସ୍ୱତନ୍ତ୍ର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଗୋବିନ୍ଦତୋଲ ମାଉସୀ ମା' ମନ୍ଦିର ସମ୍ମୁଖ । ଅଇଁଠାପାଲି ଶୁଭଶ୍ରୀ ବିହାର ସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖ, ସମୟ : ଅପରାହ୍ନ ୫ଟା।
- କଲମ ଅନୁଷ୍ଠାନ ପକ୍ଷରୁ କବିତା ଆସର, ସ୍ଥାନ : ସମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।
- ହୁଟାପଡା ଠାକୁରଙ୍କ ରାଜା ବେଶ, ସ୍ଥାନ : କୁଞ୍ଜେଲପଡା ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୬ଟା।
- ବରିହା ଠାକୁରଙ୍କ ରାଜା ବେଶ, ସ୍ଥାନ : ନନ୍ଦପଡା ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ବ୍ରହ୍ମପୁରା ଠାକୁରଙ୍କ ରାଜା ବେଶ, ସ୍ଥାନ : ଝାଡୁଆପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଦଧିବାମନ ଠାକୁରଙ୍କ ରାଜା ବେଶ, ସ୍ଥାନ : ମହାନ୍ତିପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ସତ୍ୟବାଦୀ ଠାକୁରଙ୍କ ରାଜା ବେଶ, ସ୍ଥାନ : ହାଟପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ମଦନମୋହନ ଠାକୁରଙ୍କ ରାଜା ବେଶ, ସ୍ଥାନ : ଦଲେଇପଡା ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଲିଆଖାଇ ଠାକୁରଙ୍କ ରାଜା ବେଶ, ସ୍ଥାନ : ଦଲେଇପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ସାକ୍ଷୀଗୋପୀନାଥ ପଡା ସ୍ଥିତ ରଧାମଦନ ଗୋପାଳ ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର,ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର

- ସୋନପୁର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ କଲ୍‌କି ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ଅପରାହ୍ନ ୫ଟା।
- ସୋନପୁର ବୃନ୍ଦାବନ ବିହାରୀ ମନ୍ଦିରରେ ଶ୍ରୀଜୀଉଙ୍କ କଲ୍‌କି ଅବତାର, ସ୍ଥାନ: ବୃନ୍ଦାବନ ବିହାରୀ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ସେକ୍ଟର-୮, ସମୟ: ସକାଳ ୮ଟା।
- ନଳକୂପ ପାଇଁ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଆଲୋଚନା, ସ୍ଥାନ: ଉଦିତନଗର,ସମୟ: ପୂର୍ବାହ୍ନ ୧୦ଟା।
- ଗୁଣ୍ଡିଚା ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୫ଟା।
- ଆରାଧ୍ୟା ପକ୍ଷରୁ ପ୍ରସାଦ ବଣ୍ଟନ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ଜଗନ୍ନାଥ ସଂସ୍କୃତି ଆଧାରିତ ଆଲୋଚନା,ସ୍ଥାନ:ସେକ୍ଟର-୭,ସମୟ: ସନ୍ଧ୍ୟା ୬ଟା୩୦।

## ବରଗଡ଼

- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସକାଳ ୭ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମଚାରୀ ମାଉଲି ମନ୍ଦିର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ନାଟିକା ସଂକଳନ ଷଟ୍ ନାଟିକା ଉନ୍ମୋଚନ, ସ୍ଥାନ: ଗାନ୍ଧୀ ଭବନ ସଭାକକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଗୁଣ୍ଡିଚା ମନ୍ଦିର ପରିସର, କାଠଡ଼େରା, ଅତାବିରା, ସମୟ: ଅପରାହ୍ନ ୪ଟା।
- ରଥଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି

- ପବିତ୍ର ରଥଯାତ୍ରା ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଭଜନ ସମାରୋହ, ସ୍ଥାନ: ମାଉସୀ ମା' ମନ୍ଦିର, ଭବାନୀପାଟଣା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବ୍ରିଜ ଛକ, ବୌଦ୍ଧ, ସମୟ: ସକାଳ ୬ଟା।
- ଘଣ୍ଟପଡା ଡାକ୍ତରଖାନାରେ ରକ୍ତଦାନ ଶିବିର, ସ୍ଥାନ: ଘଣ୍ଟାପଡା ସ୍ୱାସ୍ଥ୍ୟକେନ୍ଦ୍ର ପରିସର , କଣ୍ଟାମାଳ, ସମୟ: ସକାଳ ୯ଟା।
- ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଛାସାହି, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ, ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟବସାୟିକ ଛତୁ ଚାଷ ସମ୍ପର୍କରେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଡ଼ପ ମଣ୍ଡପ ଦର୍ଶନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ଅପରାହ୍ନ ୫ଟା ୩୦।
- ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଯାଦବ ସମ୍ମିଳନୀ, ସ୍ଥାନ: କୋମନା ବ୍ଲକ ତରବୋଡ ଯାଦବ ଭବନ ପରିସର, ସମୟ: ସକାଳ ୧୦ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକର କୁରେଶ୍ୱର ଉଦ୍ୟାନବନ୍ଧ, ସମୟ: ଅପରାହ୍ନ ୪ଟା୩୦।

## ଝାରସୁଗୁଡ଼ା

- ଆଗାମୀ ମହରମ ପର୍ବ ପାଇଁ ମସଜିଦରେ ବୈଠକ, ସ୍ଥାନ: ସହରସ୍ଥିତ ମଙ୍ଗଳ ବଜାର ଓ ତେଲିଭଟା ମସଜିଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଜଗନ୍ନାଥଙ୍କ ନବମୀ ଦର୍ଶନ, ସ୍ଥାନ: ସହରସ୍ଥିତ କୁକୁରଝଙ୍ଗା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଆଡ଼ପ ମଣ୍ଡପରେ ସାନ୍ଧ୍ୟ ଦର୍ଶନ, ସ୍ଥାନ: ଢେଙ୍କାନାଳ ବାଜିଚୌକ ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀଗୁଣ୍ଡିଚା ଭଜନ ସମାରୋହର ୮ମ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସନ୍ଧ୍ୟା ୬ଟା୩୦।

## ଜଗତ୍‌ସିଂହପୁର

- ପାରାଦୀପ ନଗର ଭାଜପା ପକ୍ଷରୁ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ୧୧ଟା।
- ଉଦୟନ୍ତୁ ପତ୍ରିକା ପକ୍ଷରୁ ଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନାଚକ୍ର, ସ୍ଥାନ: ମାଉସୀ ମା' ମନ୍ଦିର, ଆନନ୍ଦ ବଜାର ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ , ସମୟ: ଅପରାହ୍ନ ୪ଟା।
- ନବମୀ ସନ୍ଧ୍ୟା ଦର୍ଶନରେ ଗରୁଡ଼ ଗୋବିନ୍ଦ ବେଶ, ସ୍ଥାନ:ନୟାଗଡ଼ ମାଉସୀମା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ନବମୀ ଦର୍ଶନ, ସ୍ଥାନ:ନୟାଗଡ଼ ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଦଶପଲ୍ଲା ସହର ସାତପାଟଣା, ସମୟ:ସନ୍ଧ୍ୟା ୭ଟା୩୦ ।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ:ମାଉସୀମା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ:ସନ୍ଧ୍ୟା ୭ଟା।

## ଯାଜପୁର

- ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ କଟକ ସାଇ ଗଣେଶ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ, ସ୍ଥାନ: ଧର୍ମଶାଳା ହାଟପଡ଼ିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ଅନନ୍ୟା ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଭଜନ ପରିବେଷଣ, ସ୍ଥାନ: ଯାଜପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ସନ୍ଧ୍ୟା ଦର୍ଶନ ଓ ଭଜନ ସନ୍ଧ୍ୟା, ସ୍ଥାନ: ରସୁଲପୁର ବ୍ଲକ୍‌ର ବଡ଼ ଗୋବିନ୍ଦପୁରସ୍ଥିତ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅର୍ଥନୈତିକ ଅଭିବୃଦ୍ଧି ମନକୁ ଖୁସି ରଖିବ। ଯାତ୍ରା ପ୍ରୀତିପ୍ରଦ ରହିବା ସହ ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସୁନାମ ଅର୍ଜନ କରିବେ। ଦୀର୍ଘଦିନ ହେଲା ଯାହା ମନରେ ଭାବୁଥିଲେ ଆଜି ସେହି କାମ ହାସଲ ହୋଇଯିବ। ଅଶ୍ୱିନୀ ନକ୍ଷତ୍ରର ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବେ। ମୃଗଶିରା ନକ୍ଷତ୍ରର ଅର୍ଥାଭାବର ସାମ୍ନା କରିପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। ହୋଟେଲ, ରେଷ୍ଟୁରାଣ୍ଟ, ଯାନ୍ତ୍ରିକ ଜିନିଷ, ଯାନବାହନ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ମିଥୁନ** ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଅନ୍ୟମାନଙ୍କୁ ପାଖେଇ ଆଣିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପୁନର୍ବସୁ ନକ୍ଷତ୍ରର ଯାତ୍ରା, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ପୁଷ୍ୟା ନକ୍ଷତ୍ର ସକାଶେ ଆଜି ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ କାମର ଚାପ ବ୍ୟଥାର କାରଣ ହେବ। ବନ୍ଧୁଙ୍କ ସାହାଯ୍ୟ ଅର୍ଥଲାଭ କରାଇଲେ ମଧ୍ୟ ପାରିବାରକ କ୍ଷେତ୍ରକୁ ବିପଦସଙ୍କୁଳ କରିପାରେ। ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ପ୍ରଶାସନ, ନିର୍ମାଣ କ୍ଷେତ୍ରରେ ସହଯୋଗ ଓ ଉଚ୍ଚ ସମ୍ମାନ ପାଇ ଖୁସି ହେବେ।

**ସିଂହ** ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଅଳ୍ପ ସମୟ ପାଇଁ ହେଉ ପଛେ କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ଆନୁଷ୍ଠାନିକ ତଥା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରିପାରନ୍ତି।

**କନ୍ୟା** କୌଣସି ବ୍ୟକ୍ତି ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ତୁଳା** ଚିତ୍ରା ନକ୍ଷତ୍ର ସକାଶେ ଆଜି ଅଶାନ୍ତ ମନର ବହୁବିଧ ଭାବନା ମନକୁ ଚିନ୍ତିତ କରାଇବ। ପ୍ରଶାସନିକ ସ୍ତରରେ ସମାଧାନର ସରଳସୂତ୍ର ବାହାର କରିବାରେ ସମର୍ଥ ହେବେ। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ଆଶଙ୍କା ରହିଛି।

**ବିଛା** ଅନୁରାଧାର ମାନସିକ ଅସ୍ଥିରତା କାରଣରୁ ଯାହା ଭାବୁଥିବେ କରିବା ବେଳକୁ ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କଳା, ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା ତଥା କଳା ସମସ୍ୟା ସମାଧାନ ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ଦିନଟି ପ୍ରତ୍ୟେକ ଦିଗରୁ ଲାଭଦାୟକ ମନେ ହେଲେ ମଧ୍ୟ ସମସ୍ୟା ଲାଗିରହିବ। ମୂଳା ନକ୍ଷତ୍ର ପାଇଁ କ୍ଷଣକୋପର କୁପ୍ରଭାବଜନିତ ଭଲ ସମ୍ପର୍କ କ୍ଷଣିକ ମଧ୍ୟରେ ମିଳାଇ ଯାଇପାରେ। ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଆକସ୍ମିକ ପାରିବାରିକ ସମସ୍ୟା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** କୌଣସି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିବାକୁ ପଡ଼ିପାରେ। ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ଧନିଷ୍ଠା ନକ୍ଷତ୍ରର ବାହାର ସ୍ଥାନରେ ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ବନ୍ଧୁଙ୍କ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଶତଭିଷା ନକ୍ଷତ୍ର ପ୍ରିୟଜନଙ୍କ ନିକଟରୁ ଖୁସି ଖବର ପାଇପାରନ୍ତି। ରାଜନୀତି, ସାମ୍ବାଦିକତା, ପ୍ରଶାସନ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ସଙ୍ଗୀତ ଚର୍ଚ୍ଚା, ବକ୍ତୃତା, ସଭାସମିତି, କ୍ରୀଡ଼ା କୌଶଳ ପ୍ରଦର୍ଶନଜନିତ ପ୍ରଶଂସିତ ହେବେ।

**ମୀନ** ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ସୂଚନା ରହିଛି। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହୋଇପାରିବେ। ରେବତୀ ନକ୍ଷତ୍ରର ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଅଭାବ ନଥିଲେ ମଧ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମନ ଅଶାନ୍ତ ରହିବ।

ଆଜି ଜୁଲାଇ ୧୪ ତାରିଖ, ଆଷାଢ଼ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ରବିବାର, ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ, ଦୋଅଡ଼ା ଭୋଗ, ଆଡ଼ପମଣ୍ଡପରେ ଶ୍ରୀଜୀଉଙ୍କ ନବମୀ ସନ୍ଧ୍ୟା ଦର୍ଶନ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ୦୮।୪୨ମି. ଗତେ, ତୁଳାଚନ୍ଦ୍ର, ଅଷ୍ଟମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୭।୦୪ ଗତେ ଘ.୦୯।୪୧ ମଧ୍ୟେ, ସକାଳ ଘ.୦୧।୩୦ମି. ଗତେ ଘ.୦୨।୧୫ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୭ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ ।।

ପ୍ରଥମ ପୃଷ୍ଠାରୁ...

## ନର୍ସିଂହୋମ୍‌ରେ ନିଆଁ, ...

ପାର୍କିଂ ବ୍ୟବସ୍ଥା, ଜରୁରିକାଳୀନ ପ୍ରସ୍ଥାନ ବ୍ୟବସ୍ଥା ନାହିଁ। ତେଣୁ ଏହି ନର୍ସିଂହୋମକୁ କିଭଳି ଭାବେ କାର୍ଯ୍ୟକ୍ଷମ ନିମନ୍ତେ ଅନୁମତି ମିଳିଥିଲା ବୋଲି ପ୍ରଶ୍ନ ଉଠିଛି। କଟକ ଡିସିପି ପ୍ରକାଶ ଆର୍, ଜୋନ-୬ ଏସିପି ସ୍ୱସ୍ତିକ୍ ପଣ୍ଡା, ପୁରୀଘାଟ ଥାନା ଅଧିକାରୀ ଯତୀନ୍ଦ୍ରନାଥ ସେଠୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାସହ ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୋସ, ମେୟର ସୁବାସ ସିଂ, କଂଗ୍ରେସ ବରିଷ୍ଠ ନେତା ମହମ୍ମଦ ମୋକିମ୍, ପୂର୍ବତନ କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ପହଞ୍ଚି ଘଟଣାର ତଦନ୍ତ ଦାବି କରିଛନ୍ତି। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ କହିବାନୁସାରେ, ଘରୋଇ ହସ୍ପିଟାଲରେ ଅଗ୍ନିକାଣ୍ଡକୁ ଆୟତ୍ତ କରାଯାଇଛି। ସମ୍ପୃକ୍ତ ହସ୍‌ପିଟାଲର ବୈଧ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ରହିଛି। ମାତ୍ର କେଉଁ ପରିସ୍ଥିତିରେ ଅଗ୍ନିକାଣ୍ଡ ଘଟିଲା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଥିବା ସତ୍ତ୍ୱେ କାହିଁକି ତାହାର ଉପଯୋଗ ହୋଇପାରିଲା ନାହିଁ ତାହାର ତଦନ୍ତ କରାଯିବ ବୋଲି ଷଡ଼ଙ୍ଗୀ କହିଛନ୍ତି। ତ୍ରିଶା ହସ୍ପିଟାଲ ମ୍ୟାନେଜର ଜ୍ଞାନେନ୍ଦ୍ର ସାମଲ କହିଛନ୍ତି, ନର୍ସିଂହୋମରେ ନିଆଁ ଲାଗିନାହିଁ। ଶର୍ଟସର୍କିଟ ଯୋଗୁ ଏସିରୁ ଧୂଆଁ କେବଳ ବାହାରିଛି। ନର୍ସିଂହୋ୍‌ରେ ଧୂଆଁ ଖେଳିଯିବାରୁ ରୋଗୀ ଓ ସମ୍ପର୍କୀୟ ଭୟଭୀତ ହୋଇପଡ଼ିଛନ୍ତି। ଅଗ୍ନିନିରାପତ୍ତା ବ୍ୟବସ୍ଥା ଥିବାରୁ ବଡ଼ ବିପଦରୁ ବର୍ତ୍ତିଯାଇଛୁ ବୋଲି ସାମଲ କହିଛନ୍ତି। ଅନ୍ୟପଟେ ଅଗ୍ନିଶମ ବିଭାଗର ଆସିଷ୍ଟାଣ୍ଟ ଅଫିସର ସଞ୍ଜୀବ କୁମାର ବେହେରା କହିଛନ୍ତି, ନର୍ସିଂହୋମର କାର୍ଯ୍ୟାଳୟରେ ନିଆଁ ଲାଗିଥିଲା। ନିଆଁ ଧୀରେ ଧୀରେ ବଢ଼ିବାରୁ ଧୂଆଁ ଚାରିଆଡ଼େ ଖେଳିଯାଇଥିଲା। ଫଳରେ ରୋଗୀ ଓ ସମ୍ପର୍କୀୟ ଭୟଭୀତ ହୋଇପଡ଼ିଥିଲେ। ଅଗ୍ନିଶମ ବିଭାଗର ୨୫ ଜଣ କର୍ମଚାରୀ ନିଆଁ ଲିଭା ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିଲେ ବୋଲି ବେହେରା କହିଛନ୍ତି। ସୂଚନାଥାଉକି କେବଳ ଏହି ନର୍ସିଂହୋମ୍ ନୁହେଁ, ସହରରେ ଗଳିକନ୍ଦି ଏବଂ ସଂକୀର୍ଣ୍ଣ ରାସ୍ତାକଡ଼ରେ ଥିବା ଶତାଧିକ ଘରୋଇ ସ୍ୱାସ୍ଥ୍ୟ ଅନୁଷ୍ଠାନ ଏଭଳି ଅବସ୍ଥାରେ ଥିବାରୁ ରୋଗୀଙ୍କ ଜୀବନ ପ୍ରତି ବିପଦ ରହୁଛି। କିଛି ଦିନ ପୂର୍ବେ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ପରେ ଏକ ଘରୋଇ ହସ୍ପିଟାଲ ଉପରେ ସ୍ୱାସ୍ଥ୍ୟ ବିଭାଗ ଚଢ଼ାଉ କରିଥିଲା। ସହରର ସମସ୍ତ ହସ୍ପିଟାଲର ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ଯାଞ୍ଚ କରିବା ଏବଂ ପଞ୍ଜୀକରଣ ବା ରିନ୍ୟୁଆଲ ହୋଇ ନ ଥିବା ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ଯାଞ୍ଚ କେଉଁଥିପାଇଁ କରାଯାଉନାହିଁ ସେ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନ କରାଯାଉଛି।

## ଆଜି ଖୋଲିବ ...

ରହିବେ ତାହା ମଧ ସରକାର ଚୂଡ଼ାନ୍ତ କରିସାରିଛନ୍ତି। ପ୍ରତ୍ୟେକ କାର୍ଯ୍ୟ ବିଧିବ୍ୟବସ୍ଥା ଅନୁସାରେ କରାଯିବ । ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ସଂଖ୍ୟା, ଗୁଣାତ୍ମକ ମାନ, ଓଜନ ଓ ଫଟୋଚିତ୍ର ସମ୍ବଳିତ ଡିଜିଟାଲ କାଟାଲଗ୍ ମଧ ପ୍ରସ୍ତୁତ କରାଯିବ, ଯାହାକି ଭବିଷ୍ୟତ ପାଇଁ ଏକ ରେଫରେନ୍ସ ଡକ୍ୟୁମେଣ୍ଟ ଭାବେ ଉପଯୋଗ କରିହେବ । ଏହି ସମସ୍ତ ପ୍ରକ୍ରିୟାରେ ଧାର୍ମିକ ଭାବାବେଗ, ସ୍ୱଚ୍ଛତା ଓ ପାରଦର୍ଶିତାକୁ ଗୁରୁତ୍ୱ ଦିଆଯିବ। ଏ ନେଇ ପ୍ରସ୍ତୁତ ଏସ୍‌ଓପି ମନ୍ଦିର ପ୍ରଶାସନକୁ ଦିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଆବଶ୍ୟକତା ଅନୁସାରେ କାର୍ଯ୍ୟ କରିବାକୁ କୁହାଯାଇଛି। ରତ୍ନଭଣ୍ଡାର ଖୋଲିବା ସଂକ୍ରାନ୍ତ ଏସ୍‌ଓପି ଚୂଡ଼ାନ୍ତ ପାଇଁ ବୈଠକ ବସି ସରକାରଙ୍କ ପକ୍ଷରୁ ବିଭିନ୍ନ ଦିଗ ଉପରେ ତର୍ଜମା କରାଯାଇଛି। ଏହିସମସ୍ତ ପ୍ରକ୍ରିୟାର ସୁପରିଚାଳନା ପାଇଁ ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ଓପିରେ ସବୁକଥା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। କେଉଁ କମିଟି କ'ଣ କାର୍ଯ୍ୟ କରିବ ତାହା ମଧ ଉଲ୍ଲେଖ ରହିଛି। ଗଣତି ସମୟରେ ରିଜର୍ଭ ବ୍ୟାଙ୍କର ପ୍ରତିନିଧି ଉପସ୍ଥିତ ମଧ ରହିବେ। ସେହିଭଳି ଭିତର ରତ୍ନଭଣ୍ଡାରକୁ କେଉଁମାନେ ଯିବେ ତାହା ମଧ ଚୂଡ଼ାନ୍ତ ହୋଇଛି। ବିଭିନ୍ନ କମିଟିରେ ମନ୍ଦିର ପରିଚାଳନା ସଦସ୍ୟ, ସେବାୟତ, ଏଏସ୍‌ଆଇ ପ୍ରତିନିଧି, ରିଜର୍ଭ ବ୍ୟାଙ୍କ ପ୍ରତିନିଧିଙ୍କୁ ସାମିଲ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏସବୁ କମିଟିର ସୁପରିଚାଳନା ଦାୟିତ୍ୱ ତୁଲାଇବେ ବୋଲି ମନ୍ତ୍ରୀ କହିଛନ୍ତି। ଗତଥର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି କାର୍ଯ୍ୟ ପାଇଁ ୭୦ରୁ ୭୨ ଦିନ ସମୟ ଲାଗିଥିଲା। ଚଳିତଥର ଟେକ୍ନୋଲୋଜିରେ ସୁଧାର ଆସିଛି। ମାତ୍ର ଏହି କାର୍ଯ୍ୟ ପାଇଁ କେତେଦିନ ସମୟ ଲାଗିବ ତାହା କହିବା ଏବେ ସମ୍ଭବପର ନୁହେଁ । ଏହି ମରାମତି ଓ ଗଣତିମଣତି ଯୋଗୁ ମହାପ୍ରଭୁଙ୍କ ଦର୍ଶନ କିମ୍ବା ନୀତିକାନ୍ତିରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ତେବେ ରତ୍ନଭଣ୍ଡାର ଖୋଲିବା ଓ ଗଣତିମଣତି ଏକ ସମ୍ବେଦନଶୀଳ ପ୍ରସଙ୍ଗ । ମହାପ୍ରଭୁଙ୍କ ନୀତି ତଥା ଧାର୍ମିକ ଭାବନା ସହ ଜଡ଼ିତ ଥିବାରୁ କିଛି କଥା ଲୁକ୍କାୟିତ ରହିବା ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି । ବିଜେଡି ସରକାରକୁ ସମାଲୋଚନା କରି ସେ କହିଛନ୍ତି ଯେ ଗୋଟିଏ ସରକାର ୨୪ ବର୍ଷ ଶାସନରେ ରହି ମଧ ରତ୍ନଭଣ୍ଡାର ଖୋଲିପାରିଲେ ନାହିଁ । ଭାଜପା ସରକାର ମାତ୍ର ମାସକ ମଧରେ ମହାପ୍ରଭୁଙ୍କ ଆଶୀର୍ବାଦରେ ରତ୍ନଭଣ୍ଡାର ଖୋଲିବାକୁ ଯାଉଛନ୍ତି। ଶ୍ରୀମନ୍ଦିର ସହ ଜଡ଼ିତ ବିଭିନ୍ନ ରିପୋର୍ଟକୁ ତାଙ୍କ ସରକାର ସାର୍ବଜନୀନ କରିବେ । ଏଥିସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ମଧ ନେବେ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା ନେଇ ଆଉ ଏକ ବୈଠକ ବସିବ। ସେଠାରେ ସବୁ ଆବଶ୍ୟକତା ସମ୍ପର୍କରେ ଆଲୋଚନା ହେବ। ଅପରାହ୍ନ ୧ଟା ପରେ ଶୁଭ ସମୟ ଆସୁଛି, ୧ଟା ପରେ ଖୋଲାଯିବ। ଯାହା ଆଶା କରୁଛୁ ଗୋଟାଏରୁ ସାଢ଼େ ଗୋଟାଏରେ ଖୋଲାଯିବ। ଚାବିରେ ଯଦି ତାଲା ନ ଖୋଲେ, ତା'ହେଲେ ତାଲା ଭଙ୍ଗାଯାଇ ଖୋଲାଯିବ। ତାଲା ଭାଙ୍ଗିବା ପାଇଁ ତାଲା ଭଙ୍ଗା ଟିମ୍ ଡକାଯାଇଛି। ସ୍ନେକ୍ ହେଲ୍ପଲାଇନ ଓ ମେଡିକାଲ ଟିମ୍ ମଧ ଉପସ୍ଥିତ ରହିବେ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଭିତରକୁ ଯିବାକୁ ପଡ଼ିପାରେ। କେଉଁମାନେ ଭିତରକୁ ଯିବେ ସେନେଇ ମଧ ଏସ୍‌ଓପି ହୋଇଛି। ତଦାରଖ କମିଟିର ୨ ଜଣ, ଜିଲାପାଳ, ତାଲା ଭଙ୍ଗା ଟିମ୍ ଯିବେ। ଏଏସ୍‌ଆଇ ଟିମ୍, ଭଣ୍ଡାର ମେକାପ, ତଡ଼ଉକରଣ ମଧ ଯିବେ। ରତ୍ନ ଅଳଙ୍କାର ରଖିବା ପାଇଁ ମନ୍ଦିର ଭିତରେ ସ୍ଥାନ ଚିହ୍ନଟ ହୋଇସାରିଛି। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ରତ୍ନଭଣ୍ଡାର ଯାଞ୍ଚ ପାଇଁ ଗଠିତ ଜଷ୍ଟିସ ଅରିଜିତ୍ ପଶାୟତ କମିଟିକୁ ଭାଙ୍ଗି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଜଷ୍ଟିସ ରଥଙ୍କ କମିଟି ସରକାରଙ୍କୁ ରତ୍ନଭଣ୍ଡାର ଖୋଲିବା ପାଇଁ ସୁପାରିସ କରିଥିଲେ। ଉକ୍ତ କମିଟିର ତଦାରଖରେ ରତ୍ନଭଣ୍ଡାର ଖୋଲା ଓ ଗଣତିମଣତି କାର୍ଯ୍ୟ ସମ୍ପାଦନ ହେବ। ରାଜ୍ୟ ସରକାର ଏହି ପ୍ରକ୍ରିୟା ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦବୀରୁ ମଧ ବରିଷ୍ଠ ଆଇଏଏସ୍ ଅଫିସର ବୀରବିକ୍ରମ ଯାଦବଙ୍କୁ ହଟାଇ ଅରବିନ୍ଦ ପାଢ଼ୀଙ୍କୁ ନିଯୁକ୍ତି ଦେଇଛନ୍ତି।

## ରାଜ୍ୟପାଳଙ୍କ ନ୍ୟାୟକୁ ...

ସେଦିନର ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଏଥିଲାଗି ଆମେ ସମସ୍ତେ ଦୁଃଖିତ ଥିଲୁ। ଏ ବାବଦରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଥିଲୁ। ସେ ସମୟ ଅଭାବରୁ ସବୁ କଥା ଜାଣି ନ ଥିଲେ। ଆମ ଠାରୁ ସବୁକଥା ପ୍ରାୟ ଏକ ଘଣ୍ଟା ଧରି ଶୁଣିଥିଲେ। ମୁଖ୍ୟମନ୍ତ୍ରୀ ସବୁକଥା ଶୁଣିବା ପରେ ରାଜ୍ୟପାଳ ଡାକିଥିଲେ। ଭାଇ, ଭାଉଜ ଏବଂ ମୁଁ ଯାଇଥିଲୁ। ଯାହା ବି ଘଟଣା ହେଇଥିଲା ଏଥିଲାଗି ଜଣେ ସଦସ୍ୟ ଭୁଲ୍ ମାଗିଲେ। ରାଜ୍ୟପାଳ ଏହାପରେ କହିଲେ, ଏହା ହେଉଛି ରା୍‌ଜ୍ୟର ସମ୍ମାନ, ଏ ବାବଦରେ ନିଶ୍ଚିତ ପଦକ୍ଷେପ ନିଆଯିବ। ଏଥିପାଇଁ ୨ରୁ ୩ ଦିନ ସମୟ ମାଗିଛନ୍ତି। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱସନା ମିଳିଥିବା ବୈକୁଣ୍ଠଙ୍କ ଭାଇ କହିଛନ୍ତି। ଅନ୍ୟପଟେ ଓଡିଶା ସେକ୍ରେଟେରିଏଟ ସର୍ଭିସ୍ ଆସୋସିଏସନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଏସ୍‌ଏସ୍ କ୍ୟାଡରର ଏଏସ୍‌ଓଙ୍କ ପ୍ରତି ହୋଇଥିବା ଆକ୍ରମଣ ବିରୋଧରେ ଠିକ୍ ଭାବେ କାର୍ଯ୍ୟାନୁଷ୍ଠାନ ହେଉ। ରାଜଭବନ ଭିତରେ ଜଣେ ଏଏସ୍‌ଓଙ୍କୁ କରାଯାଇଥିବା ଆକ୍ରମଣ ବିରୋଧରେ ଯାହା ଖବରପ୍ରସାରଣ ପାଇଛି ତାହା ଅତ୍ୟନ୍ତ ଦୁଃଖଦାୟକ। ଆମେ ଆପଣଙ୍କ ରାଜ୍ୟ ସେକ୍ରେଟେରିଏଟ ଅଧିନରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀ। ଏହି ସଂଘ ସବୁବେଳେ ରାଜ୍ୟ ସରକାରଙ୍କ କର୍ମଚାରୀ ସରକାରୀ କାମ ସମୟରେ ଯେଉଁମାନେ କୌଣସି ପ୍ରକାର ଆକ୍ରମଣର ଶୀକାର ହୋଇଛନ୍ତି ସେମାନଙ୍କ ପାଇଁ ଠିଆ ହୋଇଆସିଛି। ହେଲେ ରାଜ୍ୟପାଳଙ୍କ ଭଳି ଜଣେ ଏତେବଡ ପଦରେ ଥିବା ବ୍ୟକ୍ତିଙ୍କ ପୁଅ ଯାହା ଘଟାଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଏହି ଘଟଣାକୁ ତର୍ଜମା କରି ଅଭିଯୁକ୍ତଙ୍କ ବିରୋଧରେ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସଂଘ ଦାବି କରିଛି। ଅନ୍ୟପଟେ କଂଗ୍ରେସ ବରିଷ୍ଠ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ରାଜ୍ୟପାଳଙ୍କ ପୁଅକୁ ଗିରଫ କର। ଜଣେ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ରାଜ୍ୟପାଳଙ୍କ ପୁଅ ଏବଂ ତାଙ୍କ ସହଯୋଗୀଙ୍କୁ ମଧ ଗିରଫ କରିବା ଦରକାର। ଯଦି ତୁରନ୍ତ ସେମାନଙ୍କୁ ଗିରଫ ନ କରାଯାଏ ତେବେ ଏକଥା ବିଧାନସଭାରେ ଉଠିବ ବୋଲି ତାରା କହିଛନ୍ତି।

## ବଦଳିଲା ଓମ୍‌ଫେଡ୍ ...

ମାତ୍ର ତାହାର ଭଲ ବିକ୍ରି ହେଉ ନ ଥିଲା। ଏହି ପ୍ରଡକ୍ଟ ହେଉଛି ତାହାର ହାୟର ଭର୍ସନ। ଏଥିରେ ଅଧିକ ଫ୍ୟାଟ୍ ରହିଛି, ଯାହାକୁ ଗୃହିଣୀ, ଚା ଦୋକାନୀ ସମସ୍ତଙ୍କୁ ପସନ୍ଦ ଆସିବ। ଆମର ପ୍ରତିଯୋଗୀଙ୍କ ପାଖରେ ଏହି ଗୁଣ ଓ ମାନର କ୍ଷୀର ନାହିଁ। ବର୍ତ୍ତମାନ ତାହାର ମାର୍କେଟ ଟ୍ରାଏଲ କରାଯାଉଛି। ସରକାରଙ୍କ ସହ ଆଲୋଚନା କରିବା ପରେ ଆସନ୍ତା ୧୦/୧୫ ଦିନ ଭିତରେ ବଜାରକୁ ନିୟମିତ ଭାବେ ଛଡାଯିବ।

## ଆରମ୍ଭ ହେଲା...

ଭାଜପା ପ୍ରାର୍ଥୀଙ୍କୁ ୩୭,୩୨୫ ଖଣ୍ଡ ଭୋଟରେ ହରାଇ ନିର୍ବାଚିତ ହୋଇଛନ୍ତି। ତାମିଲନାଡୁରେ ଶାସକ ଡିଏମ୍‌କେ ପ୍ରାର୍ଥୀ ଅନିୟୁର ଶିବା ବିକ୍ରଭାନ୍ଦି ଆସନରେ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏନ୍‌ଡିଏ ସହଯୋଗୀ ଦଳ ପଟ୍ଟଲି ମାକ୍କଲ କାଟଚିର ଅମ୍ବୁମଣି ସିଙ୍କୁ ୬୭,୭୫୭ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଉତ୍ତରାଖଣ୍ଡର ବଦ୍ରିନାଥ ଆସନରେ କଂଗ୍ରେସ ପ୍ରାର୍ଥୀ ଲଖପତ ସିଂ ବୁଟୋଲା ଜିତିଥିବାବେଳେ ମଙ୍ଗଲାଉର ଆସନରେ ଉକ୍ତ ଦଳର କାଜି ମହମ୍ମଦ ନିଜାମୁଦ୍ଦିନ ବିଜୟୀ ହୋଇଛନ୍ତି। ମଧ୍ୟପ୍ରଦେଶର ଅମରଓବାରା ଆସନରେ ଭାଜପା ପ୍ରାର୍ଥୀ କମଲେଶ ପ୍ରତାପ ଶାହା ବିଜୟୀ ହୋଇଥିବାବେଳେ ବିହାରର ରୁପାଉଲି ଆସନରେ ସ୍ୱାଧୀନ ପ୍ରାର୍ଥୀ ଶଙ୍କର ସିଂ ନିର୍ବାଚିତ ହୋଇଛନ୍ତି।




# ବାଡ଼ିରୁ ମିଳିଲା ହାତୀ ମୃତଦେହ


ହାତୀର ମୃତଦେହ

ମୋରଡ଼ା,୧୩।୭
(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଟିଆଖାଇ ନିକଟରେ ଜଣକ ବାଡ଼ିରୁ ହାତୀର ମୃତଦେହ ଜବତ ହୋଇଛି। ହାତୀର ବୟସ ୬ ହେବ। ବିଦ୍ୟୁତ୍ ତାର ଲାଗି ହାତୀଟିର ମୃତ୍ୟୁ ହୋଇଥିବା ବନବିଭାଗ ଅନୁମାନ କରୁଛି। ତଦନ୍ତ ହେବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି। ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ନାକିଚୁଆ ସେକ୍ସନରେ କିଛି ଦିନ ହେବ ୯ ଟିକିଆ ହାତୀପଲ ବୁଲୁଛନ୍ତି। ଟିଆଖାଇ ନିକଟରେ ଜଣକ ବାଡ଼ିରେ ଶନିବାର ଭୋର ସମୟରେ ଏକ ହାତୀର ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ଫସଲ ସୁରକ୍ଷା ପାଇଁ ବାଡ଼ିରେ ଗୁଡ଼ାଯାଇଥିବା ତାର ଲାଗି ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବର ପାଇ ଡିଏଫ୍ଓ ଉମା ମାହେଶ, ଏସ୍‌ସିଏଫ ରବିନାରାୟଣ ମହାନ୍ତି, ରେଞ୍ଜର, ଫରେଷ୍ଟଗାର୍ଡ ଛତିଶ ଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ଜେନା ପ୍ରମୁଖ ପ୍ରାଣୀ ଚିକିତ୍ସକ ଓ ସାଇଣ୍ଟିଫିକ ଟିମ୍ ସହିତ ପହଞ୍ଚି ହାତୀର ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପାଖ ଜଙ୍ଗଲରେ ପୋତି ଦିଆଯାଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ରାଞ୍ଚିରୁ ନନ୍ଦନକାନନ ଆସିଲେ ୧୮ ପ୍ରାଣୀ

ବାରଙ୍ଗ,୧୩।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନର ପ୍ରାଣୀଙ୍କ ମଧ୍ୟରେ ନୂଆ ରକ୍ତ ସମ୍ପର୍କ ସୃଷ୍ଟି ଓ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରିବା ଲକ୍ଷ୍ୟ ନେଇ ପ୍ରାଣୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଆଧାରରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ରାଞ୍ଚିର ଭଗବାନ ବିର୍ସା ପ୍ରାଣୀ ଉଦ୍ୟାନ ଓ ନନ୍ଦନକାନନ ମଧ୍ୟରେ ପ୍ରାଣୀ ଅଦଳବଦଳ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ପ୍ରଥମକରି ବନ୍ୟପ୍ରାଣୀ ଚିକିତ୍ସକ, ବନପାଳ, ବନରକ୍ଷୀ ଓ ପ୍ରାଣୀ ରକ୍ଷକଙ୍କ ସମେତ ରାଞ୍ଚିରୁ ଆସିଥିବା ଏକ ଦଳ ନନ୍ଦନକାନନରୁ ଗତ ମଙ୍ଗଳବାର ଗୋଟିଏ ମାଈ ଧଳା ବାଘ, ୪ ଗୁରାଣ୍ଡି, ୪ ଶାଳିଆପତନି, ୨ ଭାରତୀୟ କୋକିଶିଆଳି, ୨ ଧୂସର ଦଦରାହନା ପକ୍ଷୀ, ୨୦ ଅନ୍ଧାରୀ ବଗ, ୨୦ ବାଜେଣୀ ପକ୍ଷୀକୁ ମିଶାଇ ସମୁଦାୟ ୫୩ ପ୍ରାଣୀ ନେଇ ଫେରିଥିଲେ। ଏହି ଦଳ ସହ ନନ୍ଦନକାନନର ଏକ ୯ ଜଣିଆ ଦଳ ରାଞ୍ଚି ଅଭିମୁଖେ ମଧ୍ୟ ଯାତ୍ରା କରିଥିଲା। ଏହି ଦଳ ଶନିବାର ସେଠାରୁ ଗୋଟିଏ ମାଈ କଳା ଲୋମଯୁକ୍ତ ବାଘ, ଗୋଟିଏ ମାଈ ସାଧାରଣ ବାଘ, ୩ ଅଣ୍ଡିରା ଓ ୧ ମାଈ ହେଟାବାଘ, ୫ ଅଣ୍ଡିରା ଓ ୫ ମାଈ ଭାରତୀୟ ଝିଙ୍କ, ୨ ଅଣ୍ଡିରା ନୀଳଗାଈଙ୍କୁ ମିଶାଇ ସମୁଦାୟ ୧୮ଟି ପ୍ରାଣୀ ସାଙ୍ଗରେ ନେଇ ନନ୍ଦନକାନନରେ ପହଞ୍ଚିଛି। ନୂଆ ଅତିଥିମାନେ ନନ୍ଦନକାନନରେ ପହଞ୍ଚିବା ପରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇ ୧୦ନଂ. ଫାଟକ ପାଖରେ କରାଯାଇଥିବା କ୍ୱାରେଣ୍ଟାଇନରେ ଡାକ୍ତରଙ୍କ ନଜରବନ୍ଦୀରେ ରଖାଯାଇଛି।



# ମା' କୀଚକେଶ୍ୱରୀଙ୍କ ବିଗ୍ରହରେ ଫାଟ

ବାରିପଦା,୧୩।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଅଧିଷ୍ଠାତ୍ରୀ ଦେବୀ ବହଳଦାସ୍ଥିତ ମା' କୀଚକେଶ୍ୱରୀ ମନ୍ଦିରରେ ଅଘଟଣକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ମନ୍ଦିରେ ପୂଜା ପାଉଥିବା ବିଗ୍ରହରେ ଫାଟ ସୃଷ୍ଟି ହେବା ପରେ କାରିଗରଙ୍କ ଦ୍ୱାରା ମରାମତି କରାଯାଇ ଶନିବାର ପୂଜାର୍ଚ୍ଚନା କରାଯାଇଛି। ତେବେ ଏଭଳି ଘଟଣା ଜିଲାବାସୀଙ୍କୁ ଯନ୍ତ୍ରଣା ଦେଇଛି।

ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ମା'ଙ୍କ ବିଗ୍ରହରେ ଫାଟ ପରିଲକ୍ଷିତ ହୋଇଥିଲା। ଘଟଣାକୁ ଲୁଚାଇ ରଖି ମନ୍ଦିର ସେବାୟତ ଓ ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। କେସନା ଗ୍ରାମର ମୂର୍ତ୍ତି କାରିଗରମାନେ ଆସି ମା'ଙ୍କ ବିଗ୍ରହରେ ହୋଇଥିବା ଫାଟକୁ ମରାମତି କରିଥିଲେ। କାର୍ଯ୍ୟ ଶେଷ ହେବା ପରେ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ତେବେ ଶନିବାର ପୂଜାର୍ଚ୍ଚନା କରିବାକୁ ଯାଇଥିବା ଭକ୍ତମାନେ ଠାକୁରଙ୍କ ରୀତିନୀତି ଓ ଉପଚାରକୁ ଦେଖି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଜିଲାବାସୀ ଦାବି କରିଛନ୍ତି।

# ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

କଣିହାଁ,୧୩।୭
(ସଚ୍ଚିଦାନନ୍ଦ ପ୍ରଧାନ)


ଦୟାନିଧି ପ୍ରଧାନ

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମର ଜଣାଶୁଣା ସଂକୀର୍ତ୍ତନ ଗୁରୁ ଦୟାନିଧି ପ୍ରଧାନ (୮୫)ଙ୍କ ଶନିବାର ପରଲୋକ ହୋଇଯାଇଛି। 'ଧରିତ୍ରୀ'ର କଣିହାଁ ବ୍ଲକ ପ୍ରତିନିଧି ତଥା ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପ୍ରଧାନଙ୍କର ସେ ହେଉଛନ୍ତି ପିତା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଭୋର୍ ୪ଟା ୩୦ରେ ଏନ୍‌ଟିପିସି ମେଡିକାଲରେ ତାଙ୍କର ବିୟୋଗ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଫୁଲଚାନ୍ଦ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ଝିଅ ସବିତା ପ୍ରଧାନ, ସଂଯୁକ୍ତା ପ୍ରଧାନ, ନମିତା ପ୍ରଧାନ, ଅନିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଂକୀର୍ତ୍ତନ ଗୁରୁ ଦୟାନିଧିଙ୍କ ପରଲୋକ ଖବର ଜଣାପଡ଼ିବା ପରେ କଣିହାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯିବା ପରେ ବାଙ୍ଖୁଲୀ ନାଳ ନିକଟରେ ସତ୍କାର କରାଯାଇଥିଲା। ସାନ ପୁଅ ସଚ୍ଚିଦାନନ୍ଦ ମୁଖାଗ୍ନି ଦେଇଥିଲେ।

# ମାଲକାନଗିରି ମେଡିକାଲରେ ଜଣଙ୍କର ମୃତ୍ୟୁ

## କୋପ୍ରା ଗାଁରେ ଝାଡ଼ାବାନ୍ତି ଘଟଣା

ମାଥିଲି,୧୩।୭(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ କର୍ତ୍ତନପାଲି ପଞ୍ଚାୟତ କୋପ୍ରା ଗାଁ ମାଡିସାହିରେ ୧୭ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଥିରୁ ଗୁରୁତର ୪ଜଣଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶନିବାର ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ନରସିଂହ ସମରଥ। ଅନ୍ୟ ୫ଜଣ ଗାଁରେ ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ମାଥିଲି ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଅମିୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଜିଲାସ୍ତରୀୟ ଏକ ସ୍ୱତନ୍ତ୍ର ଟିମ୍‌ରେ ଜନସ୍ୱାସ୍ଥ୍ୟ ଅଧିକାରୀ ଏ. ହୁସେନ, ଡାକ୍ତର ଦୁର୍ଗାପ୍ରସାଦ ରାଜ ଓ ଅନ୍ୟମାନେ ଗାଁରେ ପହଞ୍ଚି କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପୁଛି ସେ ନେଇ ଅନୁସନ୍ଧାନ କରୁଛନ୍ତି । ତେବେ ପ୍ରାଥମିକ ତଦନ୍ତ ଅନୁଯାୟୀ ବିଷାକ୍ତ ଛତୁ କିମ୍ବା ଦୂଷିତ ପାଣି ବ୍ୟବହାର ଯୋଗୁ ଝାଡ଼ାବାନ୍ତି ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ତଥାପି ନଳକୂଅଗୁଡ଼ିକର ପାଣି ନମୁନା ସଂଗ୍ରହକରି ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ମାଥିଲି ଉପଖଣ୍ଡ ଚିକିତ୍ସାଧିକାରୀ ଡା.ସ୍ୱାଇଁ ସୂଚନା ଦେଇଛନ୍ତି।

# ୟୁନିଫର୍ମ ସର୍ଭିସ ଉତ୍ସର୍ଗୀକୃତ ସେବାର ପ୍ରତୀକ ହେଉ: ମୁଖ୍ୟମନ୍ତ୍ରୀ

## ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ପାସିଂଆଉଟ୍ ପରେଡ

ଭୁବନେଶ୍ୱର,୧୩।୭(ଅନିଲ ଦାସ)



ୟୁନିଫର୍ମ ସର୍ଭିସରେ ନିଜର ବ୍ୟକ୍ତିଗତ ଜୀବନରେ ଅନେକ ତ୍ୟାଗ ଦେବାକୁ ପଡ଼ିଥାଏ। ସାଧାରଣ ନାଗରିକ, ମା, ଭଉଣୀ ଏବଂ ପିଲାମାନଙ୍କର ସୁରକ୍ଷା ଆମ ଉପରେ ନିର୍ଭର କରେ। ଏ କ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠା ସହିତ ଉତ୍ତମ ବ୍ୟବହାର ପୋଲିସର ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିବାରେ ସହାୟକ ହୁଏ। ୟୁନିଫର୍ମ ସର୍ଭିସକୁ ଜନସାଧାରଣଙ୍କ ଉତ୍ସର୍ଗୀକୃତ ସେବାର ଏକ ପ୍ରତୀକ ଭାବେ ପ୍ରତିଫଳିତ କରିବା ପାଇଁ ପୋଲିସ ବାହିନୀକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ପଡ଼ିବ। ଶନିବାର ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ସଶସ୍ତ୍ର ପୋଲିସ ସବ୍ ଇନ୍ସପେକ୍ଟରମାନଙ୍କ ପାସିଂଆଉଟ୍ ପରେଡରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳା ରକ୍ଷା ଓ ମାଓବାଦୀ ମୁକାବିଲାରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦୀର୍ଘଦିନର ଅବିଶ୍ରାନ୍ତ କଠିନ ପରିଶ୍ରମ ସହ ମୌଳିକ ତାଲିମ ସମ୍ପୂର୍ଣ୍ଣ କରି ୧୧୩ ଜଣ ସଶସ୍ତ୍ର ଶିକ୍ଷାନବିସ ପୋଲିସ୍ ସବ୍‌ଇନ୍ସପେକ୍ଟର ପାସିଂଆଉଟ କରୁଛନ୍ତି। ଏହି ଅବସରରେ ସେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଟ୍ରେନି ଅଫିସରମାନଙ୍କ ମାତାପିତା ଓ ପରିବାରର ସଦସ୍ୟମାନେ ସେମାନଙ୍କୁ ପୋଲିସ ସେବାରେ ଉତ୍ସର୍ଗୀକୃତ ହେବା କ୍ଷେତ୍ରରେ ନିରନ୍ତର ସମର୍ଥନ କରି ଆସିଛନ୍ତି। ସେଥିପାଇଁ ସେମାନେ ମଧ୍ୟ ଧନ୍ୟବାଦର ପାତ୍ର। ଏକାଡେମୀର ମୌଳିକ ତାଲିମ ଜରିଆରେ ଏହି ଅଧିକାରୀମାନେ ଯଥେଷ୍ଟ ବୃତ୍ତିଗତ ଜ୍ଞାନକୌଶଳ ଓ ଦକ୍ଷତା ହାସଲ କରିଥିବେ। ଏହା ସେମାନଙ୍କ ଦୈନନ୍ଦିନ ସେବା କାର୍ଯ୍ୟରେ ଖୁବ୍ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

ନିଜ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନିଜ ପରିବାର ସଦସ୍ୟ ଭାବରେ ବିବେଚନା କରିବା ସହିତ ସେମାନଙ୍କ କଲ୍ୟାଣ ପ୍ରତି ଯତ୍ନବାନ ହେବାକୁ ପଡ଼ିବ। କଠିନରୁ କଠିନ ଆହ୍ୱାନ ପାଇଁ ପ୍ରସ୍ତୁତ ହେବା ଉଚିତ। ଓଡ଼ିଶାର ସ୍ପେଶାଲ ଅପରେଶନ୍ ଗ୍ରୁପ୍ ହେଉଛି ଦେଶର ମାଓବାଦୀ ମୁକାବିଲା ନିମନ୍ତେ ସବୁଠାରୁ ଉତ୍ତମ ଓ ଉଚ୍ଚକୋଟୀର ସୁରକ୍ଷା ବଳ। ଏହି ଅଧିକାରୀମାନଙ୍କ ଦକ୍ଷତା ମାଓବାଦୀ ବିରୋଧୀ ଅଭିଯାନରେ ଓଡ଼ିଶା ପୋଲିସକୁ ଆହୁରି ଗୌରବାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦିଶା ନିର୍ଦ୍ଦେଶରେ ଓ ଭାରତ ସରକାରଙ୍କ ଅକୁଣ୍ଠ ସହଯୋଗରେ ବାମପନ୍ଥୀ ଉଗ୍ରବାଦ ମୁକାବିଲାରେ ଓଡ଼ିଶା ପୋଲିସ ସଫଳତାର ସହ ଉତ୍ତମ ପ୍ରଦର୍ଶନ କରିଆସୁଛି। ମାଓବାଦୀଙ୍କ ବିସ୍ତାର ଏବଂ ପ୍ରଭାବ ହ୍ରାସପାଇଛି। ତଥାପି ଆହ୍ୱାନ ରହିଛି। ପୋଲିସ ବାହିନୀ ନିଜର କାର୍ଯ୍ୟଦକ୍ଷତା ବଳରେ ମାଓବାଦୀ ମୁକାବିଲାର ନେତୃତ୍ୱ ନେଇ ରାଜ୍ୟକୁ ମାଓବାଦୀମୁକ୍ତ କରିବେ ବୋଲି ସେ ଦୃଢ଼ ଆଶାପ୍ରକାଶ କରିଛନ୍ତି।

ପୋଲିସ ଆଧୁନିକୀକରଣ ଓ ପୋଲିସ ବ୍ୟବସ୍ଥାର ସଂସ୍କାର ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପୋଲିସ କର୍ମଚାରୀଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ସରକାର ଅବଗତ ଅଛନ୍ତି। ପୋଲିସ ପାଇଁ କଲ୍ୟାଣମୂଳକ ପଦକ୍ଷେପ ନେବା ପାଇଁ ଓଡ଼ିଶା ସରକାର ଯତ୍ନବାନ ରହିବେ। ଏହାସହିତ କର୍ମଚାରୀ ଅଭାବ ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ପୋଲିସ ପ୍ରଶିକ୍ଷଣକୁ ଆହୁରି ଗତିଶୀଳ ଓ ଲୋକାଭିମୁଖୀ କରିବା ପାଇଁ ସରକାର ଆଗାମୀ ଦିନରେ ବିଭିନ୍ନ ସାହାଯ୍ୟ ଓ ପ୍ରୋତ୍ସାହନ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୂତନ ଆପରାଧିକ ଆଇନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଢ଼ଶହ ବର୍ଷର ଔପନିବେଶବାଦର ମାନସିକତାକୁ ପ୍ରୋତ୍ସାହନ ଦେଉଥିବା ବ୍ରିଟିଶ ଅମଳର ଆପରାଧିକ ଆଇନକୁ ପରିବର୍ତ୍ତନ କରି ମୋଦିଙ୍କ ସରକାର ନୂତନ ଭାରତର ନୂତନ ଆଇନ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ପ୍ରଚଳନ କରି ଆପରାଧିକ ଆଇନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି। ନ୍ୟାୟ ଓ ନାଗରିକଙ୍କୁ ପ୍ରାଧାନ୍ୟ ଦିଆଯାଇ ଏହି ନୂତନ ଆଇନ ଆଗାମୀ ଦିନରେ ଲୋକଙ୍କୁ ନ୍ୟାୟ ଦେବାରେ ସହାୟକ ହେବ। ୨୦୨୧-୨୨ରେ ଦେଶର ସର୍ବଶ୍ରେଷ୍ଠ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ ଭାବରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଟ୍ରଫି ହାସଲ କରି ଏହି ଏକାଡେମୀ ଜାତୀୟ ସ୍ତରରେ ଗୌରବ ଅର୍ଜନ କରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୋଲିସ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ଟ୍ରେନି ଅଫିସରମାନଙ୍କ ଉଚ୍ଚପ୍ରଶଂସା କରିଥିଲେ। ନୂଆ ସରକାରଙ୍କ ଭାବଧାରା ଓ କାର୍ଯ୍ୟ ପ୍ରଣାଳୀକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉପଦେଶ ପୋଲିସ ବାହିନୀ ନିଷ୍ଠାର ସହ ପାଳନ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିରୀକ୍ଷକ, ତାଲିମ, ସାଇନି ଏସ୍, ଏକାଡେମୀର ପ୍ରଶିକ୍ଷକ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

ଏଠାରେ ସୂଚନାଯୋଗ୍ୟ, ୧୧୩ ଜଣ ସଶସ୍ତ୍ର ପୋଲିସ ସବ୍‌ଇନ୍ସପେକ୍ଟରଙ୍କ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ହୋଇଛି। ସେମାନେ ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବେ।



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ । ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଯୁଆଳି କାନ୍ଧରେ ବହନ କରିବାକୁ ପଡେ । କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା । କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା । -ଶ୍ରୀଅରବିନ୍ଦ

ପର୍ଶୁରାମାଷ୍ଟମୀ ଓ ନବମୀର ସନ୍ଧ୍ୟା ଦର୍ଶନ



# ଧର୍ମୀୟ ସ୍ୱାଧୀନତା



ଆକାର ପଟେଲ

ଭାରତୀୟମାନଙ୍କର ଧର୍ମୀୟ ସ୍ୱାଧୀନତା ଅଛି କି? ଅର୍ଥାତ୍ ସେମାନେ ଅନ୍ୟମାନଙ୍କୁ ସେମାନଙ୍କର ଧର୍ମକୁ ନିମନ୍ତ୍ରଣ କରିବାର ଅଧିକାର ଏବଂ ସେମାନଙ୍କର ଧର୍ମକୁ ସହଜରେ ଛାଡ଼ିବାର ଅଧିକାର ଅଛି କି? ଉତ୍ତରରେ ସମ୍ବିଧାନ ହଁ କହେ, କିନ୍ତୁ ଆଇନଗୁଡ଼ିକ ନା କହେ । ଭାରତ ଏକ ଅଦ୍ଭୁତ ଦେଶ, ଯେଉଁଠି ପ୍ରୋପାଗେଶନ ବା ପ୍ରଚାର ହେଉଛି ଉଭୟ ମୌଳିକ ଅଧିକାର ଏବଂ ଆପରାଧିକ ଦୋଷ । ନିର୍ଦ୍ଦିଷ୍ଟ କରାଯାଇଥିବା ଏକ ମୌଳିକ ଅଧିକାର ଦେଶ ବା ବ୍ୟବସ୍ଥାର ଅନଧିକାର ହସ୍ତକ୍ଷେପରୁ ଉଚ୍ଚ ସ୍ତରର ସୁରକ୍ଷା ଉପଭୋଗକୁ ଦର୍ଶାଏ । କିନ୍ତୁ ଭାରତରେ ଧାରା ୨୫ (ଧର୍ମକୁ ସ୍ୱାଧୀନ ଭାବରେ ସ୍ୱୀକାର ଏବଂ ପ୍ରଚାର କରିବା ଅଧିକାର) ଏପରି ସୁରକ୍ଷା ଧାରଣ କରେ ନାହିଁ । ପ୍ରକୃତରେ ସମ୍ବିଧାନ କହେ, ପ୍ରଚାର କରିବା ଆମର ସ୍ୱାଧୀନତା । କିନ୍ତୁ ଆମେ ଯେତେବେଳେ ତାହା କରୁ ପୋଲିସ ପହଞ୍ଚି ଆମକୁ ସେଠାରୁ ତଡ଼ିଦିଏ । ଚଳିତ ବର୍ଷ ୧୧ ଜୁଲାଇରେ ଏକ ଖବର ପ୍ରକାଶ ପାଇଥିଲା, ଯେଉଁଥିରେ ଆଲ୍ଲାହାବାଦ ହାଇକୋର୍ଟ ଶ୍ରୀନିବାସ ରଭ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଜାମିନକୁ ଖାରଜ କରି କହିଥିଲେ ଯେ, ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କ ଧର୍ମ ଗ୍ରହଣ, ପାଳନ ଏବଂ ପ୍ରଚାର କରିବାର ମୌଳିକ ଅଧିକାର ପ୍ରଦାନ କରେ । ତଥାପି ନୈତିକ ବିଚାର ଏବଂ ଧର୍ମୀୟ ସ୍ୱାଧୀନତାର ବ୍ୟକ୍ତିଗତ ଅଧିକାରକୁ ଧର୍ମ ପରିବର୍ତ୍ତନ କରିବାର ସାମୂହିକ ଅଧିକାର ଗଠନ ପାଇଁ ବିସ୍ତାର କରାଯାଇପାରିବ ନାହିଁ ।

ନେପାଳ ଧର୍ମ ପରିବର୍ତ୍ତନକୁ ଅନୁମତି ଦେଇ ନ ଥିବାବେଳେ ପାକିସ୍ତାନରେ ଭାରତ ଭଳି ସମାନ କଟକଣା ସହ ସମାନ କଥା କୁହାଯାଇଛି । ଏହି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପାକିସ୍ତାନରେ ପ୍ରକୃତରେ ଧର୍ମୀୟ ସ୍ୱାଧୀନତା ନାହିଁ, ଯେପରି ସଙ୍କୋଚ ପର୍ଯ୍ୟବେକ୍ଷକ ସିଦ୍ଧାନ୍ତ ଯେ ଭାରତରେ ତାହା ନାହିଁ । କିନ୍ତୁ ଯେଉଁମାନେ ସମ୍ବିଧାନ ଲେଖିଥିଲେ ସେମାନଙ୍କର ଏହି ଉଦ୍ଦେଶ୍ୟ ନ ଥିଲା । ୬ ଡିସେମ୍ବର ୧୯୪୮ରେ ଧର୍ମୀୟ ସ୍ୱାଧୀନତା ଉପରେ ସମ୍ବିଧାନ ସଭାରେ ବିତର୍କ ହୋଇଥିଲା । ସଂଖ୍ୟାଲଘୁ କମିଟି ଏବଂ ମୌଳିକ ଅଧିକାର ଉପରେ ଗଠିତ କମିଟିର ବୈଠକ ପରେ ବିତର୍କ ହୋଇଥିଲା, ଯେଉଁଥିରେ ଏହି ବିଷୟରେ ବିସ୍ତୃତ ଆଲୋଚନା ହେବା ସହ ଆଜିର ଧାରା ୨୫ ଲେଖାଯାଇଥିଲା । ଏଥିରେ ଉଲ୍ଲେଖ ମୁଖ୍ୟ ଶବ୍ଦ ହେଉଛି 'ପ୍ରଚାର', ଯାହା ଅଭିଧାନରେ ବିସ୍ତାର ଏବଂ ପ୍ରୋତ୍ସାହନ ଓ ସୃଷ୍ଟିକୁ ଦର୍ଶାଏ । ଯେଉଁ ପ୍ରସଙ୍ଗରେ ଏହି ଶବ୍ଦ ଉପରେ ଭାରତର ସାମ୍ବିଧାନ ସଭାରେ ବିତର୍କ ହୋଇଥିଲା, ତାହା ଥିଲା ବିଶେଷ ଭାବରେ ଖ୍ରୀଷ୍ଟିଆନଙ୍କ ଦ୍ୱାରା ହେଉଥିବା ଧର୍ମ ପରିବର୍ତ୍ତନ ଉପରେ । ସାମ୍ବିଧାନିକ ଚିଠା ପ୍ରସ୍ତୁତ କରିଥିବା ଗୋଷ୍ଠୀ ମଧ୍ୟରେ ଥିବା ଗୁଜରାଟର କେ.ଏମ୍. ମୁନ୍ସୀ 'ପ୍ରଚାର' ଶବ୍ଦ ବିଷୟରେ କହିଥିଲେ, 'ମୁଁ ଜାଣେ ଏହି ଶବ୍ଦ ଉପରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ସର୍ବାଧିକ ଗୁରୁତ୍ୱ ଦେଇଛି । ସେମାନେ ଦୃଢ଼ ଭାବରେ ଲୋକମାନଙ୍କୁ ପରିବର୍ତ୍ତନ କରିବାକୁ ଚାହୁଁଥିବା କାରଣରୁ ନୁହେଁ, ବରଂ 'ପ୍ରଚାର' ଶବ୍ଦଟି ସେମାନଙ୍କ ଧାରାର ଏକ ମୌଳିକ ଅଂଶ ଥିଲା ଏବଂ ଯେପର୍ଯ୍ୟନ୍ତ ଧର୍ମ ଧର୍ମ ହୋଇ ରହିଛି, ସ୍ୱାଧୀନ ନୈତିକ ବିଚାର ଦ୍ୱାରା ଧର୍ମ ପରିବର୍ତ୍ତନକୁ ସ୍ୱୀକାର କରିବା ଆବଶ୍ୟକ ।' ମୁନ୍ସୀ କହିଥିଲେ, ଯେକୌଣସି ଧର୍ମ ପରିବର୍ତ୍ତନ ହେଉଛି, ତାହା କେବଳ ପ୍ରୋତ୍ସାହନର ପରିଣାମ, ବସ୍ତୁଗତ ସୁବିଧା କାରଣରୁ ହେଉନାହିଁ । ଲକ୍ଷ୍ୟ କରନ୍ତୁ, ଧର୍ମ ପରିବର୍ତ୍ତନ ବିଷୟକୁ ସବୁବେଳେ ପ୍ରଚାରର ଏକ କାରଣ ଭାବରେ ଗ୍ରହଣ କରାଯାଇଥିଲା ।

୧ ମେ ୧୯୪୭ରେ ମୌଳିକ ଅଧିକାର ସମ୍ପର୍କିତ ମଧ୍ୟବର୍ତ୍ତୀ ରିପୋର୍ଟ ଆସିଥିଲା । କମିଟି ସହ ଫ୍ରାଙ୍କ୍ ଆନ୍ଥୋନୀ କଥା ହୋଇଥିଲେ ଏବଂ କହିଥିଲେ ଯେ, ମୋ ସମ୍ପ୍ରଦାୟ (ସେ ଜଣେ ଆଙ୍ଗ୍ଲୋ-ଇଣ୍ଡିଆନ) ଧର୍ମ ପ୍ରଚାର କରେ ନାହିଁ । ଆମେ ଧର୍ମ ପରିବର୍ତ୍ତନ କରୁନାହୁଁ କି ପରିବର୍ତ୍ତିତ ହୋଇନାହୁଁ । ଆନ୍ଥୋନୀ ପ୍ରଚାର ଶବ୍ଦର ବିବାଦୀୟ ବିଷୟ ବଦଳରେ ଏହାକୁ ଏକ ଅଧିକାର ଭାବେ ନେଇଥିବାରୁ ସଂଖ୍ୟାବହୁଳଙ୍କୁ ଧନ୍ୟବାଦ ଦେଇଥିଲେ । ଟି.ଟି.କ୍ରିଷ୍ଣାମାଚାରୀ କହିଥିଲେ, ଦଳିତମାନଙ୍କୁ ଏହା ବୈଧାନିକ ମାନ୍ୟତା ଦେଇଥିବାରୁ ସେମାନେ ଖ୍ରୀଷ୍ଟିଆନ ହୋଇଥିଲେ । ସେ କହିଥିଲେ, ହିନ୍ଦୁ ସଂସ୍କାର ଏଭଳି ଧର୍ମ ପରିବର୍ତ୍ତନକୁ ରୋକିବ ଏବଂ ପ୍ରଚାର କରିବାର ଅଧିକାର ହିନ୍ଦୁ ଓ ଆର୍ଯ୍ୟ ସମାଜବାଦୀଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ, ଯେଉଁମାନେ ଧର୍ମ ପରିବର୍ତ୍ତନର କାର୍ଯ୍ୟ କରିବା ପାଇଁ ଏହି ଆଇନର ଶବ୍ଦ ଅନୁଯାୟୀ ସ୍ୱାଧୀନ ଥିଲେ, ଯାହାକୁ ସେମାନେ 'ଶୁଦ୍ଧି' ବୋଲି କହୁଥିଲେ । ଏଠାରେ କଥା ହେଉଛି, ମୁନ୍ସୀଙ୍କ ଭାଷାରେ 'ପ୍ରଚାର' ଶବ୍ଦର ଅର୍ଥ 'ଲୋକଙ୍କୁ ସେମାନଙ୍କ ଧର୍ମରେ ଯୋଗଦେବାକୁ ପ୍ରବର୍ତ୍ତାଇବା' ଅଧିକାର ବୋଲି ସମସ୍ତେ ବୁଝିଥିଲେ । ତାହା ହେଉଛି, ଧର୍ମ ପରିବର୍ତ୍ତନ ।

ସାମ୍ବିଧାନ ସଭାରେ କେବଳ ଓଡ଼ିଶାର ଜଣେ ୨୬ ବର୍ଷ ବୟସ୍କ ଲୋକନାଥ ମିଶ୍ର ପ୍ରଚାର ଶବ୍ଦ ହଟାଇବାକୁ ଚାହୁଁଥିଲେ । ମିଶ୍ର କହିଥିଲେ ଯେ ପ୍ରଚାର ଶବ୍ଦ ସହିତ ତାଙ୍କର କୌଣସି ଅସୁବିଧା ନାହିଁ । ଯଦି ଲୋକମାନେ ସେମାନଙ୍କର ଧର୍ମ ପ୍ରଚାର କରିବା ଉଚିତ, ତେବେ ସେମାନଙ୍କୁ ତାହା କରିବାକୁ ଦିଆଯାଉ, କିନ୍ତୁ କେବଳ ମୁଁ ଇଚ୍ଛା କରେ, ସମ୍ବିଧାନ ଏହାକୁ ଏକ ମୌଳିକ ଅଧିକାର ଭାବରେ ନ ରଖୁ ଏବଂ ଉତ୍ସାହିତ ନ କରୁ । ଡକ୍ଟର ବି.ଆର୍. ଆମ୍ବେଡ଼କର ଏହି ବିତର୍କରେ ଉପସ୍ଥିତ ଥିଲେ କିନ୍ତୁ ସେ କିଛି କହି ନ ଥିଲେ । ପ୍ରଚାର କରିବା ଅଧିକାରକୁ ରକ୍ଷା କରି ଅନ୍ୟମାନେ ଯାହା କହିଛନ୍ତି ସେଥିରେ ତାଙ୍କର କିଛି ଯୋଗ କରିବାର ନାହିଁ ବୋଲି ସେ କହିଥିଲେ । ମନେରଖିବା ଉଚିତ ଯେ ସମ୍ବିଧାନ ସଭାର କମିଟିରେ ଦାଖଲ ହୋଇଥିବା ଆମ୍ବେଡ଼କରଙ୍କ ମୂଳ ଡ୍ରାଫ୍ଟ ବା ଚିଠାରେ 'ସାର୍ବଜନୀନ ଶୃଙ୍ଖଳା ଏବଂ ନୈତିକତା ସହିତ ସୁସଙ୍ଗତ ସୀମା ମଧ୍ୟରେ ଗ୍ରହଣ କରିବା, ପ୍ରଚାର କରିବା ଏବଂ ପରିବର୍ତ୍ତନ କରିବାର ଅଧିକାର' କଥା ଉଲ୍ଲେଖ ରହିଛି । ତାଙ୍କର ବିଶ୍ୱାସ ଥିଲା ଯେ ପ୍ରଚାରର ଅର୍ଥ ଧର୍ମପରିବର୍ତ୍ତନ । ସେ ନିଜେ ହିନ୍ଦୁ ଧର୍ମ ଛାଡ଼ି ୧୪ ଅକ୍ଟୋବର ୧୯୫୬ରେ ନାଗପୁରରେ ୩ ଲକ୍ଷରୁ ଅଧିକ ଦଳିତଙ୍କ ସହ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ୧୯୭୦ ଦଶକର ପ୍ରାରମ୍ଭରେ ଭାରତର ନ୍ୟାୟପାଳିକା ଏବଂ ପୋଲିସ ଅନେକ କାମ ଆରମ୍ଭ କରିଥିଲେ, ଯାହାର ଫଳସ୍ୱରୂପ ଆମେ ଏବକାର ସ୍ଥିତିରେ ରହିଛୁ । ଦେଶର ସମ୍ବିଧାନ ନାଗରିକମାନଙ୍କୁ ଧର୍ମୀୟ ସ୍ୱାଧୀନତା ଦେଇଥିଲେ ବି ଏହାର ବ୍ୟବସ୍ଥାରେ ଆପରାଧିକ ଆଇନର ବ୍ୟାପକ ପ୍ରୟୋଗ ଯୋଗୁ ଏହାକୁ ଅନୁମତି ଦିଆଯାଉନାହିଁ ।

Email:aakar.patel@gmail.com

# ଶ୍ରୀଜଗନ୍ନାଥ ସଂସ୍କୃତିରେ ପରିବାର



ଡ. ପ୍ରଫୁଲ୍ଲ କୁମାର ସାହୁ

ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଛି ଓଡ଼ିଆ ଜାତିର ସାମାଜିକ ରୀତିନୀତି ଓ ସାଂସ୍କୃତିକ ପରମ୍ପରା । ଅର୍ଥାତ୍ ଓଡ଼ିଆ ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତିକୁ ବୁଝାଏ, ଯା'ର ମୂଳ ଆଧାର ହେଉଛି ପାରିବାରିକ ସୌହାର୍ଦ୍ଦ୍ୟ ।

ପରିବାର ହେଉଛି ସମାଜର କ୍ଷୁଦ୍ରତମ ଏକକ ତଥା ସର୍ବପ୍ରାଚୀନ ଅନୁଷ୍ଠାନ । ସମାଜର ଅନ୍ୟ ଯେ କୌଣସି ଅନୁଷ୍ଠାନଠାରୁ ଏହା ବୃହତ୍ତର ଓ ବିଶ୍ୱବ୍ୟାପୀ । ପରିବାରର ସମ୍ପ୍ରସାରଣରୁ ସମୂହର ସୃଷ୍ଟି ଏବଂ ସମୁଦାୟର ସମଷ୍ଟିରେ ସମାଜ ପ୍ରତିଷ୍ଠିତ । ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ପରିବାରର ସଦସ୍ୟ । ପାରିବାରିକ ସୌହାର୍ଦ୍ଦ୍ୟ ଆଣିଦିଏ ତା' ପାଇଁ ଶାନ୍ତି ଓ ସମୃଦ୍ଧି । ଭକ୍ତକବି ମଧୁସୂଦନ ରାଓଙ୍କ ଭାଷାରେ- 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର' । ଜଗନ୍ନାଥ ସଂସ୍କୃତିରେ ପରିବାର କହିଲେ ଯୌଥ ବା ଏକାନ୍ନବର୍ତ୍ତୀ ପରିବାରକୁ ବୁଝାଏ, ଯେଉଁଠି ଗୋଟିଏ ଛାତ ତଳେ ସ୍ନେହ ବନ୍ଧନରେ ବାନ୍ଧି ହୋଇ ରହନ୍ତି ବାପା, ମା, ଦାଦା, ଖୁଡ଼ୀ, ବଡ଼ବାପା, ବଡ଼ମା, ପିଉସୀ, ଜେଜେବାପା, ଜେଜେମା' ଓ ପାଞ୍ଚ ସାତଜଣ ସାନବଡ଼ ଭାଇଭଉଣୀ । ଏ ଲେଖକ ଭଳି ପରିଣତ ବୟସରେ ଉପନୀତ ହୋଇଥିବା ଅଧିକାଂଶଙ୍କ ସ୍ମୃତିପଟରେ ନିଶ୍ଚୟ ସାଇତା ହୋଇ ରହିଥିବ ଭାଇ ଭଉଣୀ ଓ ଅନ୍ୟମାନଙ୍କ ସହିତ ଏକାଠି ବସି ଗୋଟିଏ କଂସାରେ ପଖାଳ ଖାଇବାର ଅନନ୍ୟ ଅନୁଭୂତି । ପରିବାରର ସବୁଠାରୁ ବୟସ୍କ ବ୍ୟକ୍ତି ଥିଲେ ଘରର ମୁରବି । ସମସ୍ତେ ସବୁକଥାରେ ତାଙ୍କ ଆକଟ ମାନୁଥିଲେ ଭୟ ଓ ଭକ୍ତିରେ । ଏହାହିଁ ଯୌଥ ପରିବାରର ସହାବସ୍ଥାନ କୌଶଳ । ଜଗନ୍ନାଥ ସଂସ୍କୃତିର ଦୁର୍ଲଭ ଐଶ୍ୱର୍ଯ୍ୟ । ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ସହିତ ବଡ଼ଦେଉଳରେ ବିରାଜମାନ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ପ୍ରାଣପ୍ରିୟା ପତ୍ନୀ ଲକ୍ଷ୍ମୀ ଠାକୁରାଣୀ ଅଛନ୍ତି ଭିତର ଘରେ । ଏହାହିଁ ଓଡ଼ିଆ ଘରର ସାମାଜିକ ଚଳଣି । ରଥଯାତ୍ରାବେଳେ ସାରା ଜଗତ ଦେଖେ ସେହି ମର୍ଯ୍ୟାଦାପୂର୍ଣ୍ଣ ଚଳଣିର ପୁନରାବୃତ୍ତି । ସ୍ୱାମୀଙ୍କ ସହିତ ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ଯିବା ପାଇଁ ମହାଲକ୍ଷ୍ମୀଙ୍କର ଯେ ଅନୁଯୋଗ ନ ଥାଏ ତା' ନୁହେଁ, ମାତ୍ର ଏ ଯାତ୍ରାରୁ ନିବୃତ୍ତ କରିଛି ଜଣେ ଆଦର୍ଶ ଗୃହିଣୀର ବିଚାରବୋଧ । କଥାରେ ଅଛି ଗୃହିଣୀ ଗୃହମୁଚ୍ୟତେ ।

ବାସ୍ତବରେ ଯୌଥ ପରିବାର ପରମ୍ପରାକୁ ବଞ୍ଚେଇ ରଖିବାରେ ପୁରୁଷ ଅପେକ୍ଷା ନାରୀର ଭୂମିକା ବେଶି, ଯା'ର ଏକ ସର୍ବକାଳୀନ ଦୃଷ୍ଟାନ୍ତ ହେଉଛି ଲକ୍ଷ୍ମୀ ପୁରାଣ । ନାରୀକୁ ପୁରୁଷ ପାଦର ପାଣ୍ଡୋଇ ବୋଲି ଭାବୁଥିବା ଦେଢ଼ଶୂରଙ୍କ ନିର୍ଦ୍ଦେଶ ଓ ସ୍ୱାମୀଙ୍କ ଅସହାୟତାକୁ ଅନୁଭବ କରି ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି ସତ, ହେଲେ ଜାହିର କରିବାକୁ ଚାହିଁ ନାହାନ୍ତି ନିଜର ଅଧିକାର । ଜଗନ୍ନାଥ ସଂସ୍କୃତି କହେ, ପ୍ରତ୍ୟେକ ପରିବାର ହେଉଛି ଶ୍ରୀମନ୍ଦିର ସଦୃଶ । ସେ ମନ୍ଦିରର ଲକ୍ଷ୍ମୀ ହେଉଛନ୍ତି ଗୃହିଣୀ । ଗୃହିଣୀଙ୍କୁ ହେୟ ଜ୍ଞାନ କଲେ ଲକ୍ଷ୍ମୀଛଡ଼ା ଅବସ୍ଥା ଭୋଗିବାକୁ ହୁଏ, ଯାହା ଭୋଗିଥିଲେ ଜଗନ୍ନାଥ ଓ ବଳଭଦ୍ର ।



କୁହାଯାଏ ଲକ୍ଷ୍ମୀ ପୁରାଣ ନାରୀ ସଶକ୍ତୀକରଣର ଏକ ଦର୍ପିତ ଦର୍ପଣ । ଏଥିରେ ନାରୀଶକ୍ତିର ଜିତାପଟ ହୋଇଛି ବୋଲି ଭାବି ଖୁସି ପ୍ରକଟ କରନ୍ତି ଅଧିକାଂଶ ନାରୀ ଓ ନାରୀବାଦୀ । ମାତ୍ର ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ଦାମ୍ପତ୍ୟ କଳହ ନାହିଁ, ବରଂ ରହିଛି ପରସ୍ପର ପ୍ରତି ସମର୍ପଣ ଭାବ । ଲକ୍ଷ୍ମୀ ବଡ଼ଦେଉଳ ଛାଡ଼ନ୍ତୁ, ଏକଥା ତ କେବେ ଚାହିଁ ନାହାନ୍ତି ଜଗନ୍ନାଥ । ବଡ଼ଭାଇଙ୍କ ଦୃଷ୍ଟିରେ ପଡ଼ି ନ ଥିଲେ ସେ କେବେ ବି ପ୍ରଘଟ କରି ନ ଥାନ୍ତେ ଲକ୍ଷ୍ମୀଙ୍କ ଚଣ୍ଡାଳସାହିକୁ ଯିବା କଥା । ଲକ୍ଷ୍ମୀ ଠାକୁରାଣୀ ଅନ୍ୟାୟ ଆଦେଶର ଶିକାର ହୋଇ ପ୍ରତିବାଦିନୀ ଭୂମିକାରେ ଅବତୀର୍ଣ୍ଣା ହୋଇଛନ୍ତି ସତ, ହେଲେ ପ୍ରତିବାଦ ଭିତରେ ନିର୍ମାଣ କରିବାକୁ ଚାହିଁଛନ୍ତି ପାରିବାରିକ ସହାବସ୍ଥାନର ଏକ ପ୍ରୀତିପଦ ପରିମଣ୍ଡଳ । ତେଣୁ ଯେଉଁଠି ଦାମ୍ପତ୍ୟ ବିବାଦ ନାହିଁ, ସେଠାରେ ହାରିବା ଜିତିବାର ପ୍ରଶ୍ନ ଉଠିବ କେମିତି? ଉତ୍କଳୀୟ ପରମ୍ପରାରେ ନାରୀ ପୁରୁଷର ଅବିଚାରକୁ ମଥାପାତି ସହି ଯାଇପାରେ, କିନ୍ତୁ ଦେଖିପାରେନି ପୁରୁଷର ଦୁଃଖ ଓ ଯନ୍ତ୍ରଣା । ତା' ନ ହେଲେ ସ୍ୱାମୀ ଦେଢ଼ଶୂରଙ୍କ ଦୁଃସ୍ଥିତିକୁ ଅନୁଭବ କରି ବିଦାରି ହୋଇ ଯାଇ ନ ଥାନ୍ତା ଲକ୍ଷ୍ମୀ ଠାକୁରାଣୀଙ୍କ ହୃଦୟ । ସେ ନିଜକୁ ଅପରାଧିନୀ ମଣି ନଥାନ୍ତେ କି ସେମାନଙ୍କ ଦର୍ଶନ ପାଇବାମାତ୍ରେ ଅନୁଭବ କରିଛନ୍ତି ସାତ ଜନ୍ମର ପାପ ଧୋଇଯିବାର ଆଶ୍ୱସ୍ତି । ଦାମ୍ପତ୍ୟ ଜୀବନରେ ମତାନ୍ତର ଥାଏ, କିନ୍ତୁ ହଜାରେ ମତାନ୍ତର ସତ୍ତ୍ୱେ ନ ଥାଏ ଛାଡ଼ପତ୍ରର ଚିନ୍ତାକଳ୍ପ । ତେଣୁ ବଡ଼ଦେଉଳରୁ ବିତାଡ଼ିତା ହେବା ସତ୍ତ୍ୱେ ସେ ଛାଡ଼ପତ୍ର କଥା ଭାବିନାହାନ୍ତି କି ସାଧାରଣ ନାରୀଟିଏ ପରି ଆଶ୍ରୟ ନେଇନାହାନ୍ତି ବାପଘରେ । ବରଂ ନିଜେ ଦମ୍ଭ ହୋଇ ଠିଆ ହେବାକୁ ଚେଷ୍ଟା କରିଛନ୍ତି ଆପଣା ଉଦ୍ୟମରେ । ଏହା ହିଁ ନାରୀ ସଶକ୍ତୀକରଣର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ ।

ପ୍ରତ୍ୟେକ ଲୋକ ପାଇଁ ଜନ୍ମମାଟିର ମାୟା ଅନନ୍ୟ । ବିଶେଷକରି ଜନ୍ମମାଟି ପ୍ରତି ଓଡ଼ିଆଙ୍କର ଥାଏ ଏକ ଦୁର୍ବାର ଆକର୍ଷଣ । ଜୀବନ ଜୀବିକା ଦାୟରେ ଯିଏ ଯେତେ ଦୂରରେ ଥିଲେ ବି ପୁନେଇଁ ପରବରେ ଗାଁ'କୁ ଫେରିବା ପାଇଁ ବ୍ୟାକୁଳ ହୁଏ ପ୍ରବାସୀ ଓଡ଼ିଆର ମନ । ଜନ୍ମମାଟି ପ୍ରତି ଏହି ଆକର୍ଷଣର ଏକ ସର୍ବକାଳୀନ ଦୃଷ୍ଟାନ୍ତ ହେଉଛି ମହାପ୍ରଭୁଙ୍କ ଜନ୍ମବେଦି ଯାତ୍ରା । ପ୍ରତିବର୍ଷ ଜନ୍ମବେଦିକୁ ବୁଲି ଯିବେ ବୋଲି କେବେ ଦିନେ ଭକ୍ତିମତୀ ଗୁଣ୍ଡିଚାଙ୍କୁ କଥା ଦେଇଥିଲେ ମହାପ୍ରଭୁ । ଶହ ଶହ ବର୍ଷ ବିତିଗଲା ପରେ ବି ସେ କଥା ସେ ଭୁଲିନାହାନ୍ତି କି ତୁଟେଇ ପାରିନାହାନ୍ତି ଜନ୍ମମାଟିର ମାୟା । କୁହାଯାଏ ଓଡ଼ିଶାରେ ବାର ମାସରେ ତେର ପର୍ବ । ବାସ୍ତବରେ ଏହି ପର୍ବପର୍ବାଣି ଦ୍ୱାରା ସୁଦୃଢ଼ ହୁଏ ଆମ ପାରିବାରିକ ସହାବସ୍ଥାନ । ଓଡ଼ିଆରେ ଗୋଟିଏ କଥା ଅଛି ଜ୍ୟେଷ୍ଠାୟା ନମଃ ଓ ଶ୍ରେଷ୍ଠାୟା ନମଃ । ଜ୍ୟେଷ୍ଠର ଏହି ଶ୍ରେଷ୍ଠତ୍ୱକୁ ସମ୍ମାନ ଜଣେଇବା ଓଡ଼ିଆ ଘରର ପରମ୍ପରା, ଯା'ର ଏକ ପ୍ରତୀକାତ୍ମକ ପର୍ବ ହେଉଛି ପ୍ରଥମାଷ୍ଟମୀ । ସେଦିନ ମାମୁଘର ପକ୍ଷରୁ ଭଣଜା ଭାଣିଜୀଙ୍କ ପାଇଁ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ଆଦି ପଠାଯାଏ, ଯାହାକୁ ଆଧାର କରି ଗଢ଼ି ଉଠିଛି ଅଷ୍ଟମୀ ବନ୍ଧୁ ବା ମଉଳା ସଂସ୍କୃତି । ବଡ଼ଦେଉଳରେ ମଧ୍ୟ ପାରମ୍ପରିକ ରୀତିରେ ପ୍ରଥମାଷ୍ଟମୀ ପାଳନ ହୁଏ ଏବଂ ସେଦିନ ଶ୍ରୀଜୀଉଙ୍କ ମଉଳାଘର ନିଆଳି ମାଧବ ମନ୍ଦିରରୁ ଆସେ ନୂତନ ବସ୍ତ୍ର ଓ ଅଷ୍ଟମୀ ଭାର । କେବଳ ମାମୁଘର ନୁହେଁ, ଆମ ପାରିବାରିକ ଚଳଣିରେ ପିଲାବେଳେ ମାଉସୀ ଘରେ ଯେଉଁ ଶ୍ରଦ୍ଧା ଓ ଆତିଥ୍ୟ ମିଳେ, ତାହା ଭୁଲିହୁଏନି ପରିଣତ ବୟସ ପର୍ଯ୍ୟନ୍ତ । ସେଥିପାଇଁ ତ ନବଦିନ ଯାତ୍ରା ଅବସରରେ ମାଉସୀମା'ଙ୍କ ମନ୍ଦିର ନିକଟରେ ଅଟକିଯାଏ ଶ୍ରୀଜୀଉଙ୍କ ରଥ । ବାହୁଡ଼ାବେଳେ ମହାପ୍ରଭୁ ମାଉସୀମା' ଅର୍ଦ୍ଧାସନୀଙ୍କ ହାତ ତିଆରି ପୋଡ଼ପିଠା ଖାଇ ଫେରନ୍ତି ମହାଆନନ୍ଦରେ । ଏହା କେବଳ ପୋଡ଼ପିଠା ପ୍ରତି ମହାପ୍ରଭୁଙ୍କର ରଙ୍କପଣ ନୁହେଁ, ମାଉସୀମା'ଙ୍କ ଭକ୍ତି ଓ ମମତାର ନିଦର୍ଶନ ।

ଦାମ୍ପତ୍ୟ ଜୀବନକୁ ଅଧିକ ମଧୁମୟ କରେ ଛୋଟ ଛୋଟ କଳି ଝଗଡ଼ା । ଏସବୁର ସମାଧାନ ପାଇଁ ବେଳେବେଳେ ନେବାକୁ ପଡ଼େ ଛୋଟ ଛୋଟ ମିଛର ଆଶ୍ରୟ । ଏଇ ଯେମିତି ଶୀଘ୍ର ଫେରିଆସିବେ ବୋଲି ମହାଲକ୍ଷ୍ମୀଙ୍କୁ ମିଥ୍ୟା ମଧୁର ପ୍ରତିଶ୍ରୁତି ଦେଇ ନବଦିନ ଯାତ୍ରାରେ ବାହାରିଯାଆନ୍ତି ମହାପ୍ରଭୁ । ମାତ୍ର ଫେରିବା ବିଳମ୍ବ କାରଣରୁ ନୀଳାଦ୍ରି ବିଜୟ ବେଳେ ଆରମ୍ଭ ହୁଏ ବଚସା । ଏହି ଘରକଳି ଯେତିକି ସ୍ୱାଭାବିକ, ସେତିକି ରୋଚକ । ଏଥିରେ ଘର ଭାଙ୍ଗେନି ବରଂ ଅଧିକ ନିବିଡ଼ ହୁଏ ସମ୍ପର୍କ । କାରଣ ଏସବୁ କଳି ନୁହେଁ, ବରଂ ତ୍ୟାଗ ଓ ସହିଷ୍ଣୁତାର ମନ୍ତ୍ର । ଏଥିରୁ ବାହାରୁଥାଏ ଓଡ଼ିଆପଣର ମହମହ ବାସ୍ନା ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଆଇସିୟୁ-ସଂଶୟ ଓ ସମ୍ଭାବନା



ଡ. ମୌସୁମୀ ପରିଡ଼ା

ବର୍ଦ୍ଧିତ ଜନସଂଖ୍ୟା ଓ ପରିବର୍ତ୍ତିତ ଜଳବାୟୁ ପାଇଁ ଆମ ଦେଶର ଲୋକମାନେ ଜଟିଳରୁ ଜଟିଳତମ ରୋଗର ଶିକାର ହେଉଛନ୍ତି । ଚିକିତ୍ସା ପାଇଁ ଭାରତରେ ପ୍ରତିବର୍ଷ ପାଖାପାଖି ୫୦ ଲକ୍ଷ ରୋଗୀ ଆଇସିୟୁରେ ଭର୍ତ୍ତି ହେଉଥିବାବେଳେ ୩୭.୭% ରୋଗୀ ମୃତ୍ୟୁବରଣ କରିଛନ୍ତି (ଏମ୍ସର ତଥ୍ୟାନୁସାରେ) । ଏ କିଛିବର୍ଷ ଭିତରେ ଆଇସିୟୁର ବ୍ୟୟବହୁଳ ଚିକିତ୍ସା ଗୋଟେ ପ୍ରକାରର ଫ୍ୟାଶନରେ ପରିଣତ ।

ଆଇସିୟୁ (ଇଣ୍ଟେନ୍ସିଭ୍ କେୟାର୍ ୟୁନିଟ୍)କୁ ସିସିୟୁ (କ୍ରିଟିକାଲ୍ କେୟାର୍ ୟୁନିଟ୍) ବା ଆଇଟିୟୁ (ଇଣ୍ଟେନ୍ସିଭ୍ ଥେରାପି ୟୁନିଟ୍) ବୋଲି କୁହାଯାଏ, ଯାହା ରୋଗୀମାନଙ୍କୁ ଜରୁରିକାଳୀନ ଚିକିତ୍ସା ଯୋଗାଇଦେବା ପାଇଁ ବନା ଯାଇଥାଏ । ଆଜିକାଲି ବିଭିନ୍ନ ଜଟିଳ ରୋଗରେ ଶରୀରର ଏକ ବା ଏକାଧିକ ଅଙ୍ଗପ୍ରତ୍ୟଙ୍ଗ ସଂକ୍ରମିତ ହେଉଥିବାବେଳେ ଆଇସିୟୁ ସେମାନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇଦେଉଛି ବୋଲି ଦାବି କରିଆସୁଛି । ବିଭିନ୍ନ କର୍ପୋରେଟ୍ ହସ୍ପିଟାଲ୍‌ଗୁଡ଼ିକରେ ଆଇସିୟୁର ବେଡ୍‌ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଏହା କେତେ ଫଳଦାୟୀ ବୁଝିବାକୁ ହେବ । କାରଣ ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ । ଶିଶୁ ଜନ୍ମ ହେବାବେଳେ ତା'ର ସ୍ମରଣଶକ୍ତି ନ ଥାଏ ସିନା କିନ୍ତୁ ମୃତ୍ୟୁମୁଖୀ ମଣିଷର ସୂକ୍ଷ୍ମ ବା ସ୍ଥୂଳ ଅବବୋଧ ଟିକକ ବଞ୍ଚି ରହିଥାଏ ବହୁକ୍ଷେତ୍ରରେ ।

ଖୁବ୍ ଯନ୍ତ୍ରଣାଦାୟକ ଚିକିତ୍ସା ପଦ୍ଧତି ଭିତରେ ଅସହାୟ ଲୋକଟି ତା' ଆଖପାଖରେ ନିକଟ ସମ୍ପର୍କୀୟଙ୍କୁ ଦେଖି ନ ପାରିବାର ଅସହାୟତା ଓ ଅନୁଶୋଚନା ତା' ମନୋବଳକୁ ପୂର୍ବାପେକ୍ଷା ଅଧିକ ଦୁର୍ବଳ କରିଦିଏ । ତେଣୁ ସେ ସୁସ୍ଥ ହେବା ପରିବର୍ତ୍ତେ ଅସୁସ୍ଥ ହେବାରେ ଲାଗେ । ମଣିଷ ସମ୍ପର୍କ ତିଆରି କରିଥାଏ ବିପଦ ସମୟର ସାଥୀ ବନିବାକୁ, ଅଥଚ ସବୁଠାରୁ କଠିନ ସ୍ଥିତିରେ ଥିବାବେଳେ ନା ସେ ଆତ୍ମୀୟସ୍ୱଜନମାନଙ୍କ ମୁହଁ ଦେଖିପାରେ ନା ସେମାନଙ୍କ ସ୍ନେହାନୁରାଗର ସ୍ପର୍ଶ ପାଇପାରେ । ଶାରୀରିକ ଯାତନା ସହିତ ମାନସିକଶକ୍ତି ଦୁର୍ବଳ ହେବା ସ୍ୱାସ୍ଥ୍ୟର ପ୍ରତିକୂଳ ହେଲେ ମଧ୍ୟ ଆଇସିୟୁର ନିୟମ ବଦଳେ ନାହିଁ । ଦିନକୁ ଥରୁଟିଏ ସମ୍ପର୍କୀୟମାନେ ରୋଗୀକୁ ଭେଟିପାରନ୍ତି, କିନ୍ତୁ ସ୍ୱଳ୍ପ ସମୟରେ ରୋଗୀଟିଏ ନା ତା' ମନକଥା କହିପାରେ ନା ଅସନ୍ତୋଷ ବଖାଣିପାରେ । ସେମାନଙ୍କ ସାନିଧ୍ୟ ପାଇବା ତ ଦୂରର କଥା, ସେତେବେଳକୁ ଲମ୍ବା ତାଲିକାଟିଏ ସମ୍ପର୍କୀୟମାନଙ୍କ ହାତକୁ ବଢ଼ା ସରିଥାଏ । ରୋଗୀର ସୁସ୍ଥତା ଅପେକ୍ଷା ଏତେଗୁଡ଼େ ଅର୍ଥ କିପରି ଯୋଗାଡ଼ କରିହେବ ସେ ଚିନ୍ତାରେ ଥାଆନ୍ତି ଆତ୍ମୀୟସ୍ୱଜନମାନେ ।

ଏବେ ତ କର୍ପୋରେଟ୍ ହସ୍ପିଟାଲ୍‌ଗୁଡ଼ିକରେ ଆଡ୍‌ମିଶନ୍ ହେଉ ହେଉ ପ୍ରଥମେ ପ୍ରଶ୍ନ କରାଯାଉଛି ସ୍ୱାସ୍ଥ୍ୟବୀମା କାର୍ଡ ଅଛି ତ? ହଁ ଶୁଣିବା ମାତ୍ରେ କିପରି ଅଧିକରୁ ଅଧିକ ଅର୍ଥ ଆଦାୟ କରିହେବ, ସେ ଚକ୍ରାନ୍ତରେ ଆଇସିୟୁରୁ କ୍ୟାବିନ୍, କ୍ୟାବିନ୍‌ରୁ ୱାର୍ଡ, ପୁଣି ୱାର୍ଡରୁ ଆଇସିୟୁ ନେଲାବେଳେ ଅନ୍ୟ ରୋଗୀଙ୍କ ସଂସ୍ପର୍ଶରେ ଆସି ନୂଆ ରୋଗରେ ରୋଗୀ ଜଣକ ସଂକ୍ରମିତ ହୋଇସାରିଥାଏ । ନୂଆ ରୋଗ, ଏକାକୀପଣ, ବାରମ୍ବାର ଦେହରେ ଛୁଞ୍ଚିଫୋଡ଼ା ଅସହ୍ୟ ହେଲେ ବି ଉପାୟହୀନ । ଅହର୍ନିଶ ଏ.ସି. ଲାଗୁଥିବାରୁ ଥଣ୍ଡା, ଆଜ୍‌ମା କିମ୍ବା ଫୁସ୍‌ଫୁସ୍‌ଜନିତ ସମସ୍ୟା ଥିବା ରୋଗୀମାନଙ୍କ ଅବସ୍ଥା କ'ଣ ହେଉଥିବ ବିଚାର୍ଯ୍ୟ ।



ବିଭିନ୍ନ ପରୀକ୍ଷାନିରୀକ୍ଷା ଦ୍ୱାରା କାର୍ଡରୁ ଅର୍ଥ ସରିଆସିଲେ ପକେଟରୁ ହରିଲୁଟ୍ ଆରମ୍ଭ ହୋଇଯାଏ । ଜମିବାଡ଼ି ବିକି ସର୍ବସ୍ୱାନ୍ତ ହୋଇଯାଆନ୍ତି ଲୋକେ । ଏବେ ସରକାର ମୋଟା ଅଙ୍କର ଅର୍ଥ ହିତାଧିକାରୀମାନଙ୍କୁ ପ୍ରଦାନ କରୁଛନ୍ତି, ଯାହା ଆଶ୍ୱାସନାର କଥା । କିନ୍ତୁ କର୍ପୋରେଟ୍ ହସ୍ପିଟାଲ୍ ଏସବୁକୁ ଚଳୁ କରିଚାଲିଛନ୍ତି । ଏଭଳି କିଛି ବ୍ୟକ୍ତିଗତ ଉଦାହରଣ ପ୍ରମାଣିତ କରେ ଆଇସିୟୁ ଏକ ମରଣଯନ୍ତା! ସେଠାରୁ ସୁସ୍ଥ ହୋଇ ଫେରିବା ଭାଗ୍ୟର କଥା ।

ମାସ ମାସ ଧରି ମୃତ୍ୟୁକୁ ଅପେକ୍ଷା କରି ବ୍ୟୟଭାରରେ ଧନ୍ଦି ହେଉଥିବା ଲୋକଙ୍କ ଦୁଃଖ ଅକୁହା । ଜନସାଧାରଣଙ୍କ ଅସନ୍ତୋଷର କାରଣମାନ ହେଉଛି: ୧- ବ୍ୟୟବହୁଳ ଚିକିତ୍ସା, ୨- ଡାକ୍ତରଙ୍କ ଚିକିତ୍ସା ପଦ୍ଧତିରେ ସ୍ୱଚ୍ଛତାର ଅଭାବ, କୌଣସି ଲିଖିତ ଦସ୍ତାବିଜ୍ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦେଉନଥିବାରୁ, ୩- ରୋଗୀର ବାସ୍ତବ ଅବସ୍ଥା ଓ ସମସ୍ୟାକୁ ନେଇ ସମ୍ପର୍କୀୟମାନଙ୍କୁ ଠିକ୍‌ଭାବେ ଅବଗତ ନ କରିବା ବା ନ ବୁଝାଇବା, ୪- ଆକ୍ରାନ୍ତ ରୋଗଟି ପାଇଁ ରୋଗୀଟି ମୃତ୍ୟୁବରଣ ନ କରି ନୂଆ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା । ଯେପରି ମଧୁମେହ ରୋଗୀଟିଏ ଗୋଡ଼ର ଘାଆ ଭଲ କରିବାକୁ ଯାଇ ନିମୋନିଆରେ ଆକ୍ରାନ୍ତ ହୋଇ କ୍ରମଶଃ ଆଇସିୟୁରୁ କ୍ୟାବିନ୍, କ୍ୟାବିନ୍‌ରୁ ଆଇସିୟୁ ହୋଇ ଶେଷନିଃଶ୍ୱାସ ତ୍ୟାଗ କରିବା । ଯଦି ରୋଗୀର ସମ୍ପର୍କୀୟ ସେସବୁର ତନାଘନା କରନ୍ତି, ତେବେ ସେମାନଙ୍କୁ ଚିକିତ୍ସା ବାବଦରେ କୌଣସି ଯଥାର୍ଥ ଚିକିତ୍ସା ସମ୍ବନ୍ଧୀୟ ଦଲିଲ ନ ମିଳିବା ହିଁ ସନ୍ଦେହଜନକ । ଆଇସିୟୁରେ ନିୟୋଜିତ ସ୍ପେଶାଲିଷ୍ଟମାନେ ଅନେକ ସମୟରେ ହାଉସ୍ ସର୍ଜନ କିମ୍ବା ଜୁନିୟର୍ ରେସିଡେଣ୍ଟ ଛାତ୍ରମାନଙ୍କ ହାତରେ ରୋଗୀମାନଙ୍କୁ ଛାଡ଼ିଦିଅନ୍ତି । କିନ୍ତୁ ଏଇଟା ସାଧାରଣ ୱାର୍ଡ ନୁହେଁ କିମ୍ବା ରୋଗୀମାନେ ସାଧାରଣ ସ୍ଥିତିରେ ନ ଥା'ନ୍ତି । ଏଠାରେ ଜୀବନ ଚାଲିଯିବାର ଭୟ ସର୍ବାଧିକ । ତେଣୁ ଅବହେଳା ଅଗ୍ରହଣୀୟ ।

ବରଂ ଆଇସିୟୁର ଚିକିତ୍ସା ସମ୍ପର୍କୀୟଙ୍କ ଉପସ୍ଥିତିରେ ଭଲଭାବେ କରିହୁଅନ୍ତା । କାହାର ସନ୍ଦେହ ରହନ୍ତା ନାହିଁ ଯେ ବ୍ରେନ୍‌ଡେଡ୍ ପରେ ବି ଆଇସିୟୁରେ ଦିନଦିନ ଧରି ଭେଣ୍ଟିଲେଟର୍‌ରେ ରଖାଯାଇ ଶୋଷଣ କରାଯାଉଛି ବୋଲି! ଅଯଥାରେ ଆଇସିୟୁରେ ଯନ୍ତ୍ରଣାଦାୟକ ସ୍ଥିତିରେ ପକେଇ ନରଖି ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରାଗଲେ ରୋଗୀଟି ସଂସ୍କୃତି ପରମ୍ପରା ଅନୁଯାୟୀ ଆତ୍ମୀୟସ୍ୱଜନମାନଙ୍କ ହାତରୁ ତୁଳସୀ ଜଳ, ମହାର୍ଦ୍ଦ ପାଇ ଗୀତା ଭାଗବତ ଶୁଣି ଆତ୍ମଶାନ୍ତିରେ ହୁଏତ ପ୍ରାଣତ୍ୟାଗ କରିପାରନ୍ତା । ଆଇସିୟୁ ପରି ଅତ୍ୟାଧୁନିକ ଚିକିତ୍ସା ପାଇଁ କ୍ୟାବିନ୍ ବ୍ୟବସ୍ଥା କରାଯାଉ । ବ୍ୟୟବହୁଳ ହେଲେ ମଧ୍ୟ ଗୋଟେ କ୍ୟାବିନ୍‌ରେ ଗୋଟେ ରୋଗୀକୁ ରଖି ଚିକିତ୍ସା କରିବା, ସମ୍ପର୍କୀୟମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ଟିକିନିଖି ବିବରଣୀ ଜଣାଇବା ସ୍ୱାସ୍ଥ୍ୟକର୍ମୀମାନଙ୍କ ଦାୟିତ୍ୱ, ଯାହାକୁ ଠିକ୍ ରୂପେ ତୁଲେଇପାରିଲେ ମୁମୂର୍ଷୁ ଲୋକଟିର ଶେଷ ଅବସ୍ଥା ପୀଡ଼ାଦାୟକ ହୁଅନ୍ତା ନାହିଁ । ଅର୍ଥ ଜୀବନଠାରୁ ବଡ଼ ନୁହେଁ । ଜୀବନ ମୃତ୍ୟୁକୁ ନେଇ ବ୍ୟବସାୟ ନ ହେଉ, ନହେଲେ ମାନବତା ବଞ୍ଚିବ ନାହିଁ ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଅନାଥଙ୍କ ସାହାରା ପାଲଟିଛନ୍ତି ଲାମା ଥୁପଟେନ ଫୁନ୍‌ଷ୍ଟୋକ । ଅରୁଣାଚଳ ପ୍ରଦେଶରେ ସେ ମଞ୍ଜୁଶ୍ରୀ ବିଦ୍ୟାପୀଠ ପ୍ରତିଷ୍ଠା କରି ୩୦୦ ଅନାଥ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି । ସେଠାରେ ପିଲାମାନେ ରହୁଛନ୍ତି, ଖାଉଛନ୍ତି ଓ ପଢୁଛନ୍ତି । ତାୱାଙ୍ଗ ଜିଲାର ପାହାଡ଼ିଆ ଅଞ୍ଚଳର ଏକ ଛୋଟ ଗାଁରେ ଏହି ସ୍କୁଲ ଚାଲିଛି । ଏହି ସ୍କୁଲ ନିର୍ମାଣଠାରୁ ଆରମ୍ଭ କରି ଏହାର ପରିଚାଳନା ସେ ନିଜେ କରିଆସିଛନ୍ତି । ସେ ୧୯୮୮ରେ ଏକ ଝୁପୁଡ଼ିରେ ୧୭ ଜଣ ଅନାଥ ପିଲାଙ୍କୁ ନେଇ ଏହି ସ୍କୁଲ ଆରମ୍ଭ କରିଥିଲେ । ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୩୦୦ରେ ପହଞ୍ଚିଲାଣି । ଏମାନେ ବିଭିନ୍ନ ଜିଲାରୁ ଆସିଛନ୍ତି । ଏହି ସ୍କୁଲରୁ ପିଲା ପାସ୍ କରି ଆଇନଜୀବୀ, ଆଇଏଏସ୍ ଅଧିକାରୀ ହୋଇ ସାରିଲେଣି । ଲାମା ବୁଦ୍ଧିଷ୍ଟ ଫିଲୋସଫି ପଢିବା ସହ ତିବ୍ବତୀୟ ଭାଷାରେ ପିଏଚଡି କରିଛନ୍ତି । ସେ ତାୱାଙ୍ଗ ପବ୍ଲିକ ସ୍କୁଲରେ ଶିକ୍ଷକ ଭାବେ କାମ କରି ଅର୍ଥ ସଞ୍ଚୟ କରି ସେଥିରେ ସ୍କୁଲ ଆରମ୍ଭ କରିଥିଲେ । ସିବିଏସ୍‌ଇରେ ପଞ୍ଜୀକୃତ ହୋଇଛି ସ୍କୁଲ ଓ ୧୦ ଶ୍ରେଣୀ ଯାଏ ପିଲାଙ୍କୁ ପଢ଼ାଯାଉଛି । ଏବେ ୩୭ ଜଣ ଷ୍ଟାଫ୍ ରହିଛନ୍ତି ଓ ଲାମା ନିଜେ ମଧ୍ୟ ପଢ଼ାଉଛନ୍ତି । ସବୁ ବିଷୟ ସହିତ ବୁଦ୍ଧିଷ୍ଟ ଫିଲୋସଫି ସହ ସ୍ଥାନୀୟ ଭାଷା ମଧ୍ୟ ପଢ଼ାଯାଉଛି ।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଜୁଲାଇ ୧୯୭୫

- କେନ୍ଦ୍ର ରିଜର୍ଭ ପୋଲିସ ବିଭିନ୍ନ ସ୍ଥାନରେ ଖାନତଲାସ କରି ୧୮ଜଣ ବିଦ୍ରୋହୀ ନାଗା ଓ ମିଜୋଙ୍କୁ ଗିରଫ କରିବା ସଙ୍ଗେ ସଙ୍ଗେ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି ।
- ବିଜାପୁର ଜିଲାରେ ନୌକା ଦୁର୍ଘଟଣା ଘଟି ୧୯ ଜଣଙ୍କର ମୃତ୍ୟୁ ।
- ସୀତାକାନ୍ତ ମହାପାତ୍ର ହୋମି-ଭାବା ଫେଲୋସିପ ପାଇଁ ମନୋନୀତ ହୋଇଛନ୍ତି ।

## ଚିରନ୍ତନୀ

ଶ୍ରାବଣର ଘନ ଉହାଡ଼େ ପ୍ରକାଶ
ଜୋଛନା ସମାନ ଫୁଟି ଉଠୁ ହାସ
ଜୀବନର ସବୁ କାଳିମା ପୂରାଇ
ସକଳ ରନ୍ଧ୍ର ଭରି
ଚମ୍ପକ ହାସ ହସିଯାଅ ଧୀରେ
ଆଗୋ ଗୋରଚନା-ଗୋରି!
(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | | | 2 |
| | | 9 | | | | | | 5 |
| 1 | | | | 3 | 8 | | | |
| 7 | | | | | | | 3 | |
| | 6 | | 5 | | 7 | | 4 | |
| 8 | | | | | 1 | | | |
| | | 2 | | 7 | | 8 | 9 | |
| | | | | | | | 7 | 3 |
| 5 | 7 | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 1 | 8 | 9 | 6 | 4 | 2 | 5 |
| 6 | 4 | 8 | 5 | 2 | 3 | 9 | 1 | 7 |
| 2 | 9 | 5 | 4 | 1 | 7 | 6 | 8 | 3 |
| 3 | 6 | 7 | 2 | 4 | 9 | 1 | 5 | 8 |
| 8 | 2 | 9 | 1 | 7 | 5 | 3 | 6 | 4 |
| 5 | 1 | 4 | 3 | 6 | 8 | 2 | 7 | 9 |
| 4 | 7 | 3 | 6 | 5 | 1 | 8 | 9 | 2 |
| 1 | 5 | 2 | 9 | 8 | 4 | 7 | 3 | 6 |
| 9 | 8 | 6 | 7 | 3 | 2 | 5 | 4 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମା' ଚର୍ଚ୍ଚିକା ପୀଠର ବିକାଶ ହେଉ

ମହାଶୟ,

କଟକ ଜିଲା ବାଙ୍କୀ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କ ପୀଠର ବିକାଶ ପ୍ରତି ଧ୍ୟାନ ଦିଆଯାଉ । ଚତୁଃପାର୍ଶ୍ୱରେ ଅଟ୍ଟାଳିକା ହେବା ଦ୍ୱାରା ମନ୍ଦିରଟି ଦୃଷ୍ଟିଗୋଚର ହେଉ ନାହିଁ । ମନ୍ଦିର ଚାରିପଟ ପରିଷ୍କାର ପରିଚ୍ଛନ୍ନ କରାଯାଉ ନାହିଁ । ସରକାରଙ୍କ ଏଭଳି ଉଦାସୀନତା ପାଇଁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଦୂରରୁ ଆସୁଥିବା ଭକ୍ତଗଣଙ୍କର ଚାହିଦା ଦୃଷ୍ଟିରୁ ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଏହି ପୀଠକୁ ଆକର୍ଷଣୀୟ କରିବା ପାଇଁ ସରକାର ପଦକ୍ଷେପ ନେବା ଜରୁରି । ସର୍ବସାଧାରଣଙ୍କ ଦର୍ଶନକୁ ଅଗ୍ରାଧିକାର ଦିଆଯାଉ ।

- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







ଗୁଣପୁରସ୍ଥିତ ବଡ଼ ଗୁଣ୍ଡିଚା ମନ୍ଦିରରେ ଶ୍ରୀ ବଳଭଦ୍ରଙ୍କ ବଳରାମ ଏବଂ ଶ୍ରୀ ଜଗନ୍ନାଥଙ୍କ ରାମ ଅବତାର ବେଶ । (ଫଟୋ- ପ୍ରଦୀପ କୁମାର ପାଢ଼ୀ)

ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ଼ାରେ ଶନିବାର ସକାଳେ ମହାପ୍ରଭୁଙ୍କ ରାମ ଓ ସନ୍ଧ୍ୟାରେ ବଳରାମ ଅବତାର ବେଶ । (ଫଟୋ-ଆଶିଷ ରଞ୍ଜନ ପଣ୍ଡା)

# ଶଯ୍ୟା ଅଭାବ, ବାରଣ୍ଡାରେ ଚାଲିଛି ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କ ଚିକିତ୍ସା

- ବଢ଼ୁଛି ମ୍ୟାଲେରିଆ
- ଶନିବାର ସୁଦ୍ଧା ବିଭିନ୍ନ ହଷ୍ଟେଲରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ ଟପିଛି

**ରାୟଗଡ଼ା,୧୩।୭(ଆଶିଷ ରଞ୍ଜନ ପଣ୍ଡା)**

ଜିଲାରେ ବିଦ୍ୟାଳୟ ହଷ୍ଟେଲମାନଙ୍କର ମ୍ୟାଲେରିଆ ବଢ଼ିବାରେ ଲାଗିଛି। ଏଭଳିକି କିଛି ଛାତ୍ରୀଛାତ୍ର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗତ ୩ ତାରିଖରୁ ଶନିବାର ସୁଦ୍ଧା ବିଭିନ୍ନ ହଷ୍ଟେଲରେ ଆକ୍ରାନ୍ତ ଅନ୍ତେବାସୀ ସଂଖ୍ୟା ୫୦୦ ଟପିଛି। ଆଶ୍ରମ, ସେବାଶ୍ରମ ଓ ହାଇସ୍କୁଲ ହଷ୍ଟଲରେ ଆହୁରି ଶତାଧିକ ଆକ୍ରାନ୍ତ ରହିଛନ୍ତି। ରକ୍ତ ପରୀକ୍ଷା ପରେ ଘୋଷଣା କରାଯିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ଶନିବାର ରାୟଗଡ଼ା ସହର ଉପକଣ୍ଠ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ହଷ୍ଟେଲରେ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଜଣକ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ଅରୁଣ ଉଲାକା(୧୪)। ଏଠାରେ ୩୪୫ ଜଣ ଅନ୍ତେବାସୀ ରହୁଥିବା ବେଳେ କୌଣସି ଏଏନ୍‌ଏମ୍ ନିଯୁକ୍ତି ପାଇନାହାନ୍ତି। ଫଳରେ ସ୍ୱାସ୍ଥ୍ୟ ପରୀକ୍ଷା ହୋଇପାରୁନି। କେହି ରୋଗାକ୍ରାନ୍ତ ହେଲେ ସେମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମେଡିକାଲ ନେବାକୁ ବାଧ ହେଉଛନ୍ତି। ତେବେ ପ୍ରାଥମିକ ଚିକିତ୍ସା ଓ ପରୀକ୍ଷଣ ସୁବିଧା ନ ଥିବାରୁ ପିଲା ଗୁରୁତର ହେଉଥିବା ଜଣାପଡ଼ିଛି।



ଇଏମଆରଏସ ବିଦ୍ୟାଳୟର ଛାତ୍ର ଅରୁଣ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି

ଏଏନ୍‌ଏମ୍ ନଥିବା ଯୋଗୁ ରାୟଗଡ଼ା ସହରଠାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ଏହି ବିଦ୍ୟାଳୟରେ ପିଲାଙ୍କ ରକ୍ତ ନମୁନା ପରୀକ୍ଷଣ ଅଦ୍ୟାବଧି କରାଯାଇନାହିଁ। ତେବେ କିଛି ପିଲାଙ୍କ ଅସୁସ୍ଥତା ବଢ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ରକ୍ତ ପରୀକ୍ଷା କରାଯିବା ପରେ ମ୍ୟାଲେରିଆ ପଜିଟିଭ ବାହାରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୧ ଜଣ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ବେଳେ କଲ୍ୟାଣସିଂହପୁର, ଚନ୍ଦ୍ରପୁର, କାଶୀପୁର, ମୁନିଗୁଡା, ପଦ୍ମପୁର, ବିଷମକଟକ, ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଜଣ ଚିକିତ୍ସିତ ହେଉଛନ୍ତି। ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏରୁକୁବାଡି ବିଦ୍ୟାଳୟର ପ୍ରତିମା କଣ୍ଡାଗରି(୧୦), ରାୟଗଡ଼ା ସହରର ଗୋପବନ୍ଧୁ ହାଇସ୍କୁଲ ଛାତ୍ର ଉତାସନ ମାଝୀ(୧୧), ଦୁର୍ଗାପାଢ଼ୁ ଆଶ୍ରମ ବିଦ୍ୟାଳୟ ଛାତ୍ର ମନ୍ମଥ କିଲାକା(୧୧), ଚିକୁ କିଲାକା(୭), ଜପାଖାଲ ଆଶ୍ରମ ଛାତ୍ର ବାଦଲ ହିକକା(୮), ଉର୍ମିଳା ପ୍ରାସ୍କା(୯), ତାଡ଼ମା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରିମା ପିଡିକ(୧୦), ଅଞ୍ଜଳି ପିଡିକା(୧୩), କୁଟୁଲି ଉଚ୍ଚ ବିଦ୍ୟାଳୟ ଛାତ୍ର ଥବିର ମାଝୀ(୬) ଓ ମାଲିଗାଁ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପୂର୍ଣ୍ଣିମା ମିଣିଆକା(୮) ଚିକିତ୍ସା କରାଯାଉଛି। ଶଯ୍ୟା ଅଭାବରୁ ବାରଣ୍ଡାରେ ଆକ୍ରାନ୍ତ ଛାତୀଛାତ୍ରଙ୍କ ଚିକିତ୍ସା କରାଯାଉଛି।

ବ୍ରହ୍ମପୁରରେ ଚିକିତ୍ସିତ ହେଉଥିବା ଭାକୁରଗୁଡ଼ା ଆଶ୍ରମ ବିଦ୍ୟାଳୟ ଛାତ୍ର ଫକିର ତାଡିଙ୍ଗି(୧୩)ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିନାହିଁ। ଏହାଛଡ଼ା ଜପାଖାଲ, ଭେଜା ସେବାଶ୍ରମ ସମେତ ହାକୁସପଙ୍ଗା, ପିତାମହଲ, ଭାକୁରଗୁଡା, ଦୁର୍ଗାପାଢ଼ୁ, ବଡନାୟକଗୁଡା, ବେଲକଣା, ଗାଡିଶେଷଖାଲ ଆଶ୍ରମର ଅନେକ ଅନ୍ତେବାସୀ ମ୍ୟାଲେରିଆରେ ପୀଡିତ ଥିବା ସୂଚନା ମିଳିଛି। ସେହିଭଳି ପାରସାଲି, କେରେଡା, ବାଙ୍କିଲି, ତାଡମା, କୁମ୍ଭିକୋଟା, କୁଟୁଲି, କୈଳାଶପୁର, ପେନିକଣା, ରିଭଲକଣା, ବେଲକଣା, ବୁଡାଗୁଡା, ଚନ୍ଦ୍ରପୁର, ଡାଙ୍ଗସୋରଡା, ମାଲିଗାଁ, ରବାଡି, ମୁନିଖୋଲ ଉଚ୍ଚ ବିଦ୍ୟାଳୟରେ ଅନେକ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୁଖ୍ୟତଃ ହଷ୍ଟେଲରେ ରହି ପାଠ ପଢୁଥିବା ଶତାଧିକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି।

ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୫୦ ବିଦ୍ୟାଳୟ ହଷ୍ଟେଲରେ ମ୍ୟାଲେରିଆ ଆତଙ୍କ ରହିଛି। ୪ ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୫୦୦ରୁ ଅଧିକ ମ୍ୟାଲେରିଆ ପଜିଟିଭ ଥିବା ବିଭାଗ ସୂତ୍ରରୁ ଜଣାପଡିଛି। ରକ୍ତ ନମୁନା ପରୀକ୍ଷା ପାଇଁ ଅନେକ ଛାତ୍ରୀଛାତ୍ର ଅପେକ୍ଷା କରି ରହିଛନ୍ତି। ରାୟଗଡା ସହର ଉପକଣ୍ଠରେ ଥିବା ବିଦ୍ୟାଳୟରେ ମ୍ୟାଲେରିଆ ପରୀକ୍ଷଣ ନହେବା ଘଟଣାକୁ ନାପସନ୍ଦ କରାଯାଇଛି। ବିଭିନ୍ନ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍କ୍ରିନିଂ କରାଯାଉଥିଲେ ମଧ୍ୟ ତାହା ନିଅଣ୍ଟ ହେଉଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କୁ ପଚାରିବାରୁ ପିଲାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ସହିତ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ଔଷଧ ଦିଆଯାଉଛି। ଯଦି କାହାର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଦେଖା ନ ଯାଏ ତେବେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ବୋଲି ସେ କହିଛନ୍ତି।

## ୧୫ରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଗୁଣପୁର, ୧୩।୭( ପ୍ରଦୀପ କୁମାର ପାଢ଼ୀ)**

୨୦୨୪ ସାଧାରଣ ନିର୍ବାଚନ ଯୋଗୁ ବନ୍ଦ ହୋଇଥିବା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ପୁଣିଥରେ ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖ ସୋମବାର ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଶିବିରରେ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଶୁଣିବେ। ଗୁଣପୁର ଉପଖଣ୍ଡର ଜନସାଧାରଣ ଯେଉଁମାନଙ୍କର ଆପତ୍ତି ଅଭିଯୋଗ ରହିଛି ସେମାନେ ଏହି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ସକାଳ ୧୦ଟା ସୁଦ୍ଧା ପହଞ୍ଚି ନାମ ପଞ୍ଜିକରଣ କରିପାରିବେ।

## ବିଏସ୍‌ଏଫ୍ କ୍ୟାମ୍ପ୍ ମହିଳାଙ୍କୁ ଯୋଗାଇବ ରୋଜଗାର

- ପୋଲିସ-ବ୍ଲକ ପ୍ରଶାସନ ମଧ୍ୟରେ ବୁଝାମଣା
- ଉପକୃତ ହେବେ ୩ ପଞ୍ଚାୟତର ମହିଳା
- ସ୍କୁଲ ଡ୍ରେସ୍, ଚପଲ, ଝାଡୁ ପ୍ରସ୍ତୁତ ପାଇଁ ରହିଛି ଲକ୍ଷ୍ୟ: ବିଡିଓ

**ପଟ୍ଟାଙ୍ଗି,୧୩।୭(ଶରତ ଧଳ)**

ମାଓବାଦୀପ୍ରବଣ ଅଞ୍ଚଳଗୁଡିକରେ ସ୍ଥାପିତ ହୋଇଥିବା ବିଏସ୍‌ଏଫ୍ କ୍ୟାମ୍ପ୍‌ଗୁଡିକ ବର୍ତ୍ତମାନ ଅଞ୍ଚଳବାସୀଙ୍କ ପାଇଁ ରୋଜଗାରର ବାଟ ବାହାର କରିଛି। ଅଞ୍ଚଳବାସୀ ଏଥିରୁ କିପରି ରୋଜଗାର ପାଇପାରିବେ ସେନେଇ ପୋଲିସ ଏବଂ ବ୍ଲକ ପ୍ରଶାସନ ମଧ୍ୟରେ ବୁଝାମଣାଭିତ୍ତିରେ ବିଭିନ୍ନ ସାମଗ୍ରୀର ଉତ୍ପାଦନ କେନ୍ଦ୍ର ଆରମ୍ଭ ହେବାକୁ ଯାଉଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟୁରୁ ପଞ୍ଚାୟତର ଆଡାଡିଗା ଗ୍ରାମ ନିକଟରେ ରହିଥିବା ପାହାଡ଼ ଉପରେ ମାଓବାଦୀଙ୍କ ଗତିବିଧି ଅନୁଧ୍ୟାନ ପାଇଁ ଏକ ବିଏସ୍‌ଏଫ୍ କ୍ୟାମ୍ପ୍ ହୋଇଥିଲା। ଉକ୍ତ କ୍ୟାମ୍ପ୍‌ରେ ଦୀର୍ଘ ବର୍ଷ ଧରି ବିଏସ୍‌ଏଫ୍ ମୁତୟନ ହୋଇଥିବା ବେଳେ ଏବେ ଉକ୍ତ ଅଞ୍ଚଳ ମାଓବାଦୀମୁକ୍ତ ହୋଇଥିବାରୁ ପ୍ରଥମେ ବିଏସ୍‌ଏଫ୍ ଉଠି ଯାଇଥିଲା। ପରେ ମୁତୟନ ଥିବା ଆଇଆରବି ପୋଲିସ ଉଠାଯାଇଛି। ବର୍ତ୍ତମାନ ଉକ୍ତ କ୍ୟାମ୍ପ୍‌ଟି ସମ୍ପୂର୍ଣ୍ଣ ଖାଲିପଡିଛି। ଏହାକୁ ଅନୁଧ୍ୟାନ କରି ବ୍ଲକ ପ୍ରଶାସନ ଖାଲିଥିବା ଏହି କ୍ୟାମ୍ପ ପରିସରକୁ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ଲାଗି ରୋଜଗାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇପାରିବ ବୋଲି ଏକ ପ୍ରସ୍ତାବ ପୋଲିସ ପ୍ରଶାସନକୁ ଦେଇଥିଲା। ଏହାକୁ ପୋଲିସ ପ୍ରଶାସନ ଗ୍ରହଣ କରିଛି। ଏହି ସ୍ଥାନ ଉପରୋକ୍ତ ପଞ୍ଚାୟତର ଆଖପାଖ ଗ୍ରାମର ମହିଳାଙ୍କ ପାଇଁ ରୋଜଗାରର ବାଟ ଖୋଲିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବ୍ଲକର ଏକ ଟିମ୍ ଖାଲି ପଡିଥିବା ଉପରୋକ୍ତ କ୍ୟାମ୍ପ୍‌ରେ ପହଞ୍ଚି ଆସିଷ୍ଟାଣ୍ଟ କମାଣ୍ଡୋ ନାରାୟଣ ରାଉତ, ସୁଙ୍କି ଥାନା ଅଧିକାରୀ କେ. ସାଙ୍ଗାନାଙ୍କ ଉପସ୍ଥିତିରେ ଏକ ମିଳିତ ଚୁକ୍ତିନାମା ଟିମ୍‌କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୦୮ରୁ ୨୦୧୬ ମଧ୍ୟରେ ପଟ୍ଟାଙ୍ଗି ବ୍ଲକ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ଉଗ୍ର ରୂପ ନେଇଥିଲା। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୧ ଡିସେମ୍ବର ୧୧ରେ ଉକ୍ତ ଅଞ୍ଚଳରେ ବିଏସ୍‌ଏଫ୍ କ୍ୟାମ୍ପ୍ ସ୍ଥାପନ ହୋଇଥିଲା। ଫଳରେ ଅଞ୍ଚଳରେ ଧୀରେ ଧୀରେ ସୁଧାର ଆସିଥିଲା। ପରେ ବିଏସ୍‌ଏଫ୍‌କୁ ପ୍ରତ୍ୟାହାର କରାଯାଇଥିଲା। ଏହା ପରେ ମଧ୍ୟ ୨୦୨୩ ଜାନୁଆରୀ ୧୫ରେ ଆଇଆର୍‌ବିଏନ୍ ପୋଲିସକୁ ମୁତୟନ କରାଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ଜାରି ରହିଥିଲା। ବର୍ତ୍ତମାନ ଅଞ୍ଚଳରେ ସବୁ ପ୍ରକାର ସ୍ଥିତିରେ ସ୍ୱାଭାବିକ ଅବସ୍ଥା ଫେରି ଆସିଥିବାରୁ ଆଇଆର୍‌ବିଏନ୍ ପୋଲିସକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି। ଅନ୍ୟପକ୍ଷରେ ହସ୍ତାନ୍ତର ହୋଇଥିବା କ୍ୟାମ୍ପ୍ ସ୍ଥଳରେ ପେଟୁରୁ, ଅମ୍ବାବାଲି ଏବଂ ତଳଗୋଲୁର ପଞ୍ଚାୟତ ସହ ଆଖପାଖ ଅଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ କ୍ୟାମ୍ପ୍‌ରେ ତାଲିମପ୍ରାପ୍ତ ମହିଳା ଓ ଯୁବତୀଙ୍କ ଦ୍ୱାରା ସ୍କୁଲ ଡ୍ରେସ୍, ଚପଲ, ନାପକିନ୍, ଝାଡୁ ଆଦି ସାମଗ୍ରୀ ପ୍ରସ୍ତୁତ ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଡିଓ ପଟ୍ଟନାୟକ କହିଛନ୍ତି।

# ଲ୍ୟାମ୍ପ୍ସରେ ମିଳୁନି ବିହନ, ସାର

**ବୈପାରିଗୁଡା,୧୩।୭(କଳ୍ପତରୁ ମହାନ୍ତି)**

ଚଳିତ ଖରିଫ ଚାଷ ପାଇଁ ଚାଷୀମାନେ ଚାଷ କାର୍ଯ୍ୟ ଜାରି ରଖିଥିବା ବେଳେ ବୈପାରିଗୁଡା ବହୁମୁଖୀ ସମବାୟ ସମିତି(ଲ୍ୟାମ୍ପ୍ସ)ରେ ସେମାନଙ୍କୁ ଧାନ ବିହନ ଓ ସାର ମିଳୁନାହିଁ। ଫଳରେ ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଖବରରୁ ଜଣାପଡିଛି, ପୂର୍ବରୁ ପ୍ରତି ବର୍ଷ ଖରିଫ ଚାଷ ବେଳେ ଲ୍ୟାମ୍ପ୍ସ ପକ୍ଷରୁ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର୍ଟିଫାଏଡ୍ ଧାନ ବିହନ ଓ ସାର ବିକ୍ରି କରାଯାଇଥାଏ। ମାତ୍ର ଚଳିତ ବର୍ଷ ସେସବୁ ମିଳୁନାହିଁ । ଚାଷୀମାନେ ବାରମ୍ବାର ଲ୍ୟାମ୍ପ୍ସକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏଥିଯୋଗୁ ଚାଷୀମାନେ ବାଧ ହୋଇ ଖୋଲା ବଜାରରୁ ଧାନ ବିହନ ଓ ସାର ଚଢା ଦରରେ କିଣୁଛନ୍ତି। ଅନେକ ସମୟରେ କେତେ ଜଣ ବ୍ୟବସାୟୀ ମଧ୍ୟ ଏସବୁ କଳାବଜାର କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। ସୂଚନାଯୋଗ୍ୟ, ସାର୍ଟିଫାଏଡ୍ ଧାନ ବିହନ ଦେଶୀ ବିହନ। ବିହନ ନିଗମ ପକ୍ଷରୁ ଏହା ଚାଷୀଙ୍କଠାରୁ ସଂଗ୍ରହ କରାଯାଇ ବିଶୋଧନ କରି ଯୋଗାଇ ଦିଆଯାଇଥାଏ। ଏହି ବିହନରୁ ଉତ୍ପାଦିତ ଧାନକୁ ୩ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରେ। ଏଥିରୁ ଉତ୍ପାଦିତ ଚାଉଳ ସ୍ୱାଦିଷ୍ଟ ଓ ଏହାର ଗୁଣାତ୍ମକ ମୂଲ୍ୟ ରହିଛି। ମାତ୍ର ବାହାରେ ଦୋକାନଗୁଡିକରେ ହାଇବ୍ରିଡ୍ ବିହନ ମିଳୁଥିବାରୁ ଚାଷୀମାନେ ବାଧ ହୋଇ କିଣୁଛନ୍ତି। ଅନ୍ୟପକ୍ଷରେ କୃଷି ବିଭାଗ ପକ୍ଷରୁ ବିହନ କିଣିବା ପାଇଁ ଡିବିଟି ମାଧ୍ୟମରେ ଚାଷୀମାନଙ୍କ ଜମା ଖାତାକୁ ଆର୍ଥିକ ସହାୟତା ବ୍ୟବସ୍ଥା ରହିଛି । ଏଥିପାଇଁ ଆଗୁଆ ଅନ୍ ଲାଇନ୍ ପଞ୍ଜୀକରଣ କରିବାକୁ ପଡେ। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଚାଷୀ ସଚେତନତା ଅଭାବରୁ ବାଦ୍ ପଡୁଛନ୍ତି। ବିହନ ଓ ସାର ନ ମିଳିବା ନେଇ

ଲ୍ୟାମ୍ପ୍ସ ଏମ୍‌ଡି ବଳରାମ ମାଝିଙ୍କୁ ପଚାରିବାରୁ ସେ କହିଲେ, ସାର୍ଟିଫାଏଡ୍ ଧାନ ବିହନ ଗୋଟିଏ ଟ୍ରିପ୍ ମଗାଯାଇଥିଲା। ତାହା ସରିଯାଇଛି। ଆଉ ମଗେଇଲେ କାଳେ ତାହା ବଳକା ରହିଯିବ ଆଶଙ୍କା କରି ଆଉ ମଗାଯାଇନାହିଁ। ସେହିପରି ପ୍ରତିବର୍ଷ ସାର ପାଇଁ ପ୍ରବଳ ଭିଡ ହେଉଥିବାରୁ ଚଳିତ ବର୍ଷ ସାର କେବଳ ସମବାୟ ସମିତିରୁ ଋଣ ନେଉଥିବା ଚାଷୀଙ୍କୁ ଦେବାକୁ ନିଷ୍ପତ୍ତି ହୋଇଛି। ତେବେ ଯେଉଁ ଚାଷୀମାନେ ଋଣ ନେଇଛନ୍ତି ସେମାନେ ମଧ୍ୟ ବିହନ ପାଇନାହାନ୍ତି। ଚଳିତ ବର୍ଷ ଆଦୌ ସାର ମଗାଯାଇ ନ ଥିବା ଚାଷୀ ଗୌରଚନ୍ଦ୍ର ପାତ୍ର ତୀବ୍ର ଅଭିଯୋଗ କରିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ଉପକରଣ ସ୍ଥିତି ଯାଞ୍ଚ

**ରାୟଗଡ଼ା,୧୩।୭ (ଆଶିଷ ରଞ୍ଜନ ପଣ୍ଡା)**

**ଡିଆରଏମ୍‌ଙ୍କ ରାୟଗଡ଼ା ଗସ୍ତ**

ୱାଲ୍‌ଟିୟର ରେଳ ଡିଭିଜନ ଡିଆରଏମ୍ ସୌରଭ ପ୍ରସାଦ ଶନିବାର ରାୟଗଡ଼ା ଗସ୍ତରେ ଆସିଥିଲେ। ବିପର୍ଯ୍ୟୟ ମୁକାବିଲା ପାଇଁ ରାୟଗଡ଼ା ରେଳ ଷ୍ଟେଶନରେ ରହିଥିବା ସମସ୍ତ ଉପକରଣ ଯାଞ୍ଚ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଗସ୍ତରେ ଡିଆରଏମ୍ ରାୟଗଡ଼ା ଷ୍ଟେଶନଠାରେ ରହିଥିବା ଆକ୍ସିଡେଣ୍ଟାଲ ରିଲିଫ୍ ଟ୍ରେନ୍ ଟୁଲ୍ ଭ୍ୟାନ୍ ଏବଂ ମେଡିକାଲ ଇକ୍ୟୁପ୍‌ମେଣ୍ଟ ଭ୍ୟାନ୍‌ର ସ୍ଥିତି ଯାଞ୍ଚ କରିଥିଲେ। ଏଥିସହ ବିପର୍ଯ୍ୟୟ ମୁକାବିଲା ପାଇଁ ରହିଥିବା ସମସ୍ତ ଉପକରଣକୁ ସଜାଡ଼ି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିର୍ମାଣାଧୀନ ତୃତୀୟ ରେଳଲାଇନ କାମ ଯେପରି ତ୍ୱରାନ୍ୱିତ କରିହେବ ସେଥିପ୍ରତି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଗୁମାଡ଼ା ଏବଂ ଜେମାଦେଇପେଣ୍ଠ ରେଳଷ୍ଟେଶନରେ ବିଭିନ୍ନ ଆନୁଷଙ୍ଗିକ ସୁବିଧାର ଅନୁଧ୍ୟାନ କରିଥିଲେ। ଡିଆରଏମ୍ ସୌରଭ ପ୍ରସାଦଙ୍କ ଏହି ଗସ୍ତରେ ୱାଲଟିୟର ରେଳ ଡିଭିଜନର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।




ଡିଆରଏମ୍ ଆକ୍ସିଡେଣ୍ଟାଲ ରିଲିଫ୍ ଟ୍ରେନ୍ ଟୁଲ୍ ଭ୍ୟାନ୍ ସ୍ଥିତି ଯାଞ୍ଚ କରୁଛନ୍ତି ।

# ତୁରନ୍ତ ସମସ୍ୟା ସମାଧାନ କରିବାକୁ ବିଧାୟକଙ୍କ ନିର୍ଦ୍ଦେଶ

**ପଦ୍ମପୁର ସହରର ପାନୀୟ ଜଳ ସମସ୍ୟା**

**ପଦ୍ମପୁର,୧୩।୭(ପ୍ରଶାନ୍ତ କର)**

ରାୟଗଡା ଜିଲା ପଦ୍ମପୁର ପଞ୍ଚାୟତରେ ଦୀର୍ଘବର୍ଷ ହେଲା ପାନୀୟ ଜଳ ସମସ୍ୟା ଲାଗିରହିଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରତି ବର୍ଷ ବ୍ଲକ କାର୍ଯ୍ୟାଳୟରେ ବୈଠକ ହେଉଛି ମାତ୍ର ପଦକ୍ଷେପ ଶୂନ। ପ୍ରଶାସନର ଉଦାସୀନତା ଯୋଗୁ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ସୁଧରେନାହିଁ। ବିଡିଓ ଶିବପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ବସିଥିବା ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଗୁଣପୁର ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ, ଗ୍ରାମ୍ୟଜଳ ଯୋଗାଣ ବିଭାଗ ଉପନିର୍ବାହୀ ଅଧିକାରୀ ଲୋକନାଥ ଯାଦବ, ବ୍ଲକ ଅଧ୍ୟକ୍ଷା ମଣିମାଳା ଶବରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହା ବିଧାୟକଙ୍କ ପଦ୍ମପୁରରେ ପ୍ରଥମ ଗସ୍ତ ହୋଇଥିବାରୁ ଜନସାଧାରଣ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ପଞ୍ଚାୟତରେ ଲାଗି ରହିଥିବା ପାଣି ସମସ୍ୟା ସମ୍ପର୍କରେ ବିଡିଓ ଅବଗତ କରାଇଥିଲେ।

୨୦୧୫ରୁ ପଦ୍ମପୁରରେ ରହିଆସୁଛନ୍ତି ବୋଲି ପ୍ରକାଶ କରି ବିଧାୟକ ଗମାଙ୍ଗ କହିଥିଲେ ସେ ସମୟରେ ମଧ୍ୟ ପାଣି ସମସ୍ୟା ଲାଗି ରହିଥିଲା। ସେ ସମସ୍ୟା ଦିନକୁ ଦିନ ବଢୁଥିଲେ ମଧ୍ୟ ଏହାର ସମାଧାନ ଏଯାଏ ହୋଇପାରିନି। କେବେ ଏହାର ସମାଧାନ କରାଯିବ ଏବଂ ପ୍ରତି ସାହିକୁ ବିଶୁଦ୍ଧ ଜଳ ଯୋଗାଣ ହେବ ବୋଲି ବିଧାୟକ ପ୍ରଶ୍ନ ଉଠାଇଥିଲେ। ଏହାର ସମାଧାନ ତୁରନ୍ତ କରିବାକୁ ସେ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗରୁ ଯେତିକି ପାଣି ପଦ୍ମପୁର ସହରକୁ ବଂଶଧାରା ନଦୀରୁ ଆସୁଥିଲା ତାହା ଏବେ ସେତିକି ପରିମାଣରେ ଆସୁନାହିଁ। ଫଳରେ ସମସ୍ୟା ସୁଧାରିବାରେ ସମସ୍ୟା ହେଉଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ପୌର ଉପାଧ୍ୟକ୍ଷ ଗୌଡ ଏହାର ସ୍ଥାୟୀ ସମାଧାନ ପାଇଁ ଏକ ଡିପିଆର ପ୍ରସ୍ତୁତ କରି ବିଧାୟକଙ୍କ ମାଧ୍ୟମରେ ରାୟଗଡ଼ା ଜିଲାପାଳ ଅବଗତ କରାଯାଉ। ପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରି ନୂତନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ କେ. ପ୍ରକାଶ ନିଜ ମତ ରଖିଥିଲେ। ଜଳଯୋଗାଣ ସମସ୍ୟା ଦୂର ପାଇଁ ନୂତନ ବୋର୍‌ୱେଲ ଖୋଳାଯାଇଛି। ଖୁବ୍ ଶୀଘ୍ର ନୂତନ ପାଇପ ସଂଯୋଗ କରାଯିବ ଏବଂ ରହିଥିବା ପାଇପ ମରାମତି କରି ଲୋକଙ୍କୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ହେବ ବୋଲି ବିଭାଗ ପକ୍ଷରୁ ବୈଠକରେ କୁହାଯାଇଥିଲା।



ପାନୀୟ ଜଳ ସମସ୍ୟା ନେଇ ବସିଥିବା ବୈଠକ।





ଶାବର ଶ୍ରୀକ୍ଷେତ୍ର କୋରାପୁଟ ଓ ଜୟପୁର ଗୁଣ୍ଡିଚାମନ୍ଦିର ଆଡପ ମଣ୍ଡପରେ ଶନିବାର ଚତୁର୍ଦ୍ଧାମୂର୍ତ୍ତି ରାମ ବଳରାମ ବେଶ ହୋଇଥିବା ବେଳେ ଦାମନଯୋଡିରେ ପର୍ଶୁରାମ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ, ଜଣେ ଗୁରୁତର

ଦଶମନ୍ତପୁର, ୧୩।୭(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଚିନ୍ଦରଯୋଡ଼ି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପୂର୍ବ ଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଖବରରୁ ଜଣାପଡିଛି, ଗ୍ରାମର ଦୁର୍ଯ୍ୟ ସାଉଁନ୍ତା(୪୫) ସ୍ତ୍ରୀ ପଉଲାଙ୍କ ସହ ସାପ୍ତାହିକ ହାଟ ସାରି ଗ୍ରାମକୁ ଫେରୁଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଚାଉଳକନ୍ତି ଗ୍ରାମର ୮ଜଣ ବ୍ୟକ୍ତି ଅଟୋରୁ ଓହ୍ଲାଇ ସେମାନଙ୍କୁ ଅଟକାଇ ବିଭିନ୍ନ କଥା କହିଥିଲେ। ଫଳରେ ଉଭୟପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ ଦୁର୍ଯ୍ୟଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇପଡିଥିଲେ। ଘଟଣା ସ୍ଥଳରେ ଜଣେ ଯୁବକ ପହଞ୍ଚି ଗୁରୁତର ଦୁର୍ଯ୍ୟଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁର୍ଯ୍ୟଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନା ଅଧିକାରୀ ସୁକୁମା ହାସଦାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି।

### କୋରାପୁଟ-ଜୟପୁର ରାସ୍ତାରୁ ଗଳିତ ମୃତଦେହ ଜବତ

କୋରାପୁଟ, ୧୩।୭(ଅମିତାଭ ବେହେରା)

କୋରାପୁଟ-ଜୟପୁର ୨୬ନଂ ଜାତୀୟ ରାଜପଥ ବିଲାଘାଟିରୁ ଶନିବାର ଏକ ଗଳିତ ମୃତଦେହ କୋରାପୁଟ ସଦର ପୋଲିସ ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଗତ ୧୫ ଦିନ ତଳେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛିପ। ମୃତଦେହକୁ ଅଧା ପୋଡ଼ାଯାଇଥିବା ଦେଖିବାକୁ ମିଳିଛି। ଏଥିନେଇ ୨୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେବ ଥାନା ଅଧିକାରୀ ରୁନୁ ମାଝୀ କହିଛନ୍ତି। ପୋଲିସ ଅଧିକାରୀ ଫକୀର ଚରଣ ଖରା ତନ୍ତ ଦାୟିତ୍ୱରେ ଅଛନ୍ତି।

# ବିଏସ୍ଏଫ୍ କ୍ୟାମ୍ପ ମହିଳାଙ୍କୁ ଯୋଗାଇବ ରୋଜଗାର

- ପୋଲିସ-ବ୍ଲକ ପ୍ରଶାସନ ମଧ୍ୟରେ ବୁଝାମଣା
- ଉପକୃତ ହେବେ ୩ ପଞ୍ଚାୟତର ମହିଳା
- ସ୍କୁଲ ଡ୍ରେସ୍, ଚପଲ, ଝାଡୁ ପ୍ରସ୍ତୁତ ପାଇଁ ରହିଛି ଲକ୍ଷ୍ୟ: ବିଡିଓ

ପଟ୍ଟାଙ୍ଗି, ୧୩।୭(ଶରତ ଧଳ)



କ୍ୟାମ୍ପରେ ଆସିଷ୍ଟାଣ୍ଟ କମାଣ୍ଡୋ ନାରାୟଣ ରାଉତ, ସୁଙ୍କି ଥାନା ଅଧିକାରୀ କେ. ସାଙ୍ଗାନାଙ୍କ ଉପସ୍ଥିତିରେ ଟିମ୍‌କୁ ଏକ ମିଳିତ ଚୁକ୍ତିନାମା ପ୍ରଦାନ କରାଯାଉଛି।

ମାଓବାଦୀପ୍ରବଣ ଅଞ୍ଚଳଗୁଡିକରେ ସ୍ଥାପିତ ହୋଇଥିବା ବିଏସ୍ଏଫ୍ କ୍ୟାମ୍ପଗୁଡିକ ବର୍ତ୍ତମାନ ଅଞ୍ଚଳବାସୀଙ୍କ ପାଇଁ ରୋଜଗାରର ବାଟ ବାହାର କରିଛି। ଅଞ୍ଚଳବାସୀ ଏଥିରୁ କିପରି ରୋଜଗାର ପାଇପାରିବେ ସେନେଇ ପୋଲିସ ଏବଂ ବ୍ଲକ ପ୍ରଶାସନ ମଧ୍ୟରେ ବୁଝାମଣାଭିତ୍ତିରେ ବିଭିନ୍ନ ସାମଗ୍ରୀର ଉତ୍ପାଦନ କେନ୍ଦ୍ର ଆରମ୍ଭ ହେବାକୁ ଯାଉଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟୁରୁ ପଞ୍ଚାୟତର ଆଡାଡିଗା ଗ୍ରାମ ନିକଟରେ ରହିଥିବା ପାହାଡ଼ ଉପରେ ମାଓବାଦୀଙ୍କ ଗତିବିଧି ଅନୁଧ୍ୟାନ ପାଇଁ ଏକ ବିଏସ୍ଏଫ୍ କ୍ୟାମ୍ପ ହୋଇଥିଲା। ଉକ୍ତ କ୍ୟାମ୍ପରେ ଦୀର୍ଘ ବର୍ଷ ଧରି ବିଏସ୍ଏଫ୍ ମୁତୟନ ହୋଇଥିବା ବେଳେ ଏବେ ଉକ୍ତ ଅଞ୍ଚଳ ମାଓବାଦୀମୁକ୍ତ ହୋଇଥିବାରୁ ପ୍ରଥମେ ବିଏସ୍ଏଫ୍ ଉଠି ଯାଇଥିଲା। ପରେ ମୁତୟନ ଥିବା ଆଇଆରବି ପୋଲିସ ଉଠାଯାଇଛି। ବର୍ତ୍ତମାନ ଉକ୍ତ କ୍ୟାମ୍ପଟି ସମ୍ପୂର୍ଣ୍ଣ ଖାଲିପଡିଛି। ଏହାକୁ ଅନୁଧ୍ୟାନ କରି ବ୍ଲକ ପ୍ରଶାସନ ଖାଲିଥିବା ଏହି କ୍ୟାମ୍ପ ପରିସରକୁ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ଲାଗି ରୋଜଗାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇପାରିବ ବୋଲି ଏକ ପ୍ରସ୍ତାବ ପୋଲିସ ପ୍ରଶାସନକୁ ଦେଇଥିଲା। ଏହାକୁ ପୋଲିସ ପ୍ରଶାସନ ଗ୍ରହଣ କରିଛି। ଏହି ସ୍ଥାନ ଉପରୋକ୍ତ ପଞ୍ଚାୟତର ଆଖପାଖ ଗ୍ରାମର ମହିଳାଙ୍କ ପାଇଁ ରୋଜଗାରର ବାଟ ଖୋଲିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବ୍ଲକର ଏକ ଟିମ୍ ଖାଲି ପଡିଥିବା ଉପରୋକ୍ତ କ୍ୟାମ୍ପରେ ପହଞ୍ଚି ଆସିଷ୍ଟାଣ୍ଟ କମାଣ୍ଡୋ ନାରାୟଣ ରାଉତ, ସୁଙ୍କି ଥାନା ଅଧିକାରୀ କେ. ସାଙ୍ଗାନାଙ୍କ ଉପସ୍ଥିତିରେ ଏକ ମିଳିତ ଚୁକ୍ତିନାମା ଟିମ୍‌କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୦୮ରୁ ୨୦୧୬ ମଧ୍ୟରେ ପଟ୍ଟାଙ୍ଗି ବ୍ଲକ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ଉଗ୍ର ରୂପ ନେଇଥିଲା। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୧ ଡିସେମ୍ବର ୧୧ରେ ଉକ୍ତ ଅଞ୍ଚଳରେ ବିଏସ୍ଏଫ୍ କ୍ୟାମ୍ପ ସ୍ଥାପନ ହୋଇଥିଲା। ଫଳରେ ଅଞ୍ଚଳରେ ଧୀରେ ଧୀରେ ସୁଧାର ଆସିଥିଲା। ପରେ ବିଏସ୍ଏଫ୍‌କୁ ପ୍ରତ୍ୟାହାର କରାଯାଇଥିଲା। ଏହା ପରେ ମଧ ୨୦୨୩ ଜାନୁଆରୀ ୧୫ରେ ଆଇଆର୍‌ବିଏନ୍ ପୋଲିସକୁ ମୁତୟନ କରାଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ଜାରି ରହିଥିଲା। ବର୍ତ୍ତମାନ ଅଞ୍ଚଳରେ ସବୁ ପ୍ରକାର ସ୍ଥିତିରେ ସ୍ୱାଭାବିକ ଅବସ୍ଥା ଫେରି ଆସିଥିବାରୁ ଆଇଆର୍‌ବିଏନ୍ ପୋଲିସକୁ ମଧ ପ୍ରତ୍ୟାହାର କରାଯାଇଛି। ଅନ୍ୟପକ୍ଷରେ ହସ୍ତାନ୍ତର ହୋଇଥିବା କ୍ୟାମ୍ପ ସ୍ଥଳରେ ପେଟୁରୁ, ଅମ୍ବାବାଲି ଏବଂ ତଳଗୋଲୁର ପଞ୍ଚାୟତ ସହ ଆଖପାଖ ଅଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ କ୍ୟାମ୍ପରେ ତାଲିମପ୍ରାପ୍ତ ମହିଳା ଓ ଯୁବତୀଙ୍କ ଦ୍ୱାରା ସ୍କୁଲ ଡ୍ରେସ୍, ଚପଲ, ନାପକିନ୍, ଝାଡୁ ଆଦି ସାମଗ୍ରୀ ପ୍ରସ୍ତୁତ ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଡିଓ ପଟ୍ଟନାୟକ କହିଛନ୍ତି।

# ଗୃହ ବିଭାଗ ସ୍ୱୀକୃତିପତ୍ର ଜାଲିଆତି ନେଇ ଏତଲା ଦେବ ସଂଘ

ଜୟପୁର, ୧୩।୭(ପବନ ପାଣିଗ୍ରାହୀ)

**ଓଡ଼ିଶା ଅମଲା ସଂଘ ବୈଠକରେ ନିଷ୍ପତ୍ତି**

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖାର ଏକ ଜରୁରୀ ବୈଠକ ଜୟପୁର ଯାଦବ ଭବନଠାରେ ଅନୁଷ୍ଠିତ ହୋଇଛି। ସଭାପତି ଶଶୀ ଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲାମାନେ ଯୋଗ ଦେଇଥିଲେ। ବୈଠକରେ ଆସନ୍ତା ୧୭ ତାରିଖରେ କୋରାପୁଟ ଅମଲା ଭବନରେ ଓଡ଼ିଶା ଅମଲା ସଂଘର ହେବାକୁ ଥିବା ପୂର୍ତ୍ତି ଉତ୍ସବ କିପରି ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଅମଲା ସଂଘର କେତେ ଜଣ ବ୍ୟକ୍ତି ନିଜ ପଦପଦବୀରୁ ଦାୟିତ୍ୱ ହସ୍ତାନ୍ତର ନ କରି ନିଜେ ସଭାପତି, ସମ୍ପାଦକ ବୋଲି ଦାବି କରି ଆସୁଛନ୍ତି। ଗୃହ ବିଭାଗ ଓଡ଼ିଶା ଅମଲା ସଂଘକୁ ସ୍ୱୀକୃତି ଦେଇଥିବା ବେଳେ ସେହି ସ୍ୱୀକୃତିପତ୍ରକୁ ସେମାନେ ନକଲ କରିଛନ୍ତି। ଏନେଇ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜୟପୁର ଟାଉନ ଥାନାରେ ଏତଲା ଦେବାକୁ ବୈଠକରେ ସ୍ଥିର ହୋଇଥିଲା। ଏ ନେଇ ଆଇନ ପରାମର୍ଶଦାତାଙ୍କୁ ଅବଗତ କରାଇ ଥାନାରେ ଏତଲା ଦେବାକୁ ଉପସ୍ଥିତ ସଦସ୍ୟମାନେ ଦାବି କରିଥିଲେ।



ବୈଠକରେ ସଂଘ କର୍ମକର୍ତ୍ତା ଓ କର୍ମଚାରୀମାନେ ଆଲୋଚନା କରୁଛନ୍ତି ।

# ମୁକ୍ତିଆମ୍ବ ରାଜଗୁମ୍ଫା ପରିଦର୍ଶନ କଲେ ବିଶେଷଜ୍ଞ ଟିମ୍

ସୁନାବେଡା, ୧୩।୭(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାର ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ରହିଛି। ନନ୍ଦପୁର ବ୍ଲକ ଅନ୍ତର୍ଗତ ୩ ପର୍ଯ୍ୟଟନସ୍ଥଳୀ ନାଗେଶ୍ୱରୀ ଗୁମ୍ଫା, ରାଜଗୁମ୍ଫା ଓ ରାଣୀଡୁଡୁମାର ବିକାଶ ପାଇଁ ୨ କୋଟି ୩୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରାଣୀଡୁଡୁମା ଓ ନାଗେଶ୍ୱରୀ ଗୁମ୍ଫାର ବିକାଶ ପାଇଁ କୋଟିଏ ଲେଖାଏ ଏବଂ ମୁକ୍ତିଆମ୍ବ(ରାଜଗୁମ୍ଫା)ର ଉନ୍ନତି ପାଇଁ ୩୭ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ରାଜଗୁମ୍ଫାର ବିକାଶ ଦାୟିତ୍ୱ ନନ୍ଦପୁର ବ୍ଲକ ପ୍ରଶାସନ ନେଇଥିବା ବେଳେ ଅନ୍ୟ ଦୁଇ କ୍ଷେତ୍ରର ଦାୟିତ୍ୱ ପୂର୍ତ୍ତ ବିଭାଗ ନେଇଥିବା ନନ୍ଦପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା କହିଛନ୍ତି। ଗୁରୁବାର ବ୍ରହ୍ମପୁର ଅଞ୍ଚଳରୁ ଏକ ବିଶେଷଜ୍ଞ ଟିମ୍ ଆସି ମୁକ୍ତିଆମ୍ବ ରାଜଗୁମ୍ଫା ପରିଦର୍ଶନ କରି ଫେରିଛନ୍ତି। ଅନୁଧ୍ୟାନ ପରେ ଟିମ୍ ନିର୍ବାହୀ ଯନ୍ତ୍ରୀ ବେହେରା, ପାଣ୍ଟଲୁଙ୍ଗ ସରପଞ୍ଚ ପୂଜା ଖିଲ ଓ ସାମାଜିକ କର୍ମୀ ଆକାଶ ଖିଲଙ୍କ ସହ ଆଲୋଚନା କରିଥିଲେ। ମୁକ୍ତିଆମ୍ବଠାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ସୁଦୃଶ୍ୟ ମୁଖ୍ୟ ଫାଟକ, ପାନୀୟ ଜଳ ବ୍ୟବସ୍ଥା, ଆଶ୍ରୟସ୍ଥଳ ଓ ଆଲୋକୀକରଣ କାର୍ଯ୍ୟ କରିବାକୁ ଡିପିଆର ପ୍ରସ୍ତୁତି ଲାଗି ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ପୂର୍ତ୍ତ ବିଭାଗ ଦାୟିତ୍ୱ ନେଇଥିବା ଦୁଇ ପକ୍ଷର ବିକାଶ ପାଇଁ କ୍ଷେତ୍ର ପରିଦର୍ଶନ ଓ ଡିପିଆର ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବ ବୋଲି ଜଣାପଡିଛି।

**ତିନି ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ୨ କୋଟି ୩୭ ଲକ୍ଷ ମଞ୍ଜୁର**



ବିଶେଷଜ୍ଞ ଟିମ୍ ମୁକ୍ତିଆମ୍ବ ରାଜଗୁମ୍ଫା ପରିଦର୍ଶନ କରୁଛନ୍ତି।

## ରାମ ବଳରାମ ଅବତାରରେ ଦର୍ଶନ ଦେଲେ ମହାପ୍ରଭୁ

କୋରାପୁଟ, ୧୩।୭ (ଅମିତାଭ ବେହେରା)

କୋରାପୁଟ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ଶନିବାର ଶ୍ରୀଜୀଉ ରାମ ଓ ବଳରାମ ଅବତାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସକାଳୁ ଶ୍ରୀଜୀଉଙ୍କ ସମସ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଅପରାହ୍ନରେ ଠାକୁରଙ୍କୁ ରାମ ବଳରାମ ବେଶ କରାଯାଇଥିଲା। ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଟାଉନଥାନା ପୋଲିସର ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ କଳାକାରଙ୍କ ମହାପ୍ରଭୁଙ୍କ ଭଜନ ଉପସ୍ଥିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା।

# ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ପରିଦର୍ଶନ କଲେ କେନ୍ଦ୍ରୀୟ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ

ଦାମନଯୋଡି, ୧୩।୭ (ମାନସ ରଞ୍ଜନ କର)



ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ସହ ଡେପୁଟି କମିଶନର ଡାକ୍ତର ଶୋଭନା ଗୁପ୍ତା ଚାରା ରୋପଣ କରୁଛନ୍ତି।

କେନ୍ଦ୍ରୀୟ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଡେପୁଟି କମିଶନର ଡାକ୍ତର ଶୋଭନା ଗୁପ୍ତା କୋରାପୁଟ ଗାନ୍ଧୀନଗରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ କୋରାପୁଟ ବ୍ଲକ ଉମୁରି ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଶନିବାର ପରିଦର୍ଶନ କରିଛନ୍ତି। ଡାକ୍ତର ଗୁପ୍ତାଙ୍କ ସହିତ ବରିଷ୍ଠ ଶିଶୁ ସ୍ୱାସ୍ଥ୍ୟ ପରାମର୍ଶଦାତା ସୁମିତ୍ରା ଧଳ ଓ ଡାକ୍ତର ଆଦିତ୍ୟ ମହାପାତ୍ର ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେଉଥିବା ସେବା, ଟୀକାକରଣ ଓ ବିଭିନ୍ନ କାର୍ଯ୍ୟକ୍ରମର ସେ ତଦାରଖ କରିଥିଲେ। ଏଥିସହ ଏହି ଟିମ୍ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଡ଼ାକ୍ତର ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କୋରାପୁଟ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସୁଶାନ୍ତ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ନୀଳମାଧବ ଶତପଥୀ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରେଣୁକା ଦାସ, ଡିପିଏମ ଶୁଭକାନ୍ତ ଗନ୍ତାୟତ ଓ ଆର୍‌ବିଏସ୍‌କେ ପ୍ରବନ୍ଧକ ବିଶ୍ୱରଞ୍ଜନ ମୁଣ୍ଡ ଉପସ୍ଥିତ ଥିଲେ। ଉମୁରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଠାରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅନୁପମା ପତି, ବିପିଏମ ନୂତନ ସିଂହ, ପିଏଚଇଓ ବିଜୟ ଖିଲ, ପିଏଚଏମ୍ ସଞ୍ଜୟ ସ୍ୱାଇଁ, ସିଏଚଓ ତୃପ୍ତିରାଣୀ ମହାପାତ୍ର, ସୁପରଭାଇଜର ଜଗନ୍ନାଥ ବିଶ୍ୱାସରାୟ ଓ ଆଶାକର୍ମୀଙ୍କ ସହ ଡେପୁଟି କମିଶନର ଗୁପ୍ତା ଓ ପରାମର୍ଶ ଦାତା ଧଳ ଆଲୋଚନା କରିଥିଲେ। ଏହି ଅବସରରେ ଉମୁରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା।

# ଲ୍ୟାମ୍ପସ୍‌ରେ ମିଳୁନି ବିହନ, ସାର

ବୈପାରିଗୁଡା, ୧୩।୭(କଳ୍ପତରୁ ମହାନ୍ତି)

- ଅସନ୍ତୋଷ ପ୍ରକାଶ କଲେ ଚାଷୀ
- ଖୋଲା ବଜାରରୁ ଚଢ଼ା ଦରରେ କିଣୁଛନ୍ତି
- ଋଣ ନେଇଥିବା ଚାଷୀଙ୍କୁ ବିହନ, ସାର ଦେବାକୁ ନିଷ୍ପତ୍ତି ହୋଇଛି: ଏମ୍‌ଡି

ଚଳିତ ଖରିଫ ଚାଷ ପାଇଁ ଚାଷୀମାନେ ଚାଷ କାର୍ଯ୍ୟ ଜାରି ରଖିଥିବା ବେଳେ ବୈପାରିଗୁଡା ବହୁମୁଖୀ ସମବାୟ ସମିତି(ଲ୍ୟାମ୍ପସ୍)ରେ ସେମାନଙ୍କୁ ଧାନ ବିହନ ଓ ସାର ମିଳୁନାହିଁ। ଫଳରେ ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଖବରରୁ ଜଣାପଡିଛି, ପୂର୍ବରୁ ପ୍ରତି ବର୍ଷ ଖରିଫ ଚାଷ ବେଳେ ଲ୍ୟାମ୍ପସ୍ ପକ୍ଷରୁ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର୍ଟିଫାଏଡ୍ ଧାନ ବିହନ ଓ ସାର ବିକ୍ରି କରାଯାଇଥାଏ। ମାତ୍ର ଚଳିତ ବର୍ଷ ସେସବୁ ମିଳୁନାହିଁ । ଚାଷୀମାନେ ବାରମ୍ବାର ଲ୍ୟାମ୍ପସ୍‌କୁ ଆସି ନିରାଶ ହୋଇ ଫେରୁଛନ୍ତି। ଏଥିଯୋଗୁ ଚାଷୀମାନେ ବାଧ ହୋଇ ଖୋଲା ବଜାରରୁ ଧାନ ବିହନ ଓ ସାର ଚଢା ଦରରେ କିଣୁଛନ୍ତି। ଅନେକ ସମୟରେ କେତେ ଜଣ ବ୍ୟବସାୟୀ ମଧ ଏସବୁ କଳାବଜାର କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। ସୂଚନାଯୋଗ୍ୟ, ସାର୍ଟିଫାଏଡ୍ ଧାନ ବିହନ ଦେଶୀ ବିହନ। ବିହନ ନିଗମ ପକ୍ଷରୁ ଏହା ଚାଷୀଙ୍କଠାରୁ ସଂଗ୍ରହ କରାଯାଇ ବିଶୋଧନ କରି ଯୋଗାଇ ଦିଆଯାଇଥାଏ। ଏହି ବିହନରୁ ଉତ୍ପାଦିତ ଧାନକୁ ୩ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରେ। ଏଥିରୁ ଉତ୍ପାଦିତ ଚାଉଳ ସ୍ୱାଦିଷ୍ଟ ଓ ଏହାର ଗୁଣାତ୍ମକ ମୂଲ୍ୟ ରହିଛି। ମାତ୍ର ବାହାରେ ଦୋକାନଗୁଡିକରେ ହାଇବ୍ରିଡ୍ ବିହନ ମିଳୁଥିବାରୁ ଚାଷୀମାନେ ବାଧ ହୋଇ କିଣୁଛନ୍ତି। ଅନ୍ୟପକ୍ଷରେ କୃଷି ବିଭାଗ ପକ୍ଷରୁ ବିହନ କିଣିବା ପାଇଁ ଡିବିଟି ମାଧ୍ୟମରେ ଚାଷୀମାନଙ୍କ ଜମା ଖାତାକୁ ଆର୍ଥିକ ସହାୟତା ବ୍ୟବସ୍ଥା ରହିଛି । ଏଥିପାଇଁ ଆଗୁଆ ଅନ୍ ଲାଇନ୍ ପଞ୍ଜୀକରଣ କରିବାକୁ ପଡେ। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଚାଷୀ ସଚେତନତା ଅଭାବରୁ ବାଦ୍ ପଡୁଛନ୍ତି। ବିହନ ଓ ସାର ନ ମିଳିବା ନେଇ

ଲ୍ୟାମ୍ପସ୍ ଏମ୍‌ଡି ବଳରାମ ମାଝିଙ୍କୁ ପଚାରିବାରୁ ସେ କହିଲେ, ସାର୍ଟିଫାଏଡ୍ ଧାନ ବିହନ ଗୋଟିଏ ଟ୍ରିପ୍ ମଗାଯାଇଥିଲା। ତାହା ସରିଯାଇଛି। ଆଉ ମଗେଇଲେ କାଳେ ତାହା ବଳକା ରହିଯିବ ଆଶଙ୍କା କରି ଆଉ ମଗାଯାଇନାହିଁ । ସେହିପରି ପ୍ରତିବର୍ଷ ସାର ପାଇଁ ପ୍ରବଳ ଭିଡ ହେଉଥିବାରୁ ଚଳିତ ବର୍ଷ ସାର କେବଳ ସମବାୟ ସମିତିରୁ ଋଣ ନେଉଥିବା ଚାଷୀଙ୍କୁ ଦେବାକୁ ନିଷ୍ପତ୍ତି ହୋଇଛି। ତେବେ ଯେଉଁ ଚାଷୀମାନେ ଋଣ ନେଇଛନ୍ତି ସେମାନେ ମଧ ବିହନ ପାଇନାହାନ୍ତି। ଚଳିତ ବର୍ଷ ଆଦୌ ସାର ମଗାଯାଇ ନ ଥିବା ଚାଷୀ ଗୌରଚନ୍ଦ୍ର ପାତ୍ର ତୀବ୍ର ଅଭିଯୋଗ କରିଛନ୍ତି।

# ନିର୍ମାଣ ନ ସରୁଣୁ ଦବିଲାଣି ପୋଲ

**ଜିଲାପାଳଙ୍କୁ ଭେଟିବେ ଗ୍ରାମବାସୀ**

ଦଶମନ୍ତପୁର, ୧୩।୭ (ଅରବିନ୍ଦ ନାୟକ )

ପୋଲ କାର୍ଯ୍ୟ ଶେଷ ନ ହେଉଣୁ ୨ ପାର୍ଶ୍ୱରେ ଥିବା ମାଟି ଦବିଯାଉଛି। ଏହାଦ୍ୱାରା ପୋଲ ଭୁଶୁଡ଼ିପଡ଼ିବା ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଦେଓ ଖ ଗ୍ରାମର ନିର୍ମାଣ ହୋଇଥିବା ପୋଲର ଏପରି ଅବସ୍ଥା ଦେଖିବାକୁ ମିଳିଛି।

ଏହି ଗ୍ରାମରେ ୩ ସାହି ତଥା ଆଦିବାସୀ ସାହି, ହରିଜନ ସାହି ଏବଂ ପାଇକ ସାହିର ମୋଟ ୫୫ ପରିବାର ଲୋକେ ଗ୍ରାମ ଦେଇ ପ୍ରବାହିତ ଅନ୍ଧାରୀ ନଦୀରେ ଏକ ପୋଲ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ଫଳରେ ଆଇଟିଡିଏ ପକ୍ଷରୁ ୨୦୨୩ରେ ନଦୀ ଉପରେ ଏକ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ଏବେ ଏହି ପୋଲ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏହାର ଦୁଇପାର୍ଶ୍ୱରେ ଥିବା ସୁରକ୍ଷା ପାଚେରି ସ୍ଥାନଟି ଫାଟି ଦବିଗଲାଣି। ରାସ୍ତା ମଝିରେ ପାଣି ଜମୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ୟବହାର ପୂର୍ବରୁ ପୋଲ ଦବିଯାଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ଗ୍ରାମର ପ୍ରେମାନନ୍ଦ ଖସଲା, ସୁଶାନ୍ତ ମୁଦୁଲି, ଭିଗୁ ମୁଦୁଲି, ଜୟଦାନ ବାଘ, ଶରତ ହିଆଲ, ଆରତ ଖସଲାଙ୍କ ସହ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏନେଇ ସେମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି କହିଛନ୍ତି। ଆଇଟିଡିଏର କନିଷ୍ଠଯନ୍ତ୍ରୀ ପ୍ରତାପ ଦାସଙ୍କୁ ପଚାରିବାରୁ ସେ ଏହାର ନିର୍ମାଣ ଆଉ ଥରେ କରାଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଠିକାଦାର ତ୍ରିନାଥ ସାହୁଙ୍କୁ ପଚାରିବାରୁ ସେ ଦବିଯାଇଥିବା ସ୍ଥାନଟି ପୁଣି କାର୍ଯ୍ୟ ହେବ ବୋଲି ପ୍ରକାଶ କରିଥିଲେ।



ପୋଲର ଦବିଯାଇଥିବା ଅଂଶକୁ ଗ୍ରାମବାସୀ ଦେଖାଉଛନ୍ତି।


ନବରଙ୍ଗପୁରରେ ମହାପ୍ରଭୁ ଜଗନ୍ନାଥଙ୍କ ପର୍ଶୁରାମ ବେଶ । (ଫଟୋ- ସଦାଶିବ ପ୍ରହରାଜ)


ଗୋପାଳ ଶ୍ରୀକ୍ଷେତ୍ର ତେନ୍ତୁଳିଖୁଣ୍ଟିରେ ଶ୍ରୀଜୀଉଙ୍କ ରାମ ବଳରାମ ବେଶ। (ଫଟୋ- ଚିଦାନନ୍ଦ ସାହୁ )

# ୬ ବର୍ଷ ହେବ ନିଯୁକ୍ତ ହେଉନାହାନ୍ତି ନୂଆ ଶିକ୍ଷକ

■ ନବରଙ୍ଗପୁର ଜିଲାରେ ୧୮୫୩ ପ୍ରାଥମିକ ଶିକ୍ଷକ ପଦବୀ ଖାଲି

■ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ମଧ ଜିଲାଭିତ୍ତିକ ତାଲିକା ପ୍ରକାଶ ପାଉନାହିଁ

**ନବରଙ୍ଗପୁର,୧୩।୭(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ଗତ ୬ ବର୍ଷ ହେବ ପ୍ରାଥମିକ ଶିକ୍ଷକ ପଦବୀ ପୂରଣ ହୋଇପାରୁନି। ଜିଲାରେ ୯୬୭ ପ୍ରାଥମିକ ଶିକ୍ଷକ ପଦବୀ ଖାଲିପଡ଼ିଛି। ଜିଲାରେ ୧୧୦୫ ପ୍ରାଥମିକ ଓ ୫୮୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏପରି ୧୬୮୫ ବିଦ୍ୟାଳୟ ରହିଛି।

ଶିକ୍ଷା ଅଧିକାର ଆଇନ ଅନୁଯାୟୀ, ପ୍ରଥମରୁ ପଞ୍ଚମ ଯାଏ ଥିବା ସ୍କୁଲଗୁଡ଼ିକରେ ୧୫୦ ପିଲା ପର୍ଯ୍ୟନ୍ତ ୩୦ ପିଲାଙ୍କୁ ଜଣେ ଶିକ୍ଷକ ଅନୁପାତରେ ଶିକ୍ଷକ ନିୟୋଜିତ ରହିବା କଥା। ପ୍ରତି ବିଦ୍ୟାଳୟରେ ଅତିକମ୍‌ରେ ୨ ଶିକ୍ଷକ ରହିବେ। ସେହିପରି ୧୫୦ରୁ ଅଧିକ ଛାତ୍ରୀଛାତ୍ର ଥିବା ସ୍କୁଲରେ ଜଣେ ପ୍ରଧାନ ଶିକ୍ଷକ ରହିବେ। ପିଲା ସଂଖ୍ୟା ୨୦୦ରୁ ଅଧିକ ହେଲେ ୪୦ପିଲାରେ ଜଣେ ଶିକ୍ଷକ ନିୟୋଜିତ ରହିବେ। ଉଚ୍ଚ ପ୍ରାଥମିକ ୬ଷ୍ଠରୁ ୮ମ ଥିବା ବିଦ୍ୟାଳୟରେ ୧୦୫ରୁ ଅଧିକ ପିଲା ରହିଥିଲେ ୩୫ ପିଲାକୁ ୧ ଅନୁପାତରେ ଶିକ୍ଷକ ନିୟୋଜିତ ରହିବେ। ଜିଲାରେ ପ୍ରଥମ ଶ୍ରେଣୀରେ ୨୬୨୮୯, ୨ୟରେ ୨୫୨୧୮, ୩ୟରେ ୨୭୬୧୪, ୪ର୍ଥରେ ୨୬୮୨୯, ୫ମରେ ୨୬୭୬୧, ୬ଷ୍ଠରେ ୨୬୫୭୩, ୭ମରେ ୨୮୦୮୬, ୮ମ ଶ୍ରେଣୀରେ ୨୫୬୧୯ ଜଣ ଏହିପରି ମୋଟ ୨,୧୨,୯୫୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେହିପରି ୯ମ ଓ ୧୦ମରେ ୩୬, ୨୩୮ ପିଲା ପଢୁଛନ୍ତି। ଜିଲାରେ ଥିବା ବିଦ୍ୟାଳୟ ଗୁଡିକରେ ପିଲା ସଂଖ୍ୟାକୁ ଦୃଷ୍ଟି ଦେଲେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୬୮୩୬ ଜଣ ଶିକ୍ଷକ ଆବଶ୍ୟକ। କିନ୍ତୁ ୧୮୫୩ ଶିକ୍ଷକ ପଦବୀ ଖାଲି ପଡ଼ିଛି। ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ୨୦୧୮ରୁ ନୂତନ ପ୍ରାଥମିକ ଶିକ୍ଷକ ନିଯୁକ୍ତି ଦେଇନାହାନ୍ତି। ଶିକ୍ଷା ବିଭାଗ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଓ ଡ୍ରପ ଆଉଟକୁ ରୋକିବା ପାଇଁ ଗୁରୁତ୍ୱ ଦେଉଛି। କିନ୍ତୁ ଚଳିତ ଶିକ୍ଷାବର୍ଷ ଆରମ୍ଭ ପରେ ନବରଙ୍ଗପୁର ପ୍ରାଥମିକ ଶିକ୍ଷକ ଅଭାବ ଥିବା ଜଣାପଡ଼ିଛି। ଯାହାକୁ ନେଇ ଶିକ୍ଷା ବିଭାଗ ଓ ଅଭିଭାବକ ଚିନ୍ତାରେ।

ମିଳିଥିବା ସୂଚନାନୁଯାୟୀ ଜିଲାରେ ଶିକ୍ଷକ ଅଭାବ ଯୋଗୁ ୨୭ ପ୍ରାଥମିକ ବିଦ୍ୟାଳୟ ଜଣେ ଲେଖାଏ ଶିକ୍ଷକରେ ଚାଲିଛି। ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ପ୍ରଧାନ ଶିକ୍ଷକ ୩୭, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲେବେଲ୍ ୩ ଶିକ୍ଷକ ୫୦୯ ଗୋଟି, ଲେବେଲ ୪ ପ୍ରଧାନ ଶିକ୍ଷକ ୨୭୫, ଗ୍ରାଜୁଏଟ୍ କଳାରେ ୭୧ ଗୋଟି ପଦବୀ, ଗ୍ରାଜୁଏଟ୍ ବିଜ୍ଞାନ ପଦବୀ ୫୬୬ ଗୋଟି ଏବଂ ଲେବେଲ ୫ ବି ୩୯୫ ପଦବୀ ଖାଲି ପଡିଛି। ଶିକ୍ଷକ ପଦୋନ୍ନତି ନେଇ କେତେଜଣ ଶିକ୍ଷକ ନ୍ୟାୟାଳୟର ଆଶ୍ରୟ ନେବା ପରେ ଶିକ୍ଷକଙ୍କ ପଦୋନ୍ନତି ମଧ ହୋଇପାରୁନି। ଶିକ୍ଷକ ଅଭାବ ଥିବାବେଳେ ସେମାନଙ୍କୁ ବିଭିନ୍ନ ଅଣଶିକ୍ଷଣୀୟ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ସ୍କୁଲରେ ପାଠପଢ଼ା ବ୍ୟାଘାତ ହେଉଥିବା ଅଭିଯୋଗ ରହିଛି। କେବଳ ପ୍ରାଥମିକ ଶିକ୍ଷକ ନୁହନ୍ତି ଉଚ୍ଚ ବିଦ୍ୟାଳୟଗୁଡିକରେ ବି ସେହି ସମସ୍ୟା।

ନିର୍ବାଚନ ପୂର୍ବରୁ ଜିଲାରେ ୧୧୧୭ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଶିକ୍ଷକ ଚୟନ ହୋଇ ମେଧା ତାଲିକା ପ୍ରକାଶ ପରେ କାଉନସେଲିଂ ମଧ ସରିଥିଲା। ଉକ୍ତ ତାଲିକା ନେଇ କିଛି ଆଶାୟୀ ଶିକ୍ଷକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାରୁ

ନୂତନ ମେଧା ତାଲିକା ଜିଲା ଆଧାରରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୂର୍ବ ଅନୁଯାୟୀ ପ୍ରକାଶିତ ତାଲିକା ଓସେପା ୱେବସାଇଟରେ ଉପଲବ୍ଧ ରହିଛି ବୋଲି ଆଶାୟୀ ଶିକ୍ଷକ କଳ୍ପନା କୁମାରୀ ସାହୁ ଅଭିଯୋଗ କରିଛନ୍ତି। ଜିଲା ଭିତ୍ତିକ ନିଯୁକ୍ତି ତାଲିକା ପ୍ରକାଶ ପାଇଲେ ଆଶାୟୀ ଶିକ୍ଷକ ଉପକୃତ ହେବେ ନଚେତ ପୁନଃ ନ୍ୟାୟାଳୟର ଆଶ୍ରୟ ନେବେ ଏଥିରେ ଦ୍ୱିମତ ନାହିଁ।

ନବରଙ୍ଗପୁର ଜିଲାରେ ଗାଁ ଗହଳିରେ ପ୍ରାଥମିକ ବିଦ୍ୟାଳୟ ପାଇଁ ଆଞ୍ଚଳିକ ଭାଷା ସମସ୍ୟା ସୃଷ୍ଟି କରୁଛି। ବିଭିନ୍ନ ଜନଜାତି ନବରଙ୍ଗପୁର ଜିଲାରେ ରହୁଛନ୍ତି। ଉମରକୋଟ ଓ ରାଇଘର ବ୍ଲକରେ ବାସ କରୁଥିବା ବଙ୍ଗୀୟ ବାସିନ୍ଦାଙ୍କ ପାଇଁ ବଙ୍ଗାଳି ଭାଷାରେ ଶିକ୍ଷାଦାନ ସମସ୍ୟା ହୋଇ ରହିଛି। ବଙ୍ଗାଳି ଶିକ୍ଷକ ନିଯୁକ୍ତି ନେଇ ଉଦ୍ୟମ ଆରମ୍ଭ ହୋଇଥିଲା। ଯେତେବେଳେ ସ୍କୁଲଗୁଡିକରେ ସାଧାରଣ ଶିକ୍ଷକ ଅଭାବ ରହିଛି ତେବେ ଏହି ଆଞ୍ଚଳିକ ଭାଷାରେ ଶିକ୍ଷକ ନିଯୁକ୍ତି ନେଇ ଆଶଙ୍କା ରହିଛି। ଏପରି ସ୍ଥିତିରେ ତୁରନ୍ତ ଶିକ୍ଷକ ନିଯୁକ୍ତି କିପରି ହେବ ସେ ନେଇ ରାଜ୍ୟ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ବୋଲି ଲୋକେ ଦାବି କରିଛନ୍ତି।

# ଘରେ ମଧ୍ୟାହ୍ନଭୋଜନ ରାନ୍ଧି ସ୍କୁଲକୁ ଆଣୁଛନ୍ତି ଏସ୍‌ଏଚ୍‌ଜି ମହିଳା


ଭାଙ୍ଗିଯାଇଥିବା ସ୍କୁଲ ରୋଷେଇ ଘର।

**ସମସ୍ୟାରେ ଝାଲିଆଗୁଡ଼ା ବିଦ୍ୟାଳୟ**

■ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି ସ୍କୁଲ ରୋଷେଇ ଘର

■ ପାଚେରି ନ ଥିବାରୁ ସ୍କୁଲ ହତାରେ ପଶିଯାଉଛନ୍ତି ବୁଲା ଗୋରୁ

**କୋଷାଗୁମୁଡ଼ା, ୧୩।୭(ପ୍ରସାଦ ବିଷୋୟୀ)**

ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ସ୍କୁଲ ଖୋଲାଯାଇଛି। କିନ୍ତୁ ସେଠାରେ ଭିତ୍ତିଭୂମିର ଅଭାବ ରହିଛି। ଏପରି ଏକ ସ୍କୁଲ ହେଉଛି ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ୍ ଅଧୀନ ମୋତିଗାଁ ପଞ୍ଚାୟତ ଝାଲିଆଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ। ସ୍କୁଲରେ ୩୫ ପିଲାଙ୍କୁ ମାତ୍ର ୨ଜଣ ଶିକ୍ଷକ। ଏଥିସହ ଏଠାରେ ସ୍କୁଲ ପାଚେରି ଓ ରୋଷେଇ ଘର ନ ଥିବା ଜଣାପଡ଼ିଛି।

ସ୍କୁଲରେ ପ୍ରଥମରୁ ୫ମ ଶ୍ରେଣୀ ମଧ୍ୟରେ ୩୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଗୋଟିଏ କକ୍ଷରେ ଓ ଚତୁର୍ଥ ପଞ୍ଚମ ଶ୍ରେଣୀ ପିଲା ଅନ୍ୟ ଏକ କକ୍ଷରେ ବସି ପଢ଼ନ୍ତି। ଫଳରେ ସେମାନଙ୍କ ପଢ଼ାରେ ଅସୁବିଧା ହୁଏ। ଏଥିସହ ଏଠାରେ ରୋଷେଇ ଘରଟିଏ ନାହିଁ। ଏଠାରେ ରୋଷେଇ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ମହିଳାମାନେ ନିଜ ଘରେ ରୋଷେଇ କରି ଆଣୁଛନ୍ତି। ବର୍ଷା ଦିନରେ ଘରେ ରୋଷେଇ କରି ବୋହି ଆଣିବା ସମସ୍ୟା ବଢ଼ାଉଛି। ଆଗକୁ ବର୍ଷା ବଢ଼ିବା ସହ ଏହି ସମସ୍ୟା ମଧ୍ୟ ବଢ଼ିବା ଆଶଙ୍କା ରହିଛି। ବହୁ ବର୍ଷ ହେଲାଣି ସ୍କୁଲ ରୋଷେଇ ଘର ଭାଙ୍ଗି ଯାଇଥିବା ବେଳେ ବ୍ଲକ ପ୍ରଶାସନ, ବିଇଓଙ୍କ ନଜରକୁ କେମିତି ଏ ସମସ୍ୟା ଆସୁନାହିଁ ସେ ନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ସେହିଭଳି ବିଦ୍ୟାଳୟରେ ପାଚେରି ନାହିଁ। ଛୁଟି ଦିନରେ ଗୋରୁ ପଶି ଗଛ ପତ୍ର ସବୁ ଭାଙ୍ଗି ଦେଉଛନ୍ତି। ଏ ନେଇ ବିଇଓ ସୌମେନ୍ଦ୍ର ଭୌମିକଙ୍କୁ ପଚାରିବାରୁ ସ୍କୁଲ ସମସ୍ୟା ସମ୍ପର୍କରେ ଅବଗତ ରହିଛି। ୨ ଦିନ ତଳେ ଯାଞ୍ଚ କରାଯାଇ ଜିଲାସ୍ତରକୁ ରିପୋର୍ଟ ଦିଆଯାଇଛି। କିଛି ଦିନ ମଧରେ ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

# ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଅବ୍ୟବସ୍ଥା ଦେଖି ବିଗିଡ଼ିଲେ ଗଣଶିକ୍ଷା ମନ୍ତ୍ରୀ


ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଆଲୋଚନା କରୁଛନ୍ତି।

**ନବରଙ୍ଗପୁର,୧୩।୭(ସଦାଶିବ ପ୍ରହରାଜ)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ଭୁବନେଶ୍ୱରରୁ ଉମରକୋଟ ଫେରିବା ସମୟରେ ଡାବୁଗାଁର ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ରହଣି ସ୍ଥିତି ଭଲ ନ ଥିବାରୁ କନିଷ୍ଠ ଯନ୍ତ୍ରୀ ଓ ସେଠାକାର କର୍ମଚାରୀଙ୍କୁ ତାଗିଦ୍ କରିଥିଲେ। ସଫାସୁତରା ରଖିବା ସହ ବିଶ୍ରାମଗୃହରେ ପଥିକ ଓ ଯାତ୍ରୀଙ୍କ ଯେମିତି ସୁବ୍ୟବସ୍ଥା ରହିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଚାରା ଲଗାଇ ତାହାର ଯତ୍ନ ନେବାକୁ ପରାମର୍ଶ

**ପାପଡ଼ାହାଣ୍ଡି, ୧୩।୭ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବନ ମହୋତ୍ସବ ଉପଲକ୍ଷେ ଚାରାରୋପଣ କରାଯାଇଛି। ବିଦ୍ୟାଳୟର ମୁଖ୍ୟ ଫାଟକରୁ ଗ୍ରାମକୁ ସଂଲଗ୍ନ ଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଏବଂ ବିଦ୍ୟାଳୟର ଖେଳପଡ଼ିଆ ଚାରିପାଖରେ ଚାରାରୋପଣ କରାଯାଇଛି। ପ୍ରଧାନ ଶିକ୍ଷକ ଶିବଶଙ୍କର ସାମଲଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ନ୍ୟାସୀ ଜାନୀ ଏବଂ ମୋ ସ୍କୁଲ ସଭାପତି ସଦାଶିବ ଜାନୀ, ଅଭିଭାବକ ଚୈତନ୍ୟ ଜାନୀ, ଲକ୍ଷ୍ମଣ ଜାନୀ ଏବଂ ଅନ୍ୟ ଗ୍ରାମବାସୀ ଯୋଗ ଦେଇଥିଲେ। ଚାରାକୁ ଛାତ୍ରୀଛାତ୍ରଙ୍କ ନାମରେ ନାମିତ କରାଯାଇଛି। ଯାହାର ଯେଉଁ ଚାରା ସେ ତାହାର ଦାୟିତ୍ୱ ନେବେ ବୋଲି କୁହାଯାଇଛି। ସନ୍ନ୍ୟାସୀ ଜାନୀ ଜଙ୍ଗଲରେ ନିଆଁ ଲଗେଇବା ନାହିଁ ଏବଂ ମାଆ ପାଇଁ ଗଛଟିଏ ଲଗେଇବା ବୋଲି କହିଥିଲେ। ଏହାକୁ ଇକୋ କ୍ଲବ ଶିକ୍ଷକ ଉତ୍କଳ କେଶରୀ ଜେନା, ଜୁନିଅର ରେଡ୍‌କ୍ରସ ଶିକ୍ଷକ ସଞ୍ଜୀବ ବଡଗୁଛିଆ ଏବଂ ଜଗେଶ୍ୱର ନାଗ ପରିଚାଳନା କରିଥିଲେ। ବିଦ୍ୟାଳୟର ବୈକୁଣ୍ଠ ରାଉତ, ନାରାୟଣ ଭୋଇ, ଗୋବିନ୍ଦ ଭାତରା, ହୃଷୀକେଶ ବିଷୋୟୀ, ଜୟନ୍ତୀ କରକରା ପ୍ରମୁଖ ସହଯୋଗ କରିଥିଲେ।


ସ୍କୁଲରେ ଚାରାରୋପଣ କରାଯାଉଛି।

# ସାଇବର ଠକ ନେଇଗଲେ ୮୦ ହଜାର

**ଗୁଗଲରୁ ଇଗ୍ନୋ ବିଶ୍ୱବିଦ୍ୟାଳୟ ହେଲ୍ପଲାଇନ ନମ୍ବର ଖୋଜୁଥିଲେ**

**ବ୍ରହ୍ମପୁର,୧୩।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଗୁଗଲରୁ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ହେଲ୍ପ ଲାଇନର ନମ୍ବର ଖୋଜିବା ଜଣେ ମହିଳାଙ୍କ ପାଇଁ ମହଙ୍ଗା ପଡିଛି । ସାଇବର ଠକମାନେ ତାଙ୍କ ଆକାଉଣ୍ଟରୁ ୮୦ ହଜାର ଟଙ୍କା ଠକି ନେଇ ଯାଇଛନ୍ତି । ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବେଦାଳିଆର ଜଣେ ମହିଳା ଇଗ୍ନୋର ଏକ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ଉକ୍ତ ପାଠ୍ୟକ୍ରମ ପାଇଁ ୬୩୭୫ ଟଙ୍କା ଫିସ ଜମା କରିଥିଲେ। ଇଗ୍ନୋ ପୋର୍ଟାଲକୁ ଯାଇ ସେ ଏହି ଟଙ୍କା ଜମା କରିଥିଲେ। ହେଲେ ଅନେକ ଦିନ ଯାଏଁ ଇଗ୍ନୋ ପୋର୍ଟାଲରେ ଟଙ୍କା ଜମା ହୋଇନଥିବା ଦର୍ଶାଯାଇଥିଲା। ଏହାପରେ ମହିଳା ଜଣଙ୍କ ଇଗ୍ନୋ ସହ ଯୋଗାଯୋଗ କରିବାକୁ ଗୁଗଲକୁ ଯାଇ ଇଗ୍ନୋର ହେଲ୍ପ ଲାଇନ ନମ୍ବର ଖୋଜିଥିଲେ । ଗୁଗଲରୁ ମିଳିଥିବା ସେହି ହେଲ୍ପ ଲାଇନ ନମ୍ବରରେ ଯୋଗାଯୋଗ ପରେ କେହି କଲ ଗ୍ରହଣ କରିନଥିଲେ । ଏହାର କିଛି ସମୟ ପରେ ମହିଳାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଇଗ୍ନୋ କର୍ମଚାରୀ ବୋଲି କହିବା ସହ ସମସ୍ୟା ସମ୍ପର୍କରେ ମହିଳାଙ୍କୁ ପଚାରିଥିଲେ । ଏହାପରେ କଲ କରିଥିବା ବ୍ୟକ୍ତି ଜଣଙ୍କ ମହିଳାଙ୍କ ମୋବାଇଲରେ ଏକ ଆପ ଇନଷ୍ଟଲ କରିବାକୁ କହିଥିଲେ। ମହିଳା ଜଣଙ୍କ ଆପ ଇନଷ୍ଟଲ କରିବା ପରେ ସେହି ବ୍ୟକ୍ତି ଜଣଙ୍କ ଅନଲାଇନରେ କିଛି କାରବାର କରିବାକୁ କହିଥିଲେ । ଏହାପରେ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୮୦ ହଜାର ଟଙ୍କା କଟିଯାଇଥିଲା । ପରେ ମହିଳା ଜଣଙ୍କ ସଂପୃକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ଏହାପରେ ମହିଳା ଜଣଙ୍କ ନିଜ ବ୍ୟାଙ୍କ ଶାଖାକୁ ଯାଇ ଅଭିଯୋଗ କରିଥିଲେ । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପରାମର୍ଶ କ୍ରମରେ ମହିଳା ଜଣଙ୍କ ସଦର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପ୍ରକାରେ ସଦର ଥାନା ପୋଲିସ କେସ ନଂ ୨୩୩/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

# ଅଭିଯୋଗ ଶୁଣିଲେ ନବରଙ୍ଗପୁର ବିଧାୟକ

**ନବରଙ୍ଗପୁର,୧୩।୭(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ବିଶେଷକରି ଗାଁକୁ ଡ୍ରେନ୍, ରାସ୍ତାଘାଟ, ପାନୀୟଜଳ, ରାଶନ କାର୍ଡ ସମସ୍ୟା ଉପରେ ଅଭିଯୋଗମାନ ଆସିଥିଲା।

ସୂଚନାନୁଯାୟୀ, ନବରଙ୍ଗପୁର ବ୍ଲକ ବଙ୍ଗାପାଲି, ପୂଜାରିଗୁଡ଼ା ଓ ସିନ୍ଧିଗାଁ ପଞ୍ଚାୟତରେ ସରପଞ୍ଚଙ୍କ ଉପସ୍ଥିତିରେ ବିଧାୟକ, ଏବିଡିଓ, କାହ୍ନୁ ଦାଶ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ବିଧାୟକ ମାଝୀ ଅଭିଯୋଗ ଗ୍ରହଣ କରିଥିଲେ। ପାନୀୟଜଳ, ଆବାସ, ଚାଉଳ ବିତରଣ ଉପରେ ଜନସାଧାରଣ ଅଭିଯୋଗ କରିଥିଲେ। ପରେ କର୍ଲାଆଗୁଡ଼ାରେ ଲୋକଙ୍କ ସମସ୍ୟା ବୁଝିବା ପରେ କୁମଝର ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ରାସ୍ତା ଉଚ୍ଚ ଓ ବିଦ୍ୟାଳୟ ନିମ୍ନଭାଗରେ ରହିଛି। ଟିଣ ଛପର କ୍ଲାସ୍‌ରୁମ୍‌ରେ ପାଣି ଗଳୁଛି। ଛାତ୍ରୀଛାତ୍ର ବର୍ଷାଦିନେ ବହୁ ସମସ୍ୟା ଭୋଗୁଛନ୍ତି। ବର୍ଷାଜଳ ବିଦ୍ୟାଳୟ ପରିସରରୁ ନିଷ୍କାସନ କିଭଳି ହେବ ଓ କ୍ଲାସ୍‌ରୁମ୍‌ର ମରାମତି କରିବାକୁ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମରାମତି କାର୍ଯ୍ୟ ନେଇ ପଞ୍ଚାୟତ ପାଣ୍ଠିରୁ ଖର୍ଚ୍ଚ କରିବାକୁ କହିଥିଲେ। ମାଳିଗୁଡ଼ା, କରାଶିଗୁଡ଼ାରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପରେ ଚୂରାହାଣ୍ଡି ଗାଁରେ ପ୍ରତ୍ୟେକ ସାହି ବୁଲିଥିଲେ। ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବା ଓ ରାସ୍ତାର କିଛି ସ୍ଥାନରେ ପାଣି ଜମିବା ଓ ଆବାସ ଯୋଜନାରେ କେତେଜଣ ଯୋଗ୍ୟ ହିତାଧିକାରୀ ଘର ପାଇ ନ ଥିବା ଆଦି ସମ୍ପର୍କରେ ଅଭିଯୋଗ ଗ୍ରହଣ କରିଥିଲେ। ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକ ତୁରନ୍ତ ସମାଧାନ ପାଇଁ ପ୍ରୟାସ କରାଯାଉଛି ବୋଲି ବିଧାୟକ ମାଝୀ କହିଛନ୍ତି।


ସିନ୍ଧିଗାଁ ପଞ୍ଚାୟତରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଅଭିଯୋଗ ଶୁଣୁଛନ୍ତି ।

**କୋଟେସନ ଆବଶ୍ୟକ**

19 Jul. ଠାରୁ 28 Jul. 2024 ପର୍ଯ୍ୟନ୍ତ, ସ୍ଥାନ ଏନ୍.ସି.ସି. କ୍ୟାମ୍ପ ଏସ୍.ଏମ୍.ଆଇ.ଟି. ଆଙ୍କୁଶପୁରଠାରେ କିରାନା ସାମଗ୍ରୀ, ଚିକେନ, ଅଣ୍ଡା ସୁଲଭ ମୂଲ୍ୟରେ ଯୋଗାଇପାରୁଥିବା ଠିକାଦାର କିମ୍ୱା ବ୍ୟବସାୟୀ ନିମ୍ନଲିଖିତ ଠିକଣାରେ ସମୟ **ସନ୍ଧ୍ୟା 06.00, ତାରିଖ 16 Jul. 2024** ସୁଦ୍ଧା କୋଟେସନ ପ୍ରେରିତ କରନ୍ତୁ।

**କ୍ୟାମ୍ପ କମାଣ୍ଡାଣ୍ଟ**
**ଓସି. 2 ଓଡ଼ିଶା ବାଟାଲିୟନ,**
**ଏନ୍.ସି.ସି. ବ୍ରହ୍ମପୁର, ଗାନ୍ଧିନଗର,**
**ବ୍ରହ୍ମପୁର,ଫୋନ- 9437558928**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/ Tender Publication, ତା.08.07.2024ରିଖ

ଟେଣ୍ଡର ସଂ. 40245659

ସାମଗ୍ରୀଗୁଡ଼ିକର ବିବରଣୀ : 500 CFM-10 KG/ CM ସ୍କୋୟାର, ବିଦ୍ୟୁତ୍ ଚାଳିତ ରୋଟାରୀ ସ୍କ୍ରୁ ଏୟାର କମ୍ପ୍ରେସର ର ଯୋଗାଣ, ସଂସ୍ଥାପନ ଏବଂ ପ୍ରଚଳନ। ପରିଶିଷ୍ଟ-A ଅନୁଯାୟୀ ବିସ୍ତୃତ ବିବରଣୀ। ମେକ୍- କିର୍ଲୋସ୍କର/ELGI/ଚିକାଗୋ ନ୍ୟୁମେଟିକ୍ କିମ୍ବା ଅନୁରୂପ।

ଟେଣ୍ଡର ମୂଲ୍ୟ : ₹ 26,49,985/-, EMD @ 2% : ₹53,000/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.07.2024ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-305/P/24-25

# ୨.୬୫ କୋଟି ଠକେଇ: ଦିଲ୍ଲୀରୁ ୩ ଗିରଫ

■ ଗ୍ୟାଙ୍ଗରେ ୨ ନାଇଜେରୀୟ
■ ସାଫ୍ରନ୍ ଯୋଗାଣ ପାଇଁ ଟଙ୍କା ନେଇଥିଲେ
■ ଦେଶରେ ଚଳାଇଛନ୍ତି କାରବାର

କଟକ,୧୩।୭(କାର୍ତ୍ତିକ ସାହୁ)

ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ୨ ନାଇଜେରୀୟଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଦିଲ୍ଲୀରୁ ଗିରଫ କରିଛି। ସେମାନେ ହେଲେ ନାଇଜେରିଆ ବାସିନ୍ଦା ଖ୍ରୀଷ୍ଟୋଫର ସିଜୋବାମ୍ ଓରଫ ସିଜୋବାମ କ୍ରିଷ୍ଟ, ନାମଦି ଷ୍ଟାନ୍‌ଲେ ବାମାଲୁ ଓରଫ୍ ଜର୍ମାନ ଏବଂ ନୂଆଦିଲ୍ଲୀର ମିସ୍ ଆରତୀ ଗୌତମ। ସେମାନଙ୍କଠାରୁ ୬ଟି ମୋବାଇଲ, ୨ଟି ଲାପ୍‌ଟପ୍, ୧୦ ସିମ୍ କାର୍ଡ, ଗୋଟିଏ ଡଙ୍ଗଲ, ୧୦ଟି ବ୍ୟାଙ୍କ ଆକାଉଣ୍ଟର ପାସ୍‌ବୁକ୍, ଦୁଇଟି ଡେବିଟ୍ କାର୍ଡ ଓ ଗୋଟିଏ ଆଧାର କାର୍ଡ ଜବତ କରାଯାଇଛି। ସେମାନଙ୍କୁ ବିମାନ ଯୋଗେ ଓଡ଼ିଶା ଅଣାଯାଇଛି। ଠକ୍ ଗ୍ୟାଙ୍ଗର ଏହି ସଦସ୍ୟମାନେ ଅଧିକ ଅର୍ଥ ପାଇବାର ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକୁଥିଲେ। ଭାରତରେ ଏହି ଠକ୍ ଗ୍ୟାଙ୍ଗ ନିଜର କାରବାର ଚଳାଇଥିବା କ୍ରାଇମ୍‌ବ୍ରାଞ୍ଚ ତଦନ୍ତରୁ ଜଣାପଡ଼ିଛି।

ସୂଚନା ଅନୁସାରେ, ଆରତି ଠକେଇ ପାଇଁ ନିଜ ନାମ ଏବଂ ଅନ୍ୟମାନଙ୍କ ନାମରେ କେତେକ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ। ପରେ ସେଗୁଡିକୁ ଅନ୍ୟତମ ଅଭିଯୁକ୍ତ ଖ୍ରୀଷ୍ଟୋଫରଙ୍କୁ ବ୍ୟବହାର କରିବାକୁ ଦେଇଥିଲେ। ଖ୍ରୀଷ୍ଟୋଫର ଏହି ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଟଙ୍କା ନେଣଦେଣ ପାଇଁ ବ୍ୟବହାର କରୁଥିଲେ। ଖ୍ରୀଷ୍ଟୋଫର ଲୋକଙ୍କଠାରୁ ଟଙ୍କା ଆଦାୟରେ ଲିପ୍ତ ରହୁଥିଲେ। ଗୋଟିଏ ଆକାଉଣ୍ଟକୁ ଟଙ୍କା ଆସିବା ପରେ ତାହାକୁ ସେ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଉଥିଲେ। ନାମଦି ଏଟିଏମ୍‌ରୁ ଟଙ୍କା ଉଠାଇ ଖ୍ରୀଷ୍ଟୋଫରଙ୍କୁ ଦେଉଥିଲେ। ଏହିଭଳି ଭାବେ ଉକ୍ତ ଗ୍ୟାଙ୍ଗ୍‌ର ସଦସ୍ୟମାନେ ବିପୁଳ ପରିମାଣର ଟଙ୍କା ଠକେଇ କରୁଥିଲେ। ତେବେ ଭୁବନେଶ୍ୱରର ଜଣେ ବ୍ୟକ୍ତି ଏହି ଗ୍ୟାଙ୍ଗ୍ ଦ୍ୱାରା ୨୦୨୩ ଡିସେମ୍ବରରେ ଠକେଇର ଶୀକାର ହେବା ପରେ ଘଟଣା ସାମ୍ନାକୁ ଆସିଥିଲା। ଏହି ଗ୍ୟାଙ୍ଗର ଜଣେ ସଦସ୍ୟ ତାଙ୍କୁ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇ-ମେଲ ଜରିଆରେ ଲିଙ୍କ୍ ପଠାଇ ଅର୍ଥ ବିନିଯୋଗ ନିମନ୍ତେ ପ୍ରଭାବିତ କରିଥିଲେ। ସେ ନିଜକୁ ଓଡ଼ିଶା କ୍ୟାଡ୍‌ରର ପୂର୍ବତନ ଆଇଏଏସ୍ ଅଧିକାରୀ ଭାବେ ପରିଚୟ ଦେଇଥିଲେ। ଏଥିସହ ସେ ୱାସିଙ୍ଗଟନ୍ ଡିସିସ୍ଥିତ ବିଶ୍ୱବ୍ୟାଙ୍କରେ କାର୍ଯ୍ୟ କରୁଥିଲେ ବୋଲି କହିଥିଲେ।



ଗିରଫ ୨ ନାଇଜେରୀୟ

ଉକ୍ତ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ଠକେଇର ଶିକାର ହୋଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ସୋସିଆଲ ମିଡିଆ ଜରିଆରେ ମତ ବିନିମୟ କରିଥିଲେ। ଗ୍ୟାଙ୍ଗ୍ ସଦସ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିଶ୍ୱବ୍ୟାଙ୍କକୁ ସାଫ୍ରନ୍(ଏକ ପ୍ରକାର ମସଲା ଜାତୀୟ ପଦାର୍ଥ) ଯୋଗାଣ ପାଇଁ ଏକ ଯୋଜନା ଚାଲିଥିବା କହିଥିଲେ। ଏହି ସାଫ୍ରନ୍ ଯୋଗାଣ ପାଇଁ ସେ ବିଶ୍ୱବ୍ୟାଙ୍କ ସହ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏ ବାବଦରେ ଜାଣିବା ପାଇଁ ସେ ବ୍ୟକ୍ତିଙ୍କୁ ବିଶ୍ୱବ୍ୟାଙ୍କ ମୁଖ୍ୟାଳୟର ପ୍ରୋକିଓରମେଣ୍ଟ ବିଭାଗ ସହ ଇ-ମେଲ୍‌ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଠକ୍ ଗ୍ୟାଙ୍ଗ ପକ୍ଷରୁ ଜଣେ ଯୋଗାଣକାରୀଙ୍କୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ପରିଚିତ କରାଇ ସାଫ୍ରନ୍ ଯୋଗାଣ ପାଇଁ ନିୟୋଜିତ କରାଯାଇଥିଲା। ଏହି ଯୋଗାଣକାରୀଙ୍କୁ ଏକ କୃଷିସଂସ୍ଥାର ଆଞ୍ଚଳିକ ପରିଚାଳକ ଭାବେ ପରିଚିତ କରିଥିଲେ। ଭାରତର ସାଫ୍ରନ୍ ଚାଷୀଙ୍କ ମାର୍କେଟିଂ ଏଜେଣ୍ଟ ବୋଲି କହି ଅଧିକ ବିଶ୍ୱାସ ଜନ୍ମାଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ କେଜି ସାଫ୍ରନ୍ ପରୀକ୍ଷା ପାଇଁ ବ୍ୟକ୍ତିଙ୍କୁ ଯୋଗାଣ କରିଥିଲେ। ଏହିପରି ଭାବେ ୧୧୦ କେଜି ପର୍ଯ୍ୟନ୍ତ ସାଫ୍ରନ୍ ମିଥ୍ୟା ପର୍ଚେଜ ଅର୍ଡର ଜରିଆରେ ଯୋଗାଣ କରାଯାଇଥିଲା। ଏଥିପାଇଁ ବ୍ୟକ୍ତି ଜଣଙ୍କ ୨ କୋଟି ୬୫ ଲକ୍ଷ ୧୫ ହଜାର ୯୪୦ ଟଙ୍କା ଠକ ଗ୍ୟାଙ୍ଗ ସଦସ୍ୟଙ୍କୁ ଏକାଧିକ ଥରରେ ପ୍ରଦାନ କରିଥିଲେ। ମାତ୍ର ପରବର୍ତ୍ତି ସମୟରେ ସେମାନେ ଆହୁରି ଅଧିକ ଅର୍ଥ ଦାବି କରିଥିଲେ। ହେଲେ ସାଫ୍ରନ୍ ଦେଇ ନ ଥିଲେ। ସେମାନଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ହେବାରୁ ବ୍ୟକ୍ତି ଜଣଙ୍କ ସାଇବର ଠକେଇର ଶୀକାର ହୋଇଥିବା ହୃଦ୍‌ବୋଧ କରିଥିଲେ। ଏନେଇ ସେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୧୦/୨୪) ରୁଜୁ ହୋଇ ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ବିଭୁ ରଞ୍ଜନ ସୁନ୍ଦରରାୟଙ୍କ ନେତୃତ୍ୱରେ ଏକ ଟିମ୍ ଦିଲ୍ଲୀ ଯାଇ ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନେ ଆଉ କେଉଁସବୁ ଅପରାଧରେ ସାମିଲ ଅଛନ୍ତି ସେନେଇ ତଦନ୍ତ କରାଯାଉଛି।

# ବରମୁଣ୍ଡା ବସ୍ ଟର୍ମିନାଲରେ ସୁରକ୍ଷାକର୍ମୀଙ୍କ ଦାଦାଗିରି

ମହିଳାଙ୍କୁ ଦୁର୍ବ୍ୟବହାର, ସ୍ୱାମୀ ଓ ଭାଇଙ୍କୁ ଆକ୍ରମଣ କରି ୪ ଗିରଫ

ଭୁବନେଶ୍ୱର,୧୩।୭
(ସୂର୍ଯ୍ୟକାନ୍ତ ବେହେରା)


ଗିରଫ ୪ ସୁରକ୍ଷା କର୍ମୀ

ବରମୁଣ୍ଡା ବସ୍ ଟର୍ମିନାଲରେ ସୁରକ୍ଷା କର୍ମୀଙ୍କ ଦାଦାଗିରି ସାମ୍ନାକୁ ଆସିଛି। ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ସ୍ୱାମୀ ଓ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ମହିଳାଙ୍କ ଅଭିଯୋଗ ପରେ ଭରତପୁର ଥାନା ପୋଲିସ ଘଟଣାର ତଦନ୍ତ କରି ୪ ସୁରକ୍ଷାକର୍ମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭରତପୁର ଅଞ୍ଚଳର ସନ୍ତୋଷ କୁମାର ପ୍ରଧାନ ଓ ପ୍ରଶାନ୍ତ କୁମାର ନାୟକ, କେନ୍ଦ୍ରାପଡାର ଦୀପକ କୁମାର ପତି ଏବଂ କଟକର ସମୀର କୁମାର ନାୟକ। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତମାନେ ବରମୁଣ୍ଡା ବସ୍ ଟର୍ମିନାଲରେ ନିୟୋଜିତ ଥିବା ଏକ ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟ କରନ୍ତି। ଜୁଲାଇ ୯ ତାରାଖ ରାତିରେ ଅଭିଯୋଗକାରିଣୀ ମହିଳା ସ୍ୱାମୀଙ୍କୁ ଆଣିବା ଲାଗି ବରମୁଣ୍ଡା ବସ୍ ଷ୍ଟାଣ୍ଡକୁ ଯାଇଥିଲେ। ସାଙ୍ଗରେ ତାଙ୍କର ପୁଅ ଥିଲେ। ସେ ଜାଣି ନ ପାରି ଗେଟ୍ ନମ୍ବର-୨ ମଧ୍ୟ ଦେଇ ଭିତରକୁ ପ୍ରବେଶ କରୁଥିବାବେଳେ ମୁତୟନ ଥିବା ସୁରକ୍ଷା କର୍ମୀ ତାଙ୍କୁ ବାରଣ କରିଥିଲେ। ଅଭିଯୋଗକାରିଣୀ ଗାଡି ବୁଲାଉଥିବାବେଳେ ଅଭିଯୁକ୍ତ ସୁରକ୍ଷା କର୍ମୀଙ୍କ ମଧ୍ୟରୁ ଜଣେ ତାଙ୍କର ଭିଡିଓ ଉତ୍ତୋଳନ କରିଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିବା ଲାଗି ପ୍ରୟାସ କରିଥିଲେ। ଏହି ସମୟରେ ମହିଳାଙ୍କ ସ୍ୱାମୀ ସେଠାରେ ପହଞ୍ଚି ତାଙ୍କୁ ଏହି ଆକ୍ରମଣରୁ ବଞ୍ଚାଇବା ଲାଗି ପ୍ରୟାସ କରିବା ସମୟରେ ଅନ୍ୟ ସୁରକ୍ଷାକର୍ମୀମାନେ ସେଠାରେ ପହଞ୍ଚି ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଉପାୟ ନ ପାଇ ମହିଳା ଜଣକ ତାଙ୍କ ଭାଇଙ୍କୁ ଘଟଣାସ୍ଥଳକୁ ଡାକି ବଞ୍ଚାଇବାକୁ କହିଥିଲେ। କିଛି ସମୟ ପରେ ମହିଳାଙ୍କ ଭାଇ ସେଠାରେ ପହଞ୍ଚିବାରୁ ସୁରକ୍ଷାକର୍ମୀମାନେ ତାଙ୍କୁ ମଧ୍ୟ ଲୁହା ରଡ୍ ଓ ପଥରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମହିଳାଙ୍କ ସ୍ୱାମୀ ଓ ଭାଇ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ମହିଳାଙ୍କ ବେକରୁ ଏକ ମଙ୍ଗଳ ସୂତ୍ର ଏବଂ ସ୍ୱାମୀଙ୍କ ବେକରୁ ଏକ ଚେନ ଜୋରଜବରଦସ୍ତ ଛିଣ୍ଡାଇ ନେଇଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ଏକ ମାମଲା (ନଂ.୪୫୯/୨୦୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ସୁରକ୍ଷାକର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ରାଇସ୍ ମିଲ୍ ମାଲିକଙ୍କୁ ଅପହରଣ

ବୋରିଗୁମ୍ମା,୧୩।୭(ବିଜୟ ନାୟକ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପେରାହାଣ୍ଡି ନିକଟରେ ଜଣେ ବ୍ୟକ୍ତିଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ରମେଶ ପାତ୍ର। ତାଙ୍କ ଘର ଜୟପୁର ସଦର ଥାନା ଅନ୍ତର୍ଗତ କୁମୁଲିପୁଟ ଗ୍ରାମରେ। ସେ ପେରାହାଣ୍ଡି ଏସ୍‌ଏଲ୍‌ଭିଏନ୍ ମଡର୍ନ ରାଇସ୍ ମିଲ୍‌ର ମାଲିକ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଶୁକ୍ରବାର ରାତି ସାଢ଼େ ୮ଟାରେ ରମେଶ ପେରାହାଣ୍ଡିସ୍ଥିତ ମିଲ୍‌ରୁ ନିଜ ଘର କୁମୁଲିପୁଟକୁ କାର୍‌ରେ ଫେରୁଥିବା ସମୟରେ ପେରାହାଣ୍ଡି ବ୍ରିଜ୍ ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ କାର୍ ସହ ଅପହରଣ କରିନେଇଛନ୍ତି। ତେବେ ଅପହରଣକାରୀମାନେ ତାଙ୍କ ପରିବାର ଲୋକଙ୍କୁ ଫୋନ୍ ଯୋଗେ ଲକ୍ଷାଧିକ ଟଙ୍କା ମାଗୁଥିବା ଆଲୋଚନା ହେଉଛି। ଏନେଇ ଅଭିଯୋଗ ପରେ ଏସ୍‌ପି ଅବିନାଶ ସୋନକରଙ୍କ ତତ୍ତ୍ୱାବଧାନରେ ଜୟପୁର ଟାଉନ, ସଦର ଏବଂ ବୋରିଗୁମ୍ମା ପୋଲିସ ଘଟଣାର ତଦନ୍ତ ଚଳାଇଛି। ଟଙ୍କା ପାଇଁ ତାଙ୍କୁ ଅପହରଣ କରାଯାଇଥିବା ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣା ପରେ ତାଙ୍କ ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି। ବିଳମ୍ବିତ ରାତିରେ ଅପହରଣ କରାଯାଇଥିବା ମିଲ୍ ମାଲିକ ରମେଶଙ୍କ ଶଳୁ ପି. ଆନନ୍ଦରାଓ ଏ ନେଇ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୋରିଗୁମ୍ମା ଥାନାରେ ଏକ ମାମଲା (ନଂ.୧୬୪/୨୪) ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଆଇଆଇସି ଯୁଗଳ କିଶୋର ସା କହିଛନ୍ତି।



ମିଲ୍ ମାଲିକ ରମେଶ ପାତ୍ର

# ଧରାପଡ଼ିଲା ମୋବାଇଲ ଟାୱାର ଲୁଟେରା ଗ୍ୟାଙ୍ଗ୍

ଅସୁରାଳି/ଧାମନଗର,୧୩।୭
(ସନ୍ତୋଷ ପ୍ରଧାନ/ଦେବେନ୍ଦ୍ର ଆଦିଆ)

■ ୭ ଗିରଫ, ୪୦ ଲକ୍ଷ ଟଙ୍କାର ଲୁଟ୍ ସାମଗ୍ରୀ ଜବତ
■ ରାଜ୍ୟ ବାହାରକୁ ଲମ୍ବିଛି ଚେର

ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ଅସୁରାଳିରେ ମୋବାଇଲ ଟାୱାରରୁ ଚୋରି କରୁଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଲୋକେ କାବୁ କରିଥିବା ବେଳେ ତାଙ୍କ ମାଧ୍ୟମରେ ପୋଲିସ ଏକ ମୋବାଇଲ ଟାୱାର ଲୁଟେରା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ରାଜ୍ୟ ବାହାରକୁ ଏହି ଗ୍ୟାଙ୍ଗ୍‌ର ଚେର ଲମ୍ବିଛି। ଗ୍ୟାଙ୍ଗର ୭ଜଣଙ୍କୁ ପୋଲିସ ଶନିବାର ଗିରଫ କରିବା ସହ ସେମାନଙ୍କ ପାଖରୁ ପ୍ରାୟ ୪୦ ଲକ୍ଷ ଟଙ୍କାର ଲୁଟ୍ ସାମଗ୍ରୀ ଜବତ କରିଛି। ସେମାନେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତେନ୍ତୁଳିଗଡ଼ିଆର ଜ୍ୟୋତିରଞ୍ଜନ ସ୍ୱାଇଁ, ମିର୍ଜାପୁର ନାଥସାହିର ସୁକାନ୍ତ ନାଥ, ଖୋର୍ଦ୍ଧା ଜିଲା ବାଲିଅନ୍ତା ବଙ୍ଗୁଆଁର ରାଜକିଶୋର ସାହୁ, ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଉତ୍ତରପ୍ରଦେଶ ମୁଜାଫରନଗରର ମେହେରବାନ, ମହମ୍ମଦ ଜାଭେଦ, ଉତ୍ତରପ୍ରଦେଶ ମିରଟର ଜୁନେଦ ମଲିକ ଓ ନୌସଦ ଅନସାରୀ। ଏହି ଗ୍ୟାଙ୍ଗ୍‌ରେ ସାମିଲ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଧୁଷୁରୀ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବାମଦେବ ସିଂ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ୧୦ ଓ ୧୧ ତାରିଖ ମଧ୍ୟରାତ୍ରରେ ଅସୁରାଳି ବେଷ୍ଟ କଲେଜ ପାଖରେ ଥିବା ଏୟାରଟେଲ ଟାୱାରରୁ ଜ୍ୟୋତିରଞ୍ଜନ ଚୋରି କରୁଥିବା ଦେଖି ସ୍ଥାନୀୟ ଲୋକେ ତଳେ ଜଗି ରହିଥିଲେ। ସେ ତଳକୁ ଆସିବାରୁ ସେମାନେ ତାଙ୍କୁ କାବୁ କରି ଏୟାରଟେଲର ଭଦ୍ରକ ଏକ୍‌ଜିକ୍ୟୁଟିଭ ତଥା ଧୁଷୁରୀ ଉଛପଦା ଅଞ୍ଚଳର ପ୍ରକାଶ ସାହୁଙ୍କୁ ଖବର ଦେଇଥିଲେ। ପ୍ରକାଶ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଜ୍ୟୋତିରଞ୍ଜନଙ୍କୁ ଥାନାକୁ ନେଇଥିଲେ। ସେଠାରେ ଏଏସ୍‌ଆଇ ପରମାନନ୍ଦ ସାମଲ ତାଙ୍କୁ ପଚରାଉଚରା କରିବାରୁ ସୁକାନ୍ତଙ୍କ ସହ ମିଶି ସେ ମୋବାଇଲ ଟାୱାରରୁ ଚୋରି କରନ୍ତି ବୋଲି ମାନିଥିଲେ। ଜ୍ୟୋତିଙ୍କ ସୂଚନା ଆଧାରରେ ପୋଲିସ ପ୍ରଥମେ ସୁକାନ୍ତଙ୍କୁ ଗିରଫ କରିଥିଲା। ଏହାପରେ ଦୁଇଜଣଙ୍କୁ ଜେରା କରିବାରୁ ସେମାନେ ଜଣକ ପରେ ଜଣକ ନାଁ କହିଥିଲେ। ଦୁହେଁ ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ସମେତ ଅନ୍ୟ ଜିଲାରୁ ଚୋରି କରିଥିବା ମାନିଥିଲେ। ଏସବୁ ସାମଗ୍ରୀ ନେଇ ତାଙ୍କ ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟଙ୍କୁ ବିକୁଥିଲେ। ସେମାନଙ୍କଠାରୁ ସୂଚନା ପାଇବା ପରେ ଏସ୍‌ଆଇ ବାସୁଦେବ ଓରାମ ଏବଂ ଏଏସ୍‌ଆଇ ସାମଲଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ମୋବାଇଲ ଫୋନ୍ ଟ୍ରାକିଂ କରି ଅନ୍ୟ ୫ଜଣଙ୍କୁ ଗିରଫ କରିଥିଲା। ଧୁଷୁରୀ ଥାନାରେ ମାମଲା (ନଂ. ୨୫୧/୨୪) ରୁଜୁ କରାଯାଇଛି। ଏହି ଗ୍ୟାଙ୍ଗ୍‌ରେ ଆହୁରି ୧୦ରୁ ୧୫ଜଣ ସାମିଲ ଥିବା ଅନୁମାନ କରାଯାଉଛି।

# ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ

ମୋରଡ଼ା,୧୩।୭ (ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ଜଣେ ୪ ବର୍ଷୀୟା ଆଦିବାସୀ ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା' ମୋରଡ଼ା ଥାନାରେ ଅଭିଯୋଗ କରିଛନ୍ତି ଯେ, ଜଣେ ୧୩ ବର୍ଷୀୟ ଆଦିବାସୀ ନାବାଳକ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ଝିଅକୁ ଖେଳିବାକୁ ଡାକି ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଛନ୍ତି। ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସମେତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୯୧/୨୪) ରୁଜୁ କରାଯାଇଥିବା ବେଳେ ନାବାଳକ ଜଣକ ଫେରାର ଅଛନ୍ତି।

# ଗୁଳି ଫୁଟାଇ ଝିଙ୍କି ନେଲେ କାନଫୁଲ

ଘସିପୁରା/ରାମଚନ୍ଦ୍ରପୁର, ୧୩।୭
(ନିରଞ୍ଜନ ସାହୁ/ଗଣେଶ୍ୱର ସା)

ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ଜାତୀୟ ରାଜପଥରେ ଦୁର୍ବୃତ୍ତମାନେ ଗୁଳି ଫୁଟାଇ ଜଣେ ମହିଳାଙ୍କ କାନଫୁଲ ଝିଙ୍କି ନେଇଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର ଦେଇ ଯାଇଥିବା ପାଣିକୋଇଲି-ରାଜାମୁଣ୍ଡା ୨୦ ନଂ ଜାତୀୟ ରାଜପଥର ଘସିପୁରା ଥାନା ବେଲବାହାଳି ବାଇପାସ୍ ନିକଟରେ ଶନିବାର ଏହିଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଯାଜପୁରା ଜିଲା କୋରେଇ ଥାନା ଜଳଦା ଗାଁର ଦିଲୀପ ବାରିକ, ସ୍ତ୍ରୀ ସବିତା ଓ ଝିଅଙ୍କୁ ଧରି ଭାଣିଜୀ ବାହାଘର ନିମନ୍ତେ କେନ୍ଦୁଝର ଜିଲା ମଲିପଶି ଅଞ୍ଚଳକୁ ଆସିଥିଲେ। ବାହାଘର ସାରି ଘରକୁ ଫେରିବା ବେଳେ ପୂର୍ବାହ୍ନ ୧୧ଟାରେ ଗୋଟିଏ ବାଇକ୍‌ରେ ଆସୁଥିବା ୩ ଜଣ ଅଟକାଇ ୩ ରାଉଣ୍ଡ ଗୁଳି ଫୁଟାଇ ଭୟଭୀତ କରିଥିଲେ। ଏଥିସହ ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ବେଳେ ଦିଲୀପ ସାମାନ୍ୟ ଆହତ ହୋଇଛନ୍ତି। ଦୁଇ ରାଉଣ୍ଡ ଗୁଳି ଫୁଟିବା ସହ ଗୋଟିଏ ଗୁଳି ଅଫୁଟା ରହିଛି। ଭୟରେ ଦିଲୀପ ଗାଡ଼ି ରଖିଦେଇଥିଲେ। ପରେ ଦୁର୍ବୃତ୍ତ ତାଙ୍କ ସ୍ତ୍ରୀଙ୍କ ଗୋଟିଏ ପାଖର କାନରୁ କାନଫୁଲ ଝିଙ୍କି ନେଇଥିଲେ। ବନ୍ଧୁକ ଦେଖାଇ ଅନ୍ୟ ସାମଗ୍ରୀ ନେବାକୁ ଉଦ୍ୟମ କରିବା ବେଳେ ସ୍ଥାନୀୟ ଲୋକ ପହଞ୍ଚି ଯିବାରୁ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଖବର ପାଇ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଏବଂ ଘସିପୁରା ଥାନା ଅଧିକାରୀ ସୁନୀଲ କୁମାର କର ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୨୯୫/୨୪)ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁନ୍ ୨୫ରେ ମହିଳା ଆଇନଜୀବୀ ବସ୍‌ରୁ ଓହ୍ଲାଇ ଗ୍ରାମ୍ୟ ନ୍ୟାୟାଳୟକୁ ଯାଉଥିବା ବେଳେ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ ଝିମ୍ପି ନେଇଥିଲେ। ଏନେଇ ଆଇନଜୀବୀ ଥାନାରେ ଅଭିଯୋଗ କରିଥିଲେ।


ଲୁଟ୍‌ର ଶିକାର ହୋଇଥିବା ମହିଳା

# ଗିରଫ ଡକାୟତି ଗ୍ୟାଙ୍ଗରେ ଜଣେ ମହିଳା

ବସ୍ତା, ୧୩।୭(ହରିଶଙ୍କର ପାଢ଼ି)

ବାଲେଶ୍ୱର ଜିଲା ବସ୍ତା ପୋଲିସ ଏକ ବଡ଼ଧରଣର ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଗ୍ୟାଙ୍ଗର ଜଣେ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଥିବା ବସ୍ତା ଥାନା ପରିସରରେ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବସ୍ତା ଏସ୍‌ଡିପିଓ ଅରୁଣ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ଗତ ୧୦ ତାରିଖ ରାତି ୧୦ଟା ବେଳେ ଏକ ଘରୋଇ ଫାଇନାନ୍ସ କମ୍ପାନୀ ଏଜେଣ୍ଟ ଏକ ସ୍କୁଟି (ନଂ. ଓଡ଼ି୦୧-ଏପି ୮୬୦୭) ଯୋଗେ ବସ୍ତା ଥାନା ମଛଡ଼ିହା ଗ୍ରାମରୁ ୧ଲକ୍ଷ ୭୭ହଜାର ୮ଶହ ଟଙ୍କା ଏକ ବ୍ୟାଗରେ ଧରି ଫେରୁଥିବା ବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କର ସ୍କୁଟି ସହ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ କମ୍ପାନୀର ଶାଖା ପରିଚାଳକ ୧୨ ତାରିଖରେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୧୩୬/୨୦୨୪) ରୁଜୁ କରାଯାଇ ଥାନା ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା ତଦନ୍ତ ଆରମ୍ଭ କରି ତଦନ୍ତ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ସେମାନଙ୍କଠାରୁ ୧ଲକ୍ଷ ୪୪ହଜାର ୫ଶହ ଟଙ୍କା, ଦୁଇଟି ବାଇକ ସହ କଲେକ୍ସନ ଏଜେଣ୍ଟଙ୍କ ସ୍କୁଟି ତଥା ୪ଟି ମୋବାଇଲ ଫୋନ ଜବତ ହୋଇଛି। ତେବେ ୩୦,୩୦୦ ଟଙ୍କାର ଅଦ୍ୟାବଧି ସୂଚନା ମିଳିପାରି ନ ଥିବାରୁ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଦିନ କୁହୁଡ଼ି ଦୁଇ ପ୍ରହରେ**
**ଦେଖାଯାଏ ଯେବେ କେଉଁ ଦିନରେ**
**ଆଠଦିନ ମଧ୍ୟେ ବରଷେ ଜଳ**
**ପ୍ରାଣୀଙ୍କୁ କାହିଁ ନ ମିଳଇ ସ୍ଥଳ ।**

ଯେବେ ଖରାଦିନରେ କୁହୁଡି ମାଡ଼ିଯିବାର ଦେଖାଯାଏ, ତେବେ ଆଠ ଦିନ ମଧ୍ୟରେ ମୁଷଳ ଧାରାରେ ବର୍ଷା ହେବା ସୁନିଶ୍ଚିତ ବୋଲି ଜଣାଯାଏ। ଏପରି ସ୍ଥଳେ ଲୋକମାନେ ହଇରାଣ ହେବା ସହ ଅକଥନୀୟ ଦୁର୍ଦ୍ଦଶା ଭୋଗ କରିଥାନ୍ତି। ପ୍ରକୃତିର ବିପରୀତ ଗତି ପ୍ରାଣୀଙ୍କ ପାଇଁ ସଦାସର୍ବଦା ବିପରୀତ ଅବସ୍ଥା ହିଁ ସୃଷ୍ଟି କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଳସୁଆ ହେଲେ କିଛିଟା ରକ୍ଷା**
**ସିକିଚିଲିଆରେ ଭାଗ୍ୟଟା ବଙ୍କା**
**ହଜାଇ ବସେ ସେ ପାଇଲା ଧନ**
**ଦୁଃଖରେ କାଟେ ସେ ସାରା ଜୀବନ ।**

ସମାଜରେ ଏହିଭଳି ଚରିତ୍ରର ବ୍ୟକ୍ତିମାନେ ନିଜ ନିଜ ଦୁର୍ଗୁଣ ସଭା ଯୋଗୁ ଜୀବନସାରା ଅଭାବ ଓ ଦୁଃଖ ମଧ୍ୟରେ ଘାଣ୍ଟିହେଉଥିବାର ଦେଖିବାକୁ ମିଳିଥାଏ। ସୌଭାଗ୍ୟ ପରିବର୍ତ୍ତେ ଏମାନେ କେବଳ ଦୁର୍ଭାଗ୍ୟକୁ ହିଁ ଆଦରିଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦୁବାଇରୁ ଫେରୁଥିବାବେଳେ ଏଲ୍‌ଏଫ୍‌ଏସ୍ ବ୍ରୋକିଂ ମାଲିକ ଗିରଫ

ଭୁବନେଶ୍ୱର,୧୩।୭
(ସୂର୍ଯ୍ୟକାନ୍ତ ବେହେରା)

**୬୦୦ କୋଟିର ଶେୟାର ଟ୍ରେଡିଂ ସ୍କାମ୍**
■ ଠକେଇର ଶିକାର ହୋଇଛନ୍ତି ୬,୨୧୯ ଜଣ
■ ଓଡ଼ିଶାରୁ ଲୁଟିଛନ୍ତି ୧୦୦ କୋଟି

ଭାରତର ୬ ରାଜ୍ୟରେ ହୋଇଥିବା ୬୦୦ କୋଟି ଟଙ୍କାର ଶେୟାର ଟ୍ରେଡିଂ ସ୍କାମ୍‌ର ପର୍ଦ୍ଦାଫାଶ କରିଛି ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଏଥିସହ ଦୀର୍ଘଦିନ ଧରି ଫେରାର ଥିବା ଏହି ଠକେଇ ର୍‍ୟାକେଟର ମୁଖ୍ୟ ତଥା ଏଲ୍‌ଏଫ୍‌ଏସ୍ ବ୍ରୋକିଂ ଆଣ୍ଡ ପିଏମ୍‌ଏସ୍ ସର୍ଭିସେସ୍‌ର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲାର ସୟାଦ ଜିଆଜୁର୍ ରହମନ। ସେ ଦୁବାଇରୁ ବିମାନ ଯୋଗେ ଫେରୁଥିବାବେଳେ କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବ୍ୟୁରୋ ଅଫ୍ ଇମିଗ୍ରେଶନ ସହାୟତାରେ ଇଓଡବ୍ଲ୍ୟୁ ତାଙ୍କୁ ଧରିବାରେ ସଫଳ ହୋଇଛି। ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଓଡ଼ିଶା ଆଣି କଟକ ଓପିଆଇଡି କୋର୍ଟରେ ହାଜର କରାଯାଇଛି ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଢେଙ୍କାନାଳ ଗୁଣ୍ଡିଚାପଡାର ଅରୁଣ କୁମାର ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଏହି ପଦକ୍ଷେପ ଗ୍ରହଣ କରିଛି ।

ଅଭିଯୁକ୍ତ ରହମନ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର, ଝାଡଖଣ୍ଡ ଓ ଗୁଜୁରାଟର ପ୍ରାୟ ୬ ହଜାର ୨୧୯ ନିବେଶକଙ୍କଠାରୁ ୬୦୦ କୋଟିରୁ ଅଧିକ ଟଙ୍କା ଠକିଥିବାବେଳେ ଓଡ଼ିଶାରୁ କେବଳ ୧୦୦ କୋଟି ଟଙ୍କା ଲୁଟି ନେଇଥିବା ତଦନ୍ତବେଳେ ଜଣାପଡିଛି। ଏଲ୍‌ଏଫ୍‌ଏସ୍ ବ୍ରୋକିଂ ଆଣ୍ଡ ପିଏମ୍‌ଏସ୍ ସର୍ଭିସେସ୍‌ର ଅନଧିକୃତ ଆକାଉଣ୍ଟ ମାଧ୍ୟମରେ ଏହି ଟଙ୍କା କାରବାର ହୋଇଥିଲା। ସେହିପରି ଅଭିଯୁକ୍ତ ଅରାମବାଗ ହୋଟେଲ ଆଣ୍ଡ ରିସର୍ଟସ ପ୍ରା.ଲି.ର ମାଲିକ ଥିବାବେଳେ ତାଙ୍କର ଦୁଇ ସ୍ତ୍ରୀ ହବିବା ବେଗମ ଓ ରଣଜିତା ମହାଜନ ଉକ୍ତ ହୋଟେଲର ନିର୍ଦ୍ଦେଶକ ଅଛନ୍ତି। ଠକେଇ ଅର୍ଥ ଏହି ହୋଟେଲରେ ବିନିଯୋଗ ହୋଇଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ଅପରପକ୍ଷେ ରହମାନ ପୂର୍ବରୁ ମହାରାଷ୍ଟ୍ରର ପୁଣେରେ ପଞ୍ଜୀକୃତ ହୋଇଥିବା ଏଲ୍‌ଏଫ୍‌ଏସ୍ ବ୍ରୋକିଂ ପ୍ରା.ଲିମିଟେଡର ନିର୍ଦ୍ଦେଶକ ଥିଲେ। ପରବର୍ତ୍ତୀ ସମୟରେ ସେ ଶେୟାର ଟ୍ରେଡିଂ କରିବା ସହ ଠକେଇ ପାଇଁ ଏଲ୍‌ଏଫ୍‌ଏସ୍ ବ୍ରୋକିଂ ଆଣ୍ଡ ପିଏମ୍‌ସି ସର୍ଭିସେସ୍ (ପୋର୍ଟଫୋଲିଓ ମ୍ୟାନେଜମେଣ୍ଟ ସର୍ଭିସ) ନାମରେ ଆଉ ଏକ ସଂସ୍ଥା ଖୋଲି ଏହାର ମାଲିକ ହୋଇଥିଲେ। ଏହା ଏକ ଷ୍ଟକ୍ ଓ ଶେୟାର ବ୍ରୋକିଂ କମ୍ପାନୀ ବୋଲି ଲୋକଙ୍କୁ ଜଣାଇବା ସହ ଅନ୍ୟମାନଙ୍କଠାରୁ ଅଧିକ ଲାଭର ଲୋଭ ଦେଖାଇ କୋଟି କୋଟି ଟଙ୍କା ସଂଗ୍ରହ କରି ଠକିଥିଲେ।


ଗିରଫ ଅଭିଯୁକ୍ତ
ସୟାଦ ଜିଆଜୁର୍ ରହମନ

### ବାଂଲାଦେଶ, ଦୁବାଇରେ ଲୁଚିଥିଲେ

ଢେଙ୍କାନାଳ ଗୁଣ୍ଡିଚାପଡାର ଅରୁଣ ଓ ତାଙ୍କ ସମ୍ପର୍କୀୟଙ୍କୁ ଶେୟାର ଟ୍ରେଡିଂ ବିଷୟରେ କହିବା ସହ ବିନିଯୋଗ ହୋଇଥିବା ରାଶି ଉପରେ ମାସିକ ୨ % ସୁଧ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ଅଭିଯୁକ୍ତ ରହମନ। ତାଙ୍କ କଥାରେ ପଡି ଦୁହେଁ ଟଙ୍କା ନିବେଶ କରିଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ପ୍ରତିଶ୍ରୁତି ଅନୁସାରେ ମାସିକ ସୁଧ ଓ ଅନ୍ୟ ବାବଦ ଲାଭ ଟଙ୍କା ପ୍ରଦାନ କରିଥିଲେ ଅଭିଯୁକ୍ତ। ଏହାପରେ ଲୋଭରେ ପଡି ଅରୁଣ ଓ ତାଙ୍କ ସମ୍ପର୍କୀୟ ପ୍ରାୟ ୨୦ ଲକ୍ଷ ନିବେଶ କରିଥିଲେ। କିନ୍ତୁ ଏହାପରେ ଅଭିଯୁକ୍ତ ହଠାତ ସୁଧ ଦେବା ବନ୍ଦ କରିବା ସହ ଜୁଲାଇ ୨୦୨୩ରୁ କେଉଁଆଡେ ଫେରାର ହୋଇଯାଇଥିଲେ। ଦୀର୍ଘଦିନ ଅପେକ୍ଷା କରିବା ସତ୍ତ୍ୱେ କୌଣସି ଟଙ୍କା ନ ଆସିବାରୁ ଅରୁଣ ଠକାମିର ଶିକାର ହେବା ଜାଣି ଚଳିତ ବର୍ଷ ମେ ୨୭ ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିବା ସହ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା। ଏଥିସହ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ରହମନଙ୍କ ଷ୍ଟକ୍ ବ୍ରୋକର ଲାଇସେନ୍ସକୁ ୫ବର୍ଷ ପାଇଁ ରଦ୍ଦ କରିବା ସହ ଅନ୍ୟ ଯୋଗ୍ୟତାକୁ ମଧ୍ୟ ବାତିଲ କରିଥିଲା। ତେବେ ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିବାକୁ ଯୋଜନା କରୁଥିବା ଜାଣିବା ପରେ ସେ ଦୁବାଇ ଓ ବାଂଲାଦେଶ ଯାଇ ଲୁଚି ବୁଲୁଥିଲେ। ତେଣୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଇଓଡବ୍ଲ୍ୟୁ ଜାଲ ବିଛାଇ ବସିଥିବାବେଳେ ରହମନ ଦୁବାଇରୁ ବିମାନ ଯୋଗେ ଫେରୁଥିବା ଖବର ପାଇବା ପରେ କୋଲକାତା ବିମାନବନ୍ଦରରେ ଜଗି ରହି ଧରିଥିଲା।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ଅଭିବୃଦ୍ଧି

## ଜୁଲାଇ ସୁଦ୍ଧା ୨୦% ବୃଦ୍ଧି




ଭୁବନେଶ୍ୱର,୧୩।୭(ଅନୁରାଧା ମହାରଣା)

ବ୍ୟକ୍ତିଗତ ଆୟକର ସଂଗ୍ରହ କର୍ପୋରେଟ ଟିକସ ସଂଗ୍ରହକୁ ଅତିକ୍ରମ କରିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲ ୧ରୁ ଜୁଲାଇ ୧୧ ମଧ୍ୟରେ (୨୦୨୪-୨୫) ମଧ୍ୟରେ ସମୁଦାୟ ନିଟ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇ ୫.୭୪ ଲକ୍ଷ କୋଟି ଟଙ୍କା ହୋଇଥିବା ଆୟକର ବିଭାଗ ପକ୍ଷରୁ ସୂଚନା ମିଳିଛି। ବ୍ୟକ୍ତିଗତ ଆୟକର ସଂଗ୍ରହ କର୍ପୋରେଟ ଟ୍ୟାକ୍ସ ସଂଗ୍ରହକୁ ଅତିକ୍ରମ କରିଚାଲିଛି, ସିକ୍ୟୁରିଟି ଟ୍ରାନଜାକସନ ଟ୍ୟାକ୍ସ (ଏସଟିଟି) ସଂଗ୍ରହ ଦୁଇଗୁଣରୁ ଅଧିକ ହୋଇ ଆର୍ଥିକବର୍ଷ ୨୦୨୪-୨୫ ରେ ୧୬,୬୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଡାଇରେକ୍ଟ ଟ୍ୟାକ୍ସରେ ବ୍ୟକ୍ତିଗତ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ଅନ୍ତର୍ଭୁକ୍ତଥିବାବେଳେ ଷ୍ଟକ ମାର୍କେଟ ବାଣିଜ୍ୟ କାର୍ଯ୍ୟକଳାପରେ ତୀବ୍ର ବୃଦ୍ଧି ହେତୁ ସାମଗ୍ରିକ ବ୍ୟକ୍ତିଗତ ଆୟକର ସଂଗ୍ରହରେ ଅପେକ୍ଷା ବ୍ୟକ୍ତିଗତ ଆୟକର ସଂଗ୍ରହ ଅଧିକ ବୃଦ୍ଧି ପାଇଛି। ତଥ୍ୟ ଦର୍ଶାଉଛି ଯେ ବ୍ୟକ୍ତିଗତ ଆୟକର ସଂଗ୍ରହ ଏହି ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ସଂଗୃହିତ ମୋଟ ନିଟ ପ୍ରତ୍ୟକ୍ଷ ଟ୍ୟାକ୍ସର ୬୦ ପ୍ରତିଶତ ଅଟେ। ରିଫଣ୍ଡ ପାଇଁ ସମାୟୋଜିତ କରି ବ୍ୟକ୍ତିଗତ ଆୟକର ସଂଗ୍ରହ ଗତ ବର୍ଷ ତୁଳନାରେ ଗଣାଯାଇଥିବା ଏସଟିଟି ସଂଗ୍ରହ ବୃଦ୍ଧି ପାଇଛି। ଆର୍ଥିକ ବର୍ଷ ୨୦୨୩-୨୫ରେ ଏପ୍ରିଲ ୧ରୁ ଜୁଲାଇ ୧୧ ମଧ୍ୟରେ ଏସଟିଟି ସଂଗ୍ରହ ୭,୨୮୫ କୋଟି ଟଙ୍କା ଥିଲା। ଗତ ଦୁଇ ଆର୍ଥିକ ବର୍ଷରେ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ୨୧.୪୧ ପ୍ରତିଶତ ବୃଦ୍ଧି ହୋଇ ଜୁଲାଇ ୧୧ ପର୍ଯ୍ୟନ୍ତ ଏହି ଆର୍ଥିକ ବର୍ଷରେ ୩.୪୬ ଲକ୍ଷ କୋଟିରେ ପହଞ୍ଚିଛି। ଏସଟିଟି ସହିତ ବ୍ୟକ୍ତିଗତ ଆୟକର ସଂଗ୍ରହର ଅଭିବୃଦ୍ଧି ହାର ୨୪.୦୭ ପ୍ରତିଶତ ହୋଇଛ। ଅନ୍ୟପକ୍ଷରେ, ନିଟ କର୍ପୋରେଟ ଟିକସ ସଂଗ୍ରହ ୧୨.୪୭ ପ୍ରତିଶତ ବୃଦ୍ଧି ହୋଇ ୨.୧୦ ଲକ୍ଷ କୋଟିରେ ପହଞ୍ଚିଛି। ରିଫଣ୍ଡ ପୂର୍ବରୁ ମୋଟ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୨୩.୨ ପ୍ରତିଶତ ବୃଦ୍ଧି ହୋଇ ଚଳିତ ଆର୍ଥିକ ବର୍ଷରେ ଜୁଲାଇ ୧୧ ପର୍ଯ୍ୟନ୍ତ ୬.୪୫ ଲକ୍ଷ କୋଟିରେ ପହଞ୍ଚିଛି। ଏପ୍ରିଲ ୧ ରୁ ଜୁଲାଇ ୧୧ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ରିଫଣ୍ଡ ୬୪.୫ ପ୍ରତିଶତ ବୃଦ୍ଧି ହୋଇ ୭୦,୯୦୨ କୋଟିରେ ପହଞ୍ଚିଛି।

## ବଜାରରେ ସିଏମ୍‌ଏଫ୍‌ର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର ,୧୩।୭ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ତଥା ଅନ୍ତଃରାଷ୍ଟ୍ରୀୟ ଟେକ୍ନୋଲୋଜି କମ୍ପାନୀ 'ନଥିଙ୍ଗ୍'ର ସବ୍‌ବ୍ରାଣ୍ଡ୍ ସିଏମ୍‌ଏଫ୍‌ର ନୂତନ ଉତ୍ପାଦ ରେଞ୍ଜ 'ସିଏମ୍‌ଏଫ୍ ଫୋନ୍ ୧, ସିଏମ୍‌ଏଫ୍ ବଡ୍ସ ପ୍ରୋ-୨ ଏବଂ ସିଏମ୍‌ଏଫ୍ ୱାଚ୍ ପ୍ରୋ-୨'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସିଏମ୍‌ଏଫ୍ ଫୋନ୍ ୧ରେ ମିଡିଆଟେକ୍ ଡାଇମେନ୍ସିଟି ୭୩୦୦ ୫ଜି ପ୍ରୋସେସର ରହିଛି, ଯାହା ଦ୍ରୁତ, ବିଶ୍ୱସନୀୟ ଏବଂ ଦକ୍ଷ ଶକ୍ତି ପାଇଁ ନଥିଙ୍ଗ୍ ସହିତ ସହ-ଇଞ୍ଜିନିୟର ହୋଇଛି। ସିଏମ୍‌ଏଫ୍ ୱାଚ୍ ପ୍ରୋ୨ ଏକ ବହୁମୁଖୀ ଏବଂ ଷ୍ଟାଇଲିସ୍ ସ୍ମାର୍ଟୱାଚ୍ ହୋଇଥିଲାବେଳେ ଏଥିରେ ବେଜେଲ୍ ଡିଜାଇନ୍ ୧.୩୨ ଆମୋଲେଡ୍ ରିଜୋଲ୍ୟୁଶନ୍ ପ୍ରଦାନ କରୁଥିବା ଡିସ୍‌ପ୍ଲେ ଏବଂ ୧୦୦ରୁ ଅଧିକ ୱାଚ୍ ଫେସ୍ ରହିଛି।

## ଆଇଓବିର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର ,୧୩।୭ (ଅଭୟ ଦାଶ)

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ନୂତନ ଶାଖା (ନବରଙ୍ଗପୁର ଶାଖା) ନିକଟରେ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅନ୍ତର୍ଗତ ନବରଙ୍ଗପୁର ଜିଲ୍ଲାର ରାମମନ୍ଦିର ନିକଟସ୍ଥ ଚାମୁରିଆଗୁଣ୍ଡା ରୋଡ୍‌ଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ନବରଙ୍ଗପୁର ବିଡିଓ ସୁନିଲ ଖରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ମନିଷ କୁମାରଙ୍କ ସମେତ ନବରଙ୍ଗପୁର ଶାଖାର ଶାଖା ପ୍ରବନ୍ଧକ ସୁଜିତ କୁମାର ଭୋଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ମନିଷ କୁମାର କହିଛନ୍ତି, ସମାଜର ସମସ୍ତ ବର୍ଗଙ୍କ ପାଇଁ ଏହି ଶାଖା ଉତ୍ସର୍ଗିକୃତ ହୋଇଥିଲାବେଳେ ଗ୍ରାହକଙ୍କ ଆଧୁନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଓବିର ସଞ୍ଚୟ ଓ ଚଳନ୍ତି ଆକାଉଣ୍ଟଗୁଡିକୁ ଡିଜାଇନ୍ କରାଯାଇଛି। ଏପରିକି ଆଇଓବିର ଋଣ ସୁଧ ହାର ବଜାର୍ ତୁଳନାରେ ଯଥେଷ୍ଟ ପ୍ରତିଯୋଗିତାମୂଳକ ହୋଇଥିଲାବେଳେ ଋଣ ସୁବିଧା ସମାଜର ସମସ୍ତ ବର୍ଗଙ୍କ ପାଇଁ ଉପଲବ୍ଧ ବୋଲି ମନିଷ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

## 'ଫଷ୍ଟରିଂ ଏ ଥ୍ରାଇଭିଂ ଏଣ୍ଟ୍ରେପ୍ରେନ୍ୟୋରିଆଲ ଇକୋସିଷ୍ଟମ'

ଭୁବନେଶ୍ୱର ,୧୩।୭ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଶିଳ୍ପ ସଙ୍ଗଠନ ଟିଆଇଇ ବା ଟାଇ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ଦିନିକିଆ କର୍ମଶାଳା ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବ୍ୟବସାୟ ପରିଦୃଶ୍ୟକୁ ଉନ୍ନତ କରିବା ଲକ୍ଷ୍ୟରେ 'ଫଷ୍ଟରିଂ ଏ ଥ୍ରାଇଭିଂ ଏଣ୍ଟ୍ରେପ୍ରେନ୍ୟୋରିଆଲ ଇକୋସିଷ୍ଟମ ବା ଏକ ସମୃଦ୍ଧ ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରୋତ୍ସାହନ' ଶୀର୍ଷକ ବିଷୟବସ୍ତୁ ଉପରେ ଉକ୍ତ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ଅବସରରେ ଟାଇ ଗ୍ଲୋବାଲ ବୋର୍ଡ ଅଫ୍ ଟ୍ରଷ୍ଟିସ୍‌ର ଉପାଧ୍ୟକ୍ଷ ମୁରଲୀ ବୁଲ୍କାପାଟ୍ନମ ଅନ୍ତର୍ଜାତୀୟ ବ୍ୟବସାୟ ଇକୋସିଷ୍ଟମର ବିଭିନ୍ନ ତଥ୍ୟ ଏବଂ ଉଦ୍ୟୋଗିକତାର ବିକାଶ କ୍ଷେତ୍ରରେ ଟାଇର ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ଆବ୍ୟୁଡାନ୍ସ ଲାଇଫ୍ ଆଣ୍ଡ ଲିଡରଶିପ୍ କୋଚ୍‌ର ପ୍ରତିଷ୍ଠିତ ଆର୍କିଟେକ୍ଟର, ଦୀପକ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍ୟୋଗିକ ସଫଳତା ପାଇଁ ଆବଶ୍ୟକ ମାନସିକତା ସମ୍ପର୍କରେ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ସେହିପରି ଆବ୍ରେନ୍ସ ଆଣ୍ଡ ଆର୍ଟ ଅଫ୍ ଲିଭିଂ କୋଚ୍‌ର ସିୱାଇଓ ଦିବ୍ୟା କୁମାରୀ ବ୍ୟବସାୟିକ ଅଭିବୃଦ୍ଧିକୁ ବ୍ୟକ୍ତିଗତ ବିକାଶ ସହ ସନ୍ତୁଳିତ ରଖିବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅପରପକ୍ଷରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା ପାଇଁ ଚାପ୍ଟରର ପଦକ୍ଷେପ ଓ ଭବିଷ୍ୟତର ଯୋଜନାଗୁଡିକ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ସହ ସମସ୍ତ ଟାଇ ଚାର୍ଟର ସଦସ୍ୟମାନେ ସମାଜକୁ ପ୍ରତ୍ୟାବର୍ତ୍ତନ କରିବାର ଲକ୍ଷ୍ୟକୁ ସୁଦୃଢ କରି ଟାଇର ଉଦୀୟମାନ ଉଦ୍ୟୋଗୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା ଓ ସହଯୋଗ କରିବା ପାଇଁ ମତବ୍ୟକ୍ତ କରିଥିଲେ।

ଟାଇ ଭୁବନେଶ୍ୱରର ସଚିବ ଆନନ୍ଦ ପ୍ରସାଦ ପାଢ଼ୀ ଟାଇ ସଦସ୍ୟ ହେବାର ଉପକାରିତା ସମ୍ପର୍କରେ କହିଥିଲେ।

ଟାଇ ଭୁବନେଶ୍ୱରର ଉପାଧ୍ୟକ୍ଷ ସତ୍ୟବ୍ରତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶାରେ ଏକ ସମୃଦ୍ଧ ଉଦ୍ୟୋଗିକ ଇକୋସିଷ୍ଟମ ବିକଶିତ କରିବା ପାଇଁ ଟାଇ ଭୁବନେଶ୍ୱରର ଉତ୍ସର୍ଗୀକୃତତାକୁ ଦୋହରାଇଥିଲେ।

## କେୟାର ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

### ଭାରତର ପ୍ରଥମ ମିକ୍ସ ଭର୍ଚୁଆଲ୍ ରିଏଲିଟି ବ୍ରେନ୍ ସର୍ଜରି



ଭୁବନେଶ୍ୱର ,୧୩।୭ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ କେୟାର ହସ୍ପିଟାଲ ଚିକିତ୍ସା କ୍ଷେତ୍ରରେ ଆଉ ଏକ ନୂଆ ମାଇଲ୍‌ଷ୍ଟୋନ୍ ଅତିକ୍ରମ କରିଛି। ଏପରିକି କେୟାର ହସ୍ପିଟାଲ ଭୁବନେଶ୍ୱରରେ ଏକ ବିରଳ ଅସ୍ତ୍ରୋପ୍ରଚାର ସଫଳତା ସହ ସମ୍ପୂର୍ଣ୍ଣ କରାଯାଇଛି। ଉଲ୍ଲେଖଯୋଗ୍ୟ, କେୟାର ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ନ୍ୟୁରୋସର୍ଜନ ଡା.ଆତ୍ମାରଞ୍ଜନ ଦାଶ ଓ ତାଙ୍କ ଟିମ୍ ଆପେଲ୍ ଭିଜନ୍ ପ୍ରୋ ବ୍ୟବହାର କରି ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ମିକ୍ସ ଭର୍ଚୁଆଲ୍ ରିଅଲିଟି ଟେକ୍ନୋଲୋଜି ସାହାଯ୍ୟରେ ଦେଶର ପ୍ରଥମ ନ୍ୟୁରୋ ସର୍ଜରି(ଏଣ୍ଡୋସ୍କୋପିକ୍ ବ୍ରେନ୍ ଓ ମେରୁଦଣ୍ଡ ସର୍ଜରି) ସଫଳତାର ସହିତ କରିଛନ୍ତି। ଏପରିକି ଆପଲ୍ ଭିଜନ୍ ପ୍ରୋ ଭର୍ଚୁଆଲ ରିଏଲିଟି ସିଷ୍ଟମ୍ ଦ୍ୱାରା ପରିଚାଳିତ ଏହି ନ୍ୟୁରୋ ସର୍ଜରି ଅପରେଶନ୍‌ରେ ସଠିକତା ଏବଂ ସଫଳତା ବେଶ୍ ଅଧିକ ରହିଥାଏ।

ଏହି ପରିପ୍ରେକ୍ଷୀରେ କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ଏକ ୫ତାରକା ହୋଟେଲ ଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ କେୟାର ହସ୍ପିଟାଲ୍ ଭୁବନେଶ୍ୱରର ଡା.ଆତ୍ମାରଞ୍ଜନ ଦାଶ, ଡା.ଲୋକନାଥ ଦାସ, ଡା.ବିମଳ ସାହୁ, ଡା.ମନ୍ଦାର ପତି, ଦିପ୍ତୀମାନ ବଳିୟାରସିଂହ ଏବଂ ଡା ବିବେକାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇ ସମ୍ମିଳନୀର ଆଭିମୁଖ୍ୟ ଓ ମିକ୍ସ ଭର୍ଚୁଆଲ୍ ରିଏଲିଟି ବ୍ରେନ୍ ସର୍ଜରୀ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ସୂଚନାଯୋଗ୍ୟ, ୨୦୨୪ ଜୁଲାଇ ୮ରେ ପ୍ରଥମ ଥର ପାଇଁ ଆପଲ୍ ଭିଜନ୍ ପ୍ରୋ ଭର୍ଚୁଆଲ ରିଏଲିଟି ସିଷ୍ଟମ୍ ବ୍ୟବହାର କରି ଜଣେ ୬୫ ବର୍ଷୀୟା ମହିଳାଙ୍କ ବ୍ରେନ୍‌ରେ ପିଟୁଟାରୀ ଗ୍ଲାଣ୍ଡରେ ଥିବା ଟ୍ୟୁମର ଏବଂ ପରେ ବାଇ ପୋର୍ଟାଲ ଏଣ୍ଡୋସ୍କୋପିକ୍ ପଦ୍ଧତିରେ ସ୍ପାଇନ୍ ସର୍ଜରି କରାଯାଇଥିଲା। ବିଶେଷ କରି ଏହା କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ମଧ୍ୟ ପ୍ରଥମ ଅପରେଶନ୍ ବୋଲି ହସ୍ପିଟାଲ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଥିଲା। ଏ ସମ୍ପର୍କରେ କେୟାର ହସ୍ପିଟାଲର ଏଚ୍‌ସିଓଓ କିସଲେ ଆନନ୍ଦ ଏହି ସଫଳତା ପାଇଁ ଡା.ଆତ୍ମାରଞ୍ଜନ ଦାଶ ଓ ତାଙ୍କ ପୂରା ଟିମ୍‌କୁ ଅଭିନନ୍ଦନ ଜଣାଇବା ସହିତ ଭର୍ଚୁଆଲ ରିଏଲିଟି ସିଷ୍ଟମ୍ ସାହାଯ୍ୟରେ ସଫଳତାର ସହ ବ୍ରେନ୍ ଓ ମେରୁଦଣ୍ଡ ସର୍ଜରି କରିବା କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତ ପାଇଁ ଏକ ଗୌରବର କଥା ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

## କୃଷି ଉଦ୍ୟୋଗୀଙ୍କ ପାଇଁ ଆରମ୍ଭ ହେବ ଏଗ୍ରୀସିୟୋର

ଭୁବନେଶ୍ୱର,୧୩।୭(ଅନୁରାଧା ମହାରଣା)

ଷ୍ଟାର୍ଟଅପ ଏବଂ କୃଷି ଉଦ୍ୟୋଗୀମାନଙ୍କୁ ସହାୟତା ଯୋଗାଇବା ପାଇଁ ସରକାର ଖୁବ ଶୀଘ୍ର 'ଏଗ୍ରି ଫଣ୍ଡ ଫର୍ ଷ୍ଟାର୍ଟ-ଅପ ଏବଂ ଗ୍ରାମୀଣ ଉଦ୍ୟୋଗ' (ଏଗ୍ରୀସିୟୋର) ଆରମ୍ଭ କରିବେ। ଷ୍ଟାର୍ଟ ଅପ ଏବଂ ଗ୍ରାମୀଣ ଉଦ୍ୟୋଗଗୁଡିକ ପାଇଁ କୃଷି ପାଣ୍ଠି (ଏଗ୍ରୀସିୟୋର) ଆରମ୍ଭ କରିବାକୁ ସରକାର ଷ୍ଟାର୍ଟଅପ ଏବଂ କୃଷି ଉଦ୍ୟୋଗୀମାନଙ୍କୁ ଋଣ ବିକଳ୍ପ ବିନିଯୋଗ ପାଣ୍ଠି (ଏଆଇଏଫ୍‌ଏସ୍) ମାଧ୍ୟମରେ ସହାୟତା କରିବେ। କୃଷି ଏବଂ ସହଯୋଗୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟ ଅପ ମାନଙ୍କୁ ଇକ୍ୱିଟି ସହଯୋଗ ପ୍ରଦାନ କରିବ। ୭୫୦ କୋଟି ଟଙ୍କାର ଶ୍ରେଣୀ-୨ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍) ପ୍ରତିଷ୍ଠା ମାଧ୍ୟମରେ ଭାରତର କୃଷି କ୍ଷେତ୍ରରେ ନବସୃଜନ ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବାକୁ ଏହି ପଦକ୍ଷେପ ଲକ୍ଷ୍ୟ ରଖିଛି। ମୁମ୍ବାଇର ନାବାର୍ଡ ମୁଖ୍ୟାଳୟରେ ଆୟୋଜିତ ପ୍ରି-ଲଞ୍ଚ ହିତାଧିକାରୀ ବୈଠକରେ ଏହି ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଆର୍ଥିକ ପ୍ରତିଷ୍ଠାନ, ନିବେଶକ, ଏଏଫ ମ୍ୟାନେଜର ଏବଂ ଏଗ୍ରି ଷ୍ଟାର୍ଟଅପ ସହିତ ପ୍ରମୁଖ ହିତାଧିକାରୀମାନେ ଯୋଗ ଦେଇଥିଲେ। ଡି ଆଣ୍ଡ ଏଫଡବ୍ଲ୍ୟୁର ଯୁଗ୍ମ ସଚିବ ଅଜିତ କୁମାର ସାହୁ, ନାବାର୍ଡ ଅଧ୍ୟକ୍ଷ ଶାଜି କେ.ଭି. ଓ ନାବାର୍ଡ ଡିଏମଡି ଗୋବର୍ଦ୍ଧନ ସିଂହ ରାୱତ୍ ଓ ଅଜୟ କୁମାର ସୁଦ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଜିତ କୁମାର ସାହୁ ତାଙ୍କ ଅଭିଭାଷଣରେ ଏହି ପାଣ୍ଠିର ଏକ ଇକୋସିଷ୍ଟମ ସୃଷ୍ଟି କରିବାର ସମ୍ଭାବନା ଉପରେ ଆଲୋକପାତ କରି କହିଛନ୍ତି, ଏହି ଅଭିନବ ଉପାୟ ମାଧ୍ୟମରେ କୃଷି କ୍ଷେତ୍ର ପାଇଁ ଆର୍ଥିକ ସହାୟତା ପ୍ରଦାନ ଦ୍ୱାରା କ୍ଷୁଦ୍ର ଏବଂ ସୀମାନ୍ତ କୃଷକମାନେ ଉପକୃତ ହେବେ।

## ଖେଳ

# ଟିକିମୋହିନୀଙ୍କୁ ଦୁଇଟି ସ୍ୱର୍ଣ୍ଣ



ବିଜେତା ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ।

ଭୁବନେଶ୍ୱର, ୧୩।୭(ସରୋଜ ଜେନା)

ଓଡ଼ିଶା ଭାରୋତ୍ତୋଳନ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ୱେଟ୍‌ଲିଫ୍ଟିଙ୍ଗ୍ ହଲ୍‌ରେ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍‌ରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ତୃତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ ସହ ମୋଟ ୮ ପଦକ ହାସଲ କରିଛନ୍ତି। ଶନିବାର ଟିକିମୋହିନୀ ମଲିକ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଗନ୍ତି କୀର୍ତ୍ତି, ପ୍ରତିଭାରାଣୀ ପାତ୍ର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିଥିବା ବେଳେ ରୋମାଲି ପ୍ରଧାନ, ପ୍ରତିଭାରାଣୀ ପାତ୍ର ଗୋଟିଏ ଲେଖାଏ ରୌପ୍ୟ ଓ ଅପରାଜିତା ଭୂୟାଁ , ଶ୍ୱେତାଲିନା ନାୟକ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ତୃତୀୟ ଦିନର ଖେଳ ଶେଷ ହେବା ସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୨୩ରେ ପହଞ୍ଚିଛି।

ସିନିୟର ୭୬ କିଗ୍ରା ଓଜନ ବର୍ଗରେ ଓଡ଼ିଶାର ମଗନ୍ତି କୀର୍ତ୍ତି ମୋଟ ୧୭୫(୭୭+୯୬) କିଗ୍ରା ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିହାରର ଶାଳିନୀ କୁମାରୀ ୧୭୪(୭୮+୯୬) କିଗ୍ରା ଓ ଛତିଶଗଡର ତାନିୟା ବାନାର୍ଜୀ୧୫୦(୬୬+୮୪)କିଗ୍ରାର ଭାରୋତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ୭୬ କିଗ୍ରା ୟୁଥ୍ ବର୍ଗରେ ଓଡ଼ିଶାର ପ୍ରତିଭାରାଣୀ ପାତ୍ର ୧୩୫(୬୨+୭୩) କିଗ୍ରା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମିଜୋରାମର ସିଣ୍ଡି ଲାଲପାମାୱ୍ଲି ୧୧୮(୫୩+୬୫) ଓ ଛତିଶଗଡର ରିଶିକା କଶ୍ୟପ ୧୦୩(୪୨+୬୧) କିଗ୍ରାର ଭାରୋତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୭୬ କିଗ୍ରା ଜୁନିୟର ବର୍ଗରେ ଓଡ଼ିଶାର ପ୍ରତିଭାରାଣୀ ପାତ୍ର ୧୩୫(୬୨+୭୩) କିଗ୍ରା ସହ ରୌପ୍ୟ ପଦକ ଜିତିଥିଲେ। ବିହାରର ଶାଳିନୀ କୁମାରୀ ୧୭୪(୭୮+୯୬) କିଗ୍ରା ସହ ସ୍ୱର୍ଣ୍ଣ ଓ ମିଜୋରାମର ସିଣ୍ଡି ଲାଲପାମାୱ୍ଲି ୧୧୮(୫୩+୬୫) କିଗ୍ରା ଭାରୋତ୍ତୋଳନ କରି ବ୍ରୋଞ୍ଜ ଜିତିଛନ୍ତି।

ସିନିୟର ୬୪ କିଗ୍ରା ଓଜନ ବର୍ଗରେ ଓଡ଼ିଶାର ଅପରାଜିତା ଭୂୟାଁ ୧୭୧(୭୬+୯୫) କିଗ୍ରାର ଓଜନ ଉଠାଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ପଶ୍ଚିମବଙ୍ଗର ସୁକର୍ଣ୍ଣା ଆଡକ ୧୮୨(୮୧+୧୦୧) ଓ ଛତିଶଗଡର ସୋନାଲି ଯାଦୁ ୧୭୨(୭୮+୯୪) କିଗ୍ରାର ଓଜନ ଉଠାଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଜୁନିୟର ୬୪ କିଗ୍ରା ଓଜନ ବର୍ଗରେ ଓଡ଼ିଶାର ଟିକି ମୋହିନୀ ମଲିକ ୧୬୬(୭୩+୯୩) କିଗ୍ରା ଓ ରୋମିଲା ପ୍ରଧାନ ୧୪୭ (୬୩+୮୪) କିଗ୍ରା ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଛତିଶଗଡର ଦାମିନୀ ସିହ୍ନା ୧୪୨(୬୬+୭୬) ସହ ତୃତୀୟ ସ୍ଥାନରେ ରହିଥିଲେ। ୟୁଥ୍ ୬୪ କିଗ୍ରା ଓଜନ ବର୍ଗରେ ଓଡ଼ିଶାର ଟିକି ମୋହିନୀ ମଲିକ ୧୬୬(୭୩+୯୩) କିଗ୍ରା ଓ ରୋମିଲା ପ୍ରଧାନ ୧୪୭ (୬୩+୮୪) କିଗ୍ରା ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଛତିଶଗଡର ଲୁକେଶ୍ୱରୀ ସାହୁ ୧୩୬(୬୪+୭୨) କିଗ୍ରା ସହ ବ୍ରୋଞ୍ଜ ଜିତିଥିଲେ।

### ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍

୭୧ କିଗ୍ରା ସିନିୟର ବର୍ଗରେ ଆସାମର ଡିଙ୍ଗୋମଣି ସୋନୱାଲ ୨୦୮(୯୦+୧୧୮), ମଣିପୁରର କେ.ଏଚ୍. ଏଲିଜା ୧୬୨(୬୯+୯୩) ଓ ବିହାରର ଖୁସବୁ କୁମାରୀ ୧୬୧(୬୮+୯୩) କିଗ୍ରା ସହ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୭୧ କିଗ୍ରା ଜୁନିୟର ବର୍ଗରେ ମଣିପୁରର କେ.ଏଚ୍. ଏଲିଜା ୧୬୨(୬୯+୯୩) ଓ ବିହାରର ଖୁସବୁ କୁମାରୀ ୧୬୧(୬୮+୯୩) କିଗ୍ରା ଓ ଆସାମର ଦୁନ୍‌ଖାମସେଙ୍ଗ ତୁରୁଙ୍ଗ ୧୫୧(୬୬+୮୫) ସହ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୭୧ କିଗ୍ରା ୟୁଥ୍ ବର୍ଗରେ ଆସାମର ନାଚାଙ୍ଗଫା ବୋର୍ଗୋହେନ୍ ୧୬୫(୭୧+୯୪), ଆରୁହୀ କୁମାରୀ ୧୪୫ (୬୩+୮୨) ଓ ଆସାମର ତ୍ରିଷ୍ଣା ଗୋଗୋଇ ୧୪୦(୬୫+୭୫) କିଗ୍ରା ସହ ପ୍ରଥମ ୩ ସ୍ଥାନରେ ରହିଥିଲେ। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଅତିଥି ଭାବରେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

୮୧ କିଗ୍ରା ଓଜନ ସିନିୟର ବର୍ଗରେ ଓଡ଼ିଶାର ଶ୍ୱେତାଲିନା ନାୟକ ୧୬୪ କିଗ୍ରା ଭାରୋତ୍ତୋଳନ କରି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମଣିପୁରର ସ୍ୱପ୍ନା ଦେବୀ ୧୭୫(୭୫+୧୦୦) ଓ ବିହାରର ମୋନିକା ଶର୍ମା ୧୬୬(୭୨+୯୪) କିଗ୍ରା ଓଜନ ଉଠାଇ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ୮୧ କିଗ୍ରା ଓଜନ ସିନିୟର ବର୍ଗରେ ବିହାରର ମୋନିକା ଶର୍ମା ୧୬୬(୭୨+୯୪) , ଆସାମର ଆଇସା ବରୁଆ ୧୩୫(୬୨+୭୩) ଓ ଛତିଶଗଡର ଭୂମି ସିଂ ୧୧୦(୪୮+୬୨) କିଗ୍ରା ଭାରୋତ୍ତୋଳନ କରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିଥିଲେ। ୮୧ କିଗ୍ରା ଓଜନ ୟୁଥ୍ ବର୍ଗରେ ବିହାରର ମୋନିକା ଶର୍ମା ୧୬୬(୭୨+୯୪), ଆସାମର ଜବିନ ସୁଲତାନା ୧୩୫ (୬୨+୭୩) ଓ ଆସାମର ଭାୟୋଲିନା ଭଗବତୀ ୧୦୬(୪୫+୬୧) କିଗ୍ରା ଓଜନ ସହ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।

### ୟୁରୋ କପ୍

## ୫୮ ବର୍ଷ ପ୍ରତୀକ୍ଷାର ଅନ୍ତ ଲକ୍ଷ୍ୟରେ ବ୍ରିଟେନ୍




ଅଭ୍ୟାସ ସେସନରେ ଲାମିନ୍ ୟାମାଲ।

ବର୍ଲିନ୍,୧୩।୭(ପି.ଟି.)

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ ଫୁଟବଲ ୨୦୨୪ର ଫାଇନାଲ ମ୍ୟାଚ୍ ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ଖେଳାଯିବ। ସ୍ପେନ ଦଳ ଚତୁର୍ଥ ୟୁରୋ କପ୍ ଲକ୍ଷ୍ୟରେ ରହିଥିବା ବେଳେ ଇଂଲଣ୍ଡ ୫୮ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇବା ଲକ୍ଷ୍ୟରେ ରହିଛି। ଶେଷ ଥର ପାଇଁ ଇଂଲଣ୍ଡ ୧୯୬୬ରେ ବିଶ୍ୱକପ ଜିତିଥିଲା। ଏହା ପରଠାରୁ ଇଂଲଣ୍ଡ କୌଣସି ମେଜର ଟ୍ରଫି ହାସଲ କରିବାରେ ଅସମର୍ଥ ରହିଛି। ଏପରିକି ୨୦୨୦ ୟୁରୋରେ ଦଳ ଇଟାଲୀ ଠାରୁ ହାରି ରନର୍ସଅପ୍ ରହିଥିଲା।

ଫାଇନାଲ ମ୍ୟାଚ୍ ପାଇଁ ସ୍ପେନକୁ ଫେଭରିଟ୍ ବିବେଚନା କରାଯାଉଛି। ସ୍ପେନ୍ ଦଳ ଏହାର ସମସ୍ତ ୬ ମ୍ୟାଚ୍ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଛି। ଅନ୍ୟ ପକ୍ଷରେ ଦଳରେ ତାରକା ଖେଳାଳିଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଲାମିନ୍ ୟାମାଲ। ୧୭ ବର୍ଷୀୟ ଏହି ଖେଳାଳି ଜଣଙ୍କ ୟୁରୋ କପ୍ ଇତିହାସର ସର୍ବକନିଷ୍ଠ ଗୋଲ ସ୍କୋରର ପାଲଟିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ସମସ୍ତଙ୍କ ନଜର ତାଙ୍କ ଉପରେ ରହିବ। ସେହିପରି ମିଡଫିଲ୍ଡର ଡାନି ଓଲମୋ ମଧ୍ୟ ଚମତ୍କାର ଫର୍ମରେ ଅଛନ୍ତି। ଇଂଲଣ୍ଡ ଦଳର ପ୍ରଦର୍ଶନ ମୁଖ୍ୟତଃ ହ୍ୟାରି କେନ୍ ଓ ଜୁଡ୍ ବେଲିଙ୍ଗହାମଙ୍କ ଉପରେ ନିର୍ଭରଶୀଳ। ସେହିପରି ମିଡଫିଲ୍ଡରେ ବୁକାୟୋ ସାକା ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଦଳର କୋଚ୍ ଗ୍ୟାରେଥ୍ ସାଉଥଗେଟ୍ ଫାଇନାଲ ପାଇଁ କଣ ରଣନୀତି ପ୍ରସ୍ତୁତ କରୁଛନ୍ତି ଏହା ଉପରେ ନଜର ରହିବ।

## ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ



ଅଲିମ୍ପିକ୍ସର ନବମ ସଂସ୍କରଣ ୧୯୨୪ରେ ନେଦରଲାଣ୍ଡ୍‌ସର ଆମଷ୍ଟରଡାମ୍‌ରେ ଅନୁଷ୍ଠିତ ହୋଇଥିଲା। ବ୍ରିଟିଶ ଜାତୀୟ ପତାକା ତଳେ ଖେଳିଥିବା ଭାରତ ଫିଲ୍ଡ ହକିରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଜୟପାଲ ସିଂ ମୁଣ୍ଡା ଏହି ଦଳର ନେତୃତ୍ୱ ନେଇଥିବାବେଳେ ହକି ଯାଦୁକର ମେଜର ଧ୍ୟାନଚାନ୍ଦ ଭାରତ ପାଇଁ ଷ୍ଟାର ରହିଥିଲେ। ହକି ଦଳକୁ ମିଶାଇ ଭାରତର ସମୁଦାୟ ୨୧ ଜଣ ଅଲିମ୍ପିକ୍ସ ଦଳରେ ସାମିଲ ରହିଥିଲେ। ଏହା ମଧ୍ୟରୁ ହକି ଦଳ ସ୍ୱର୍ଣ୍ଣ ପଦକ ପାଇ ଇତିହାସ ରଚିଥିଲା। ଭାରତୀୟ ହକି ଦଳ ଏହି ସଫଳତାକୁ ୧୯୫୬ ଅଲିମ୍ପିକ୍ସ ଯାଏ ବଳବତ୍ତର ରଖିଥିଲା। ୧୯୨୮ରୁ ୧୯୫୬ ମଧ୍ୟରେ ଖେଳାଯାଇଥିବା ସମସ୍ତ ଅଲିମ୍ପିକ୍ସରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ହକିରେ ମୋଟ ୯ ଦଳ ୧୯୨୮ରେ ଅଂଶଗ୍ରହଣ କରିଥିଲେ। ଭାରତ ବ୍ୟତୀତ ବେଲଜିୟମ, ଡେନ୍‌ମାର୍କ, ସୁଇଜରଲାଣ୍ଡ ଓ ଅଷ୍ଟ୍ରିଆ ଖେଳିଥିବାବେଳେ ଗ୍ରୁପ୍ ଚାମ୍ପିୟନ ଭାବରେ ଭାରତ ସିଧାସଳଖ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟ ଗ୍ରୁପ୍ ବି'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ଫ୍ରାନ୍ସ ଓ ସ୍ପେନ୍ ସ୍ଥାନ ପାଇଥିଲେ। ଗ୍ରୁପ୍ ବି'ର ଟପ୍ପର ଭାବରେ ନେଦରଲାଣ୍ଡ୍ସ ଫାଇନାଲ ଖେଳିଥିଲା। ଭାରତ ଏହାର ୪ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଅଷ୍ଟ୍ରିଆକୁ ୬-୦, ବେଲଜିୟମକୁ ୯-୦, ଡେନ୍‌ମାର୍କକୁ ୫-୦ ଓ ସୁଇଜରଲାଣ୍ଡକୁ ୬-୦ରେ ହରାଇଥିଲା। ଧ୍ୟାନଚାନ୍ଦ ଅଷ୍ଟ୍ରିଆ ବିପକ୍ଷରେ ୪, ବେଲଜିୟମ ବିପକ୍ଷରେ ୧, ଡେନ୍‌ମାର୍କ ବିପକ୍ଷରେ ୪ ଓ ସୁଇଜରଲାଣ୍ଡ ବିପକ୍ଷରେ ୪ଟି ଗୋଲ ଦେଇଥିଲେ। ୪ ମ୍ୟାଚ୍‌ରୁ ୮ ପଏଣ୍ଟ ଅର୍ଜନ କରିଥିବା ଭାରତ ଫାଇନାଲ ଖେଳିଥିଲା। ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଧ୍ୟାନଚାନ୍ଦଙ୍କ ଡବଲ୍ ଗୋଲ ବଳରେ ଭାରତ ୩-୦ରେ ଏହି ମ୍ୟାଚ୍ ଜିତି ନେଇଥିଲା। ସେହିପରି ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଜର୍ମାନୀ ୩-୦ ଗୋଲରେ ବେଲଜିୟମକୁ ହରାଇଥିଲା। ସେହିପରି କୋଲକାତାର ଡିଡି ମୁଲଜି ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ।

ଏହି ଅଲିମ୍ପିକ୍ସରେ ୪୬ ଦେଶ ଅଂଶଗ୍ରହଣ କରିଥିବାବେଳେ ମୋଟ ୨୮୮୩ ଆଥ୍‌ଲେଟ ସାମିଲ ଥିଲେ। ଏହା ମଧ୍ୟରେ ୧୬୦୬ ପୁରୁଷ ଓ ୨୭୭ ମହିଳା ଖେଳାଳି ଥିଲେ। ପ୍ରତ୍ୟାବର୍ତ୍ତନରେ ଜର୍ମାନୀ ୧୦ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୪ ବ୍ରୋଞ୍ଜ ସହ ମୋଟ ୩୧ ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଆମେରିକା ୨୨ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୧୬ ବ୍ରୋଞ୍ଜ ସହ ୫୬ ପଦକ ହାସଲ କରିଥିଲା। ଫିନ୍‌ଲାଣ୍ଡର କିମ୍ବଦନ୍ତୀ ଆଥ୍‌ଲେଟ ପାଭୋ ନୁର୍ମି ନିଜର ଶେଷ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ୧୦ ହଜାର ମିଟର ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ସହ ସେ ନିଜର ଅନ୍ତିମ ତଥା ନବମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ନରୱେର ଯୁବରାଜ ଓଲାଭ ୬ ମିଟର ସେଲିଂରେ ଅଂଶଗ୍ରହଣ କରିଥିବାବେଳେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରଥମ ଥର ପାଇଁ ମହିଳା ୧୦୦ ମିଟର ରେସ୍‌କୁ ସାମିଲ କରାଯାଇଥିବାବେଳେ ଆମେରିକାର ୧୬ ବର୍ଷୀୟା ବେଟ୍ଟୀ ରବିନ୍‌ସନ୍ ୧୨.୨ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୧୨ ଦିନ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସୁଚିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲଳିତ କୁମାର, ତାଙ୍କ ସହଯୋଗୀଙ୍କୁ ଗିରଫ କରାଯାଉ

## ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ଆକ୍ରମଣ କରିବା ଘଟଣାରେ କଂଗ୍ରେସର ପ୍ରତିବାଦ

**ଭୁବନେଶ୍ୱର, ୧୩ା୭(ସୁନିତ୍ ମିଶ୍ର)**

ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାର ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଶନିବାର ରାଜଭବନ ଘେରାଉ କରାଯାଇଛି। ଛାତ୍ର ଓ ଯୁବ କଂଗ୍ରେସ କର୍ମୀମାନେ ଭୁବନେଶ୍ୱର କ୍ଲବଠାରୁ ଏକ ରାଲିରେ ରାଜଭବନ ଆଡ଼କୁ ମାଡ଼ିଯାଉଥିବା ବେଳେ ରାସ୍ତାରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ପ୍ରାୟ ଘଣ୍ଟାଏ ଧରି ରାସ୍ତା ଅବରୋଧ କରାଯାଇଥିଲା। ଏହି ସମୟରେ ପୋଲିସ ଏବଂ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ପକ୍ଷରୁ ୟାସିର ନୱାଜ, ରଣଜିତ ପାତ୍ର ଓ ଅନ୍ୟାନ୍ୟ ଛାତ୍ର ଓ ଯୁବ କଂଗ୍ରେସ କର୍ମୀଙ୍କୁ ସେଠାରୁ ଉଠାଇ ନେଇ ଅଟକ ରଖିଥିଲେ। ଏହି ପରିପ୍ରେକ୍ଷୀରେ ୟାସିର ନୱାଜ କହିଛନ୍ତି, ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ପୁତ୍ର ଲଳିତ କୁମାର ଏବଂ ତାଙ୍କର ୫ ଜଣ ଝାଡ଼ଖଣ୍ଡୀ ସହଯୋଗୀ ଗତ ୭ ତାରିଖ ରାତିରେ ପୁରୀ ରାଜଭବନରେ କାର୍ଯ୍ୟରତ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ଯେଉଁଭଳି ମରଣାନ୍ତକ ଆକ୍ରମଣ କରିଛନ୍ତି ତାହା ଦୁର୍ଭାଗ୍ୟଜନକ। ପୀଡ଼ିତ ତାଙ୍କର ଅଭିଯୋଗରେ ଲେଖିଛନ୍ତି ଯେ, ତାଙ୍କୁ ରାତି ୧୧ଟାରୁ ରାତି ୪ଟା ପର୍ଯ୍ୟନ୍ତ ବହୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ଲଳିତ ଏବଂ ତାଙ୍କର ୫ ଜଣ ସହଯୋଗୀଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ସିଏ ଆନେକ୍ସ ରୁମ୍‌ରେ ଲୁଚି ପଡ଼ିଥିଲେ ମଧ୍ୟ ଲଳିତଙ୍କ ୨ ଜଣ ପିଏସ୍‌ଓ ତାଙ୍କୁ ଟେକି ନେଇ ରାଜଭବନସ୍ଥିତ ୪ ନମ୍ବର ପ୍ରକୋଷ୍ଠରେ ଛାଡ଼ିଥିଲେ। ଯେଉଁଠାରେ ଭୋର୍ ପର୍ଯ୍ୟନ୍ତ ତାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଅନ୍ୟପକ୍ଷରେ ତାଙ୍କୁ ମାରିଦେଲେ କେହି ରକ୍ଷା କରିପାରିବେ ନାହିଁ ବୋଲି ଲଳିତ ଧମକ ଦେଇଥିଲେ। ଜଣେ ଓଡ଼ିଆ ଅଫିସରଙ୍କୁ ଏଭଳି ନିର୍ଯାତନା ଦିଆଯିବା ପରେ ସେହି ଅଫିସର ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ରାଜ୍ୟପାଳଙ୍କ ପୁତ୍ର ଏବଂ ଅନ୍ୟମାନେ ଏପର୍ଯ୍ୟନ୍ତ ଗିରଫ ନ ହେବା ଦୁର୍ଭାଗ୍ୟଜନକ। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ଜାଣି ମଧ୍ୟ ଏପର୍ଯ୍ୟନ୍ତ ନୀରବ ବସିଛନ୍ତି। ଯଦି ସରକାର ଦୁର୍ନୀତି ବା ଭ୍ରଷ୍ଟାଚାର କରନ୍ତି ବିରୋଧୀ ଦଳ ରାଜ୍ୟପାଳଙ୍କ ନିକଟରେ ଗୁହାରି କରିଥାନ୍ତି। ଏହି ଘଟଣାରେ ରାଜ୍ୟପାଳଙ୍କ ପୁଅ ଯେହେତୁ ମୁଖ୍ୟ ଆସାମୀ ତେବେ ରାଜ୍ୟପାଳ ପୁତ୍ର ମୋହରେ ଅନ୍ଧ ହୋଇଯିବେ ନା ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ନ୍ୟାୟ ଦେବେ ସେକଥା ରାଜ୍ୟବାସୀ ଚାହିଁ ବସିଛନ୍ତି। ଯେଉଁମାନେ ଏବେ ଓଡ଼ିଆ ଅସ୍ମିତାର ଠିକାଦାରି କରୁଥିଲେ ଜଣେ ଓଡ଼ିଆ ଅଫିସରଙ୍କୁ ଅନ୍ୟାୟରେ ମରଣାନ୍ତକ ଆକ୍ରମଣ ହୋଇଥିବା ସ୍ଥଳେ ସେମାନେ ନୀରବ ବସିଛନ୍ତି। ସଚିବାଳୟର କର୍ମଚାରୀ ସଂଘ ନିଜର ଜଣେ ସଭ୍ୟଙ୍କ ଉପରେ ଏପରି ଆକ୍ରମଣର ପ୍ରତିବାଦ କରିବା ଉଚିତ। ତୁରନ୍ତ ରାଜ୍ୟପାଳଙ୍କ ପୁଅ ଏବଂ ତାଙ୍କ ସହଯୋଗୀମାନେ ଗିରଫ ହେବା ସହ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବାକୁ କଂଗ୍ରେସ ଦାବି କରୁଥିବା ୟାସିର କହିଛନ୍ତି।



ଛାତ୍ର ଓ ଯୁବ କଂଗ୍ରେସ କର୍ମୀମାନେ ରାଜଭବନ ଆଡ଼କୁ ମାଡ଼ିଯାଉଥିବା ବେଳେ ରାସ୍ତାରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ।

# ସୋନିଆଙ୍କୁ ଭେଟିଲେ ହେମନ୍ତ



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ ତାଙ୍କ ସ୍ତ୍ରୀ କଳ୍ପନା ସୋରେନ୍ କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀଙ୍କୁ ତାଙ୍କ ବାସଭବନରେ ଭେଟୁଛନ୍ତି।

**ନୂଆଦିଲ୍ଲୀ,୧୩ା୭(ପି.ଟି.)**

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ହେମନ୍ତ ସୋରେନ୍ ଶନିବାର କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କୁ ଭେଟିଛନ୍ତି। ସ୍ତ୍ରୀ କଳ୍ପନା ସୋରେନ୍‌ଙ୍କ ସହ ହେମନ୍ତ ୧୦ ଜନପଥ ବାସଭବନରେ ସୋନିଆଙ୍କୁ ସାକ୍ଷାତ କରିଥିଲେ। ଲୋକ ସଭା ନିର୍ବାଚନ ପରେ ତଥା ସେ ଜେଲ୍‌ରୁ ବାହାରିବା ପରେ ସୋନିଆଙ୍କୁ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ହେମନ୍ତ କହିଥିବାବେଳେ ରାଜନୈତିକ ମହଲରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ଆଗାମୀ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଉପରେ କୌଣସି ଆଲୋଚନା ହୋଇ ନ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ହେମନ୍ତ ସୁନୀତାଙ୍କୁ ଭେଟିବା ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଅବକାରୀ ଦୁର୍ନୀତି ମାମଲାରେ ଖୁବ୍‌ଶୀଘ୍ର ଜାମିନ ପାଇବେ ବୋଲି ଆଶାବ୍ୟକ୍ତ କରିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଏହି ସାକ୍ଷାତ ଆଲୋଚନା ବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଉପସ୍ଥିତ ଥିଲେ। ଆପ୍ ପକ୍ଷରୁ ଉକ୍ତ ମିଟିଂର ଏକ ଭିଡିଓ ସୋସିଆଲ ମିଡିଆ ଏକ୍ସ'ରେ ପୋଷ୍ଟ କରାଯାଇଛି। ଏକଚ୍ଛତ୍ରବାଦ ବିରୋଧରେ ଇଣ୍ଡିଆ ବ୍ଲକ୍ ଏକାଠି ହୋଇଥିବା କ୍ୟାପ୍‌ଶନରେ ଲେଖାଯାଇଛି। ସୂଚନାଯୋଗ୍ୟ, ଜମି ଦୁର୍ନୀତି ମାମଲାରେ ଇଡି ହେମନ୍ତଙ୍କୁ ଗତ ଜାନୁଆରୀ ୩୧ରେ ଗିରଫ କରିବା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ୫ ମାସ ପରେ ସେ ଜାମିନରେ ବାହାରି ପୁଣିଥରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

# ଦଳ ବିରୋଧୀ କାର୍ଯ୍ୟ ଲାଗି ୮ ଜଣଙ୍କୁ ନିଲମ୍ବନ କଲା ଭାଜପା

**ଭୁବନେଶ୍ୱର, ୧୩ା୭(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ବାଲେଶ୍ୱର ଜିଲାର କେତେଜଣଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ବାଲେଶ୍ୱର ଜିଲା ସୋର ବିଧାନସଭା ନିର୍ବାଚନମଣ୍ଡଳୀର ମାଟିଆମଙ୍ଗଳା ମଣ୍ଡଳ ସଭାପତି ସନାତନ ଦାସ, ଦାଣ୍ଡକାଳୀ ମଣ୍ଡଳ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ମହାଳିକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାଜାରାମ ମହାପାତ୍ର, ସୋର ଗଣମାଧ୍ୟମ ସଂଯୋଜକ ପ୍ରକାଶ ମାଝୀ, ବାସୁଳି ମଣ୍ଡଳ ପୂର୍ବତନ ସାଧାରଣ ସମ୍ପାଦକ ଶରତ ନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତିକାନ୍ତ ମହାପାତ୍ର, କେଶରୀପୁର ଗ୍ରାମପଞ୍ଚାୟତ ସରପଞ୍ଚ ନରେନ୍ଦ୍ର ବିଶ୍ୱାଳ ଏବଂ କେଶରୀପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ମୁକେଶ ମଲିକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଗଲା ବୋଲି ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି।

# ବଡ଼ ଅଟ୍ଟାଳିକାରୁ ଆରମ୍ଭ ହେବ ଉଚ୍ଛେଦ: ମନ୍ତ୍ରୀ ପୂଜାରୀ



ବରଗଡ଼ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ରାଜସ୍ୱ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ବରଗଡ଼,୧୩ା୭(ପ୍ରେମାନନ୍ଦ ଖମାରୀ)**

ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ବରଗଡ଼ ଜିଲା ଗସ୍ତ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ପ୍ରତିନିଧିମାନେ ବରଗଡ଼ ସହରସ୍ଥିତ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରାବିଜ୍ ରାସ୍ତାପାର୍ଶ୍ୱ ଜବରଦଖଲ ପ୍ରସଙ୍ଗ ସହିତ ବାଲି ଓ ଖଣିମାଫିଆଙ୍କ ଦୌରାତ୍ମ୍ୟ ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଜବରଦଖଲ ପ୍ରସଙ୍ଗକୁ ନେଇ କହିଥିଲେ, ରାଜ୍ୟ ସରକାର ଇତିମଧ୍ୟରେ ଜବରଦଖଲ ଉଚ୍ଛେଦ ପାଇଁ ଆଡ୍‌ଭାଇଜରି ଜାରି କରି ସାରିଛନ୍ତି। ତେବେ ଯେଉଁ ଗରିବ ଲୋକ, ଯାହାର ଘରଡ଼ିହ ନାହିଁ, ସେଭଳି କେହି ଯଦି ଅଳ୍ପକିଛି ଜମିରେ ଘରଡ଼ିହ କରିଛନ୍ତି, ସେମାନଙ୍କ କଥା ଭିନ୍ନ। ଯେଉଁମାନେ ଅନେକ ଶହଏକର ସରକାରୀ ଜମି ଜବରଦଖଲ କରିଛନ୍ତି, ତାହାକୁ ଭଡ଼ାରେ ଦେଉଥିବାରୁ ସରକାରଙ୍କ ରାଜସ୍ୱହାନି ହେଉଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଜବରଦଖଲରେ ରହିଥିବା ସବୁଠାରୁ ବଡ଼ ଅଟ୍ଟାଳିକାରୁ ହିଁ ଉଚ୍ଛେଦ ଆରମ୍ଭ ହେବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ସେହିପରି ଖଣି, ବାଲି ଚୋରି ଉପରେ ଲଗାମ ଲଗାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଥିଲେ। ଖଣି, ରାଜସ୍ୱ, ଜଳସମ୍ପଦ ଓ ଜଙ୍ଗଲ ବିଭାଗ ମଧ୍ୟରେ ସେ ନେଇ ବିଚାର ବିମର୍ଶ ଚାଲିଛି ଏବଂ ଆଗାମୀ ଦିନରେ ଖଣି, ବାଲି ମାଫିଆ ଯୁଗ ଶେଷ ହେବ ବୋଲି ପୂଜାରୀ ବଡ଼ ବୟାନ ଦେଇଛନ୍ତି।

# ଆକ୍ରମଣକାରୀ ଭାଜପାର: କଲେଜ କର୍ମଚାରୀ

**ବରଗଡ଼,୧୩ା୭(ପ୍ରେମାନନ୍ଦ ଖମାରୀ)**

ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ବରଗଡ଼ ଜିଲା ଗସ୍ତ କରିଥିଲେ। ସହର ଉପକଣ୍ଠ ତୋରା ଜୁନିୟର କଲେଜରେ ମନ୍ତ୍ରୀ ପୂଜାରୀଙ୍କ କାର୍ଯ୍ୟକ୍ରମ ସରିବା ପରେ କଲେଜ କର୍ମଚାରୀଙ୍କ ଉପରେ ଜଣେ ଯୁବକ ଆକ୍ରମଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ କଲେଜ କର୍ମଚାରୀମାନେ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତ ଯୁବକଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି କରିଛନ୍ତି। ତେବେ ସମ୍ପୃକ୍ତ ଯୁବକ ଜଣକ ନିଜକୁ ଜଣେ ଭାଜପା କାର୍ଯ୍ୟକର୍ତ୍ତା ଭାବେ ପରିଚୟ ଦେଇ ଆକ୍ରମଣ କରିଥିବା କଲେଜ କର୍ମଚାରୀ କହିଛନ୍ତି। ଏତଲା ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଶନିବାର ମନ୍ତ୍ରୀ ପୂଜାରୀ ଉକ୍ତ କଲେଜର ଛାତ୍ରୀ କମନ ରୁମ ଏବଂ ଅଡିଟୋରିୟମ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ଏବଂ ଅନ୍ୟ ଅତିଥିବୃନ୍ଦ ଏକ କୋଠରିରେ ବସିଥିଲେ। ସେହି ସମୟରେ ସମ୍ପୃକ୍ତ ଯୁବକ ସେହି କୋଠରିରେ ବସିଥିବା ଯୋଗୁ କଲେଜର ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୁଧିଷ୍ଠିର ସାହୁ ସେଠାରୁ ବାହାରି ଆସିବାକୁ ତାଙ୍କୁ କହିଥିଲେ। ସମ୍ପୃକ୍ତ ଯୁବକ ସେହି ସମୟର ରାଗ ରଖିଥିଲେ ଏବଂ ମନ୍ତ୍ରୀ କାର୍ଯ୍ୟକ୍ରମ ସାରି ଯିବା ପରେ ସେ ଯୁଧିଷ୍ଠିରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ତେବେ ସମ୍ପୃକ୍ତ ଯୁବକ ଯୁଧିଷ୍ଠିରଙ୍କୁ ଆକ୍ରମଣ କରୁଥିବା ଦେଖି କଲେଜର ଅନ୍ୟ ମହିଳା, ପୁରୁଷ କର୍ମଚାରୀମାନେ ସେଠାରେ ପହଞ୍ଚି ପ୍ରତିରୋଧ କରିଥିଲେ। ମାତ୍ର ସମ୍ପୃକ୍ତ ଯୁବକ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ କଲେଜ ଅଧ୍ୟକ୍ଷଙ୍କ ସମେତ କର୍ମଚାରୀମାନେ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



ଥାନାକୁ ଏତଲା ପାଇଁ ଆସିଥିବା କଲେଜ କର୍ମଚାରୀବୃନ୍ଦ।


## Classified Everyday
0674-2580101, 2549949



MATRIMONIAL

GROOM WANTED

Wanted Govt. Employee groom for 40years SC bride (Govt. Employee). Contact - 8249993227. D-75341



REAL ESTATE

SALE

Apartment sale near Sum Hospital, Malipada, Bhubaneswar sqft.-4200/-, Contact-9777433701. D-75975

**SC plot sale at Bagchi Cancer Hospital backside- 2000sqft.-30,00,000. 6372753860.** D-75972


Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

**1 BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-734

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.-3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75761

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp-9438677819". D-713



FOR RENT

**New Dental Clinic Mainroad N/4, IRC Village, Large Parking interior complete cabinets, Drawers, Partition, Ceiling, Lighting, Flooring, Wiring with fittings, Plumbing works Toilet Coloring granite, Platform basin fitted, water tank. 9437033357.** D-71584

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Running Ice Factory 525 Canes IIN Bhubaneswar. 6371837547, 8480204021.** D-721



Healthcare

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Newly open Jyoti SPA positively health benefits (Expert therapist). 8458067955. D-76130

Fully relaxed body massage trained therapist. Central SPA. 9556483961. D-75759

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

Relax refreshment body massage therapy by experience lady therapist. 7008773793. D-76133

Newly open health benefits SPA special Offer @ 999 Bapujinagar. 8018429809. D-76134



astrology

ଘରେ "ବାସ୍ତୁଦୋଷ" ଅଛି ବୋଲି ଭାବୁଛନ୍ତି କି? ବାସ୍ତୁ Visit ପାଇଁ ଯୋଗାଯୋଗ କରନ୍ତୁ। 6371090682. D-74321

AFFIDAVIT

I, SATYASHREE DAS, S/o- Basudev Das, residing at LIG-II,3/4, Housing Board Colony, Mudipada, Sambalpur, Odisha have changed my name to SATYA DAS vide affidavit dated 12.7.24 at BARGARH. D-736

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ
ମଠସାହି, ବନ୍ଧଡ଼ିଅ, ବ୍ରହ୍ମ ବରଦା, ଯାଜପୁର
ଆବିର୍ଭାବ: ୧୦ା୦୬ା୧୯୫୬
ତିରୋଧାନ: ୨୬ା୦୬ା୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ନୃସିଂହ ଚରଣ ସାହୁ ଓ ଭାଇମାନେ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୭୩୮

୩୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ନିନିରାଣୀ ଦାସ
ସ୍ୱାମୀ: ✓ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧
ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।
-: ଶୋକ ସନ୍ତପ୍ତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୭୩୫

# ସାଇଡ୍ ଇନ୍‌କମ୍





ଛାତ୍ରୀଛାତ୍ର ହୁଅନ୍ତୁ ବା କର୍ମଜୀବୀ ପରିବାର ଉପରେ ନିର୍ଭର ନ କରି ପଢ଼ା, ବାହାରେ ରହିବା, ଗାଡ଼ି ସହ ନିଜର ବିଭିନ୍ନ ସାମଗ୍ରୀ କିଣିବା ତଥା ଅନ୍ୟାନ୍ୟ ଖର୍ଚ୍ଚ ନିଜେ ତୁଲାଇବା ସହ କିଛି ଅର୍ଥ ସଞ୍ଚୟ କରିବା ଏବଂ ପରିବାରକୁ ଆର୍ଥିକ ସହଯୋଗ ଲକ୍ଷ୍ୟରେ ଅନେକ ଯୁବପିଢ଼ି ସାଇଡ୍ ଇନ୍‌କମ୍ ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏଥିପାଇଁ କେଉଁସବୁ କ୍ଷେତ୍ର ରହିଛି, ଜାଣିରଖନ୍ତୁ ସେ ସମ୍ପର୍କରେ...

**ଅନ୍‌ଲାଇନ୍ ଟ୍ୟୁଟର**– ନିଜେ ପଢ଼ନ୍ତୁ କିମ୍ବା ଜବ୍ କରୁଥା'ନ୍ତୁ, ଯଦି ପଢ଼ାଇବାରେ ଆଗ୍ରହ ଅଛି ; ତେବେ ଆଜିର ଦିନରେ ଅନ୍‌ଲାଇନ୍ ଟ୍ୟୁଟରଙ୍କ ଡିମାଣ୍ଡ ବହୁତ। ତେଣୁ ଦିନକୁ ଦୁଇ– ତିନି ଘଣ୍ଟା ସମୟ ବାହାର କରି ଘରେ ବସି ମଧ୍ୟ ଅନ୍‌ଲାଇନ୍‌ରେ ଟ୍ୟୁଶନ୍ କରିପାରିବେ। ଏହା ଆଜିର ଦିନରେ ସାଇଡ୍ ଇନ୍‌କମ୍‌ର ଏକ ଭଲ ମାଧ୍ୟମ ପାଲଟିଛି।

**ୟୁଟ୍ୟୁବର୍:** ବର୍ତ୍ତମାନ ଡିଜିଟାଲ୍ ଯୁଗରେ ୟୁଟ୍ୟୁବ୍ ଏକ ଏମିତି ପ୍ଲାଟଫର୍ମ, ଯାହା ପାଲଟିଛି ଅନେକଙ୍କ ପାଇଁ ରୋଜଗାରର ବେଷ୍ଟ ମାଧ୍ୟମ। ଏଥିରେ ଜଣେ ଫୁଲ୍ ଟାଇମ୍ ହେଉ ଅବା କିଛି ସମୟ ପାଇଁ କାର୍ଯ୍ୟ କରି ଇନ୍‌କମ୍ କରିବା ସହ ନିଜର ଏକ ପରିଚୟ ମଧ୍ୟ ସୃଷ୍ଟି କରିପାରିବେ।

**କଣ୍ଟେଣ୍ଟ କ୍ରିଏଟର୍:** ବର୍ତ୍ତମାନ କେବଳ ୟୁଟ୍ୟୁବ୍ ନୁହେଁ, ଅନ୍ୟ ସୋସିଆଲ୍ ମିଡିଆ ସାଇଟ୍‌ରେ ମଧ୍ୟ କଣ୍ଟେଣ୍ଟ କ୍ରିଏଟର ଭାବେ କାର୍ଯ୍ୟ କରି ଅନେକେ ଭଲ ଅର୍ଥ ରୋଜଗାର କରୁଛନ୍ତି। ଯଦି ଆପଣଙ୍କ କୌଣସି କ୍ଷେତ୍ରରେ ରୁଚି ଅଛି, ତେବେ ଏଥିରେ ବିଭିନ୍ନ ଭିଡିଓ କରି ଇନ୍‌କମ୍ କରିପାରିବେ।

**ବ୍ଲଗ୍ ରାଇଟର:** ବର୍ତ୍ତମାନ ସୋସିଆଲ୍ ମିଡିଆରେ ସବୁଠୁ ଅଧିକ ଆକ୍ଟିଭ୍ ରଖୁଥିବା ଯୁବପିଢ଼ି ବ୍ଲଗିଂ କରିବାରେ ରୁଚି ରଖୁଛନ୍ତି। କେହି କେହି ଏହାକୁ ପଢ଼ା କିମ୍ବା ଜବ୍ ସହିତ ପାର୍ଟଟାଇମ୍ ରୋଜଗାରର ମାଧ୍ୟମ ଭାବେ ବାଛି ନେଉଛନ୍ତି। ଏହାଦ୍ୱାରା ବିଭିନ୍ନ ସୋସିଆଲ୍ ମିଡିଆ ଜରିଆରେ ନା କେବଳ ରୁଚି ପୂରଣ ହୋଇପାରୁଛି ବରଂ ଭଲ ଇନ୍‌କମ୍ ବି ହୋଇପାରୁଛି।

**ଆର୍ଟ ଆଣ୍ଡ କ୍ରାଫ୍ଟ:** ଚିତ୍ର ଆଙ୍କିବା ହେଉ ଅବା ବିଭିନ୍ନ କଳାକୃତି ପ୍ରସ୍ତୁତ କରିବା ଏଭଳି ଏକ କଳା, ଯାହା ମଣିଷର ସୃଜନଶୀଳତା, ଏକାଗ୍ରତା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ। ତେବେ ଏହି କଳା ବି ଆଜିର ଦିନରେ ଅନେକଙ୍କୁ ରୋଜଗାରକ୍ଷମ କରାଇପାରିଛି। ତେଣୁ ଏଥିପ୍ରତି ରୁଚି ଥିଲେ କିଛି ସମୟ ବାହାର କରି ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରସ୍ତୁତ କରି ଅନ୍‌ଲାଇନ୍‌ରେ ସେଲ୍ କରି ଅବା ଏହାକୁ କରିବା ସମୟର ଭିଡିଓ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରି ଭଲ ସାଇଡ୍ ଇନ୍‌କମ୍ କରିପାରିବେ।

**ଛାତ୍ରୀଛାତ୍ର ହୁଅନ୍ତୁ ଅବା କର୍ମଜୀବୀ, ଅଧିକ ଅର୍ଥର ଆବଶ୍ୟକତା ସମସ୍ତଙ୍କର ରହିଛି। ଏମିତିରେ ସାଇଡ୍ ଇନ୍‌କମ୍ ବର୍ତ୍ତମାନ କାହା ପାଇଁ ନିଜ ରୋଜଗାରରେ ହାୟରଷ୍ଟଡି, ସଞ୍ଚୟ କିମ୍ବା ବିଭିନ୍ନ ଆବଶ୍ୟକତା ପୂରଣ କରିବାର ମାଧ୍ୟମ ପାଲଟିଛି ତ ଆଉ କାହା ପାଇଁ ପରିବାରକୁ କିଛି ଅର୍ଥ ସାହାଯ୍ୟ କରିବାର ସ୍ୱପ୍ନକୁ କରୁଛି ସାକାର...**

**ଫଟୋଗ୍ରାଫି:** ବର୍ତ୍ତମାନ ଯୁବପିଢ଼ିଙ୍କଠାରେ ଫଟୋଗ୍ରାଫି କ୍ରେଜ୍ ବଢ଼ିବାରେ ଲାଗିଛି। ସୋସିଆଲ୍ ମିଡିଆରେ ବିଭିନ୍ନ ଫଟୋ ଏବଂ ଭିଡିଓ ପୋଷ୍ଟ କରିବା ଯେମିତି ସେମାନଙ୍କ ପାଇଁ ଏକ ନିଶା ପାଲଟିଛି।

**ଭଏସ୍ ଓଭର ଆର୍ଟିଷ୍ଟ:** ବର୍ତ୍ତମାନ ଭଏସ୍ ଓଭର ଆର୍ଟିଷ୍ଟ, ଡବିଂ ଆର୍ଟିଷ୍ଟଙ୍କ ଡିମାଣ୍ଡ ବିଭିନ୍ନ କ୍ଷେତ୍ରରେ ବଢ଼ିବାରେ ଲାଗିଛି। ଯଦି ଏଥିପ୍ରତି ଆଗ୍ରହ ରହିଛି ତେବେ ଟିଭି, ସିରିଏଲ୍, ସରକାରୀ ପ୍ରୋଜେକ୍ଟ, କାର୍ଟୁନ୍ ଭିଡିଓ, ବିଜ୍ଞାପନ ଭଳି ବିଭିନ୍ନ କ୍ଷେତ୍ରରେ ଅଳ୍ପ ସମୟ ପାଇଁ କାର୍ଯ୍ୟ କରି ମଧ୍ୟ ଭଲ ସାଇଡ୍ ଇନ୍‌କମ୍ କରିପାରିବେ।

**ଆକ୍ଟିଂ, ଡ୍ୟାନ୍ସିଂ, ସିଙ୍ଗିଙ୍ଗ୍ ଓ ମଡେଲିଂ:** ବର୍ତ୍ତମାନର ମଡର୍ନ ଜମାନାରେ ଅଧିକାଂଶ ଯୁବପିଢ଼ି ଗ୍ଲାମର ଦୁନିଆ ସହ ଯୋଡ଼ି ହୋଇ ରହିବାକୁ ଚାହୁଁଛନ୍ତି। ତେଣୁ ଅନେକେ ମଡେଲିଂ, ଆକ୍ଟିଂ, ଡ୍ୟାନ୍ସିଂ ହେଉ ଅବା ସିଙ୍ଗିଙ୍ଗ୍ ଭଳି ବିଭିନ୍ନ କ୍ଷେତ୍ରରେ ଅଧିକ ଫୋକସ୍ କରୁଛନ୍ତି। ଏମିତିକି ଏଥିପାଇଁ ବିଧିବଦ୍ଧ ତାଲିମ ମଧ୍ୟ ନେଉଛନ୍ତି ଓ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରୋଜଗାର ବି କରୁଥିବା ଦେଖିବାକୁ ମିଳୁଛି।

**ଅନ୍ୟାନ୍ୟ କ୍ଷେତ୍ର:** ଏସବୁ ବ୍ୟତୀତ ବର୍ତ୍ତମାନ ଡିଟିପି କରିବା, ଭିଡିଓ ଏଡିଟ୍ କରିବା, ମାର୍କେଟିଂ, ଟ୍ରେଡିଂ, ବୁକ୍ ରାଇଟିଂ, ଫିଟ୍‌ନେସ୍ ଟ୍ରେନର୍ ଭଳି ବିଭିନ୍ନ କ୍ଷେତ୍ର ମଧ୍ୟ ସାଇଡ୍ ଇନ୍‌କମ୍ ପାଇଁ ଭଲ ଅପ୍ସନ ପାଲଟିଛି।

**ମନେରଖନ୍ତୁ...**

– ନିଜ ସ୍କିଲ୍ ଏବଂ ଆବଶ୍ୟକତାକୁ ଆଖିଆଗରେ ରଖି ସାଇଡ୍ ଇନ୍‌କମ୍ ସୋର୍ସ ବାଛନ୍ତୁ। ନଚେତ୍ ରୋଜଗାର ନିଶାରେ ଜାଣି ନ ଥିବା କାର୍ଯ୍ୟରେ ହାତ ଦେଲେ ଟଙ୍କା ନ ମିଳିବା ସହ ଅଯଥା ସମୟ ନଷ୍ଟ ହେବ।


– ଯଦି ପୂର୍ବରୁ ଫୁଲ୍‌ଟାଇମ୍ ଜବ୍ କରୁଛନ୍ତି ଏବଂ ସାଇଡ୍ ଇନ୍‌କମ୍ ପାଇଁ ଅଳ୍ପ ସମୟ ଅନ୍ୟ କାର୍ଯ୍ୟ ବି କରୁଛନ୍ତି, ତେବେ ଏହାର ପ୍ରଭାବ ଯେପରି ମୁଖ୍ୟ ଜବ୍ ଉପରେ ନ ପଡ଼େ ସେଥିପ୍ରତି ବିଶେଷ ଯତ୍ନବାନ ରୁହନ୍ତୁ।

– ସେହିପରି ଯଦି ଆପଣ ପାଠ ପଢ଼ିବା ସହ ସାଇଡ୍ ଇନ୍‌କମ୍ କରୁଛନ୍ତି ଏବଂ ଧୀରେ ଧୀରେ ଭଲ ଇନ୍‌କମ୍ ହେବାରୁ ସେଥିପ୍ରତି ଅଧିକ ଧ୍ୟାନ ଦେଉଛନ୍ତି, ତେବେ ସଚେତନ ହୋଇଯାଆନ୍ତୁ। କାରଣ ଏଥିପାଇଁ ପାଠପଢ଼ାରେ ଅବହେଳା ହେଲେ ତାହାର ନକାରାତ୍ମକ ପ୍ରଭାବ କ୍ୟାରିୟର ଉପରେ ପଡ଼ିପାରେ। ତେଣୁ ପାଠପଢ଼ାକୁ ପ୍ରାଥମିକତା ଦେବା ପରେ ଅନ୍ୟ ଯେକୌଣସି କାର୍ଯ୍ୟ କରିପାରିବେ।









## କ'ଣ କୁହନ୍ତି ଏମାନେ...



**ବିସ୍ମୟୀ ସାହୁ( ନ୍ୟୁଜ୍ ଆଙ୍କର୍, ଆର୍‌କେ, କଟକ)–** ଆଜିର ଯୁବପିଢିଙ୍କ ପାଇଁ କ୍ୟାରିୟର ଗଢିବା ଏବଂ ଭଲ ଇନ୍‌କମ୍ କରିବା ପାଇଁ ଢେର୍ ଅପ୍ସନ ରହିଛି। ଆଉ ଯଦି ଜଣେ ଷ୍ଟୁଡେଣ୍ଟ କିମ୍ବା ଜବ୍ ହୋଲ୍ଡର୍‌ଙ୍କ ପାଇଁ ସାଇଡ୍ ଇନ୍‌କମ୍ କଥା ଆସେ ତେବେ ଏହା କୌଣସି କଠିନ କାର୍ଯ୍ୟ ବୋଲି ମୁଁ ଭାବେନି। ତେବେ ଏଥିପାଇଁ ଅଳସୁଆମୀ ନକରି ନିଜକୁ ଏନର୍ଜେଟିକ୍ ଓ ମଲ୍ଟିଟାସ୍କିଙ୍ଗ୍ କରାଇବା ନିହାତି ଆବଶ୍ୟକ। ନିଜ କଥା କହିବା ଫୁଲ୍ ଟାଇମ୍ ଜବ୍‌ରେ ଥାଇ ସୁଦ୍ଧା ସମୟ ବାହାର କରି ଦିନକୁ ୨–୩ ଘଣ୍ଟା ଫିଲ୍ମ, ସିରିଏଲ୍, ବିଜ୍ଞାପନ, କାର୍ଟୁନ୍ ଭିଡିଓ ଆଦିରେ ଭଏସ୍ ଓଭର ଆର୍ଟିଷ୍ଟ ଭାବେ କାର୍ଯ୍ୟ କରୁଛି। ଏହା ମୋତେ ଆତ୍ମସନ୍ତୋଷ ଦେବା ସହ ଅଧିକ ରୋଜଗାରର ବି ସୁଯୋଗ ଦେଇପାରୁଛି।



**ମାମାଲି ଜେମାମଣୀ**(ଛାତ୍ରୀ, ନିମାପଡା)– ଗ୍ରାଜୁଏଶନ୍ ସାରିବା ପରେ ହାୟରଷ୍ଟଡି ପାଇଁ ଘରଠାରୁ ଦୂରରେ ରହିବାକୁ ପଡୁଛି। ତେଣୁ ଖର୍ଚ୍ଚ ମଧ୍ୟ ଅଧିକ ହେଉଛି। ସବୁଖର୍ଚ୍ଚ ବାପାଙ୍କ ଉପରେ ପକାଇବାକୁ ଇଛା ନ ଥିବାରୁ ସାଇଡ୍ ଇନ୍‌କମ୍ ପାଇଁ ମୋ ପ୍ୟାଶନ୍ ଅର୍ଥାତ୍ ସିଙ୍ଗିଙ୍ଗ ବହୁତ କାମରେ ଆସୁଛି। ପିଲାବେଳୁ ଗୀତଗାଇବା ମୋର ପସନ୍ଦ। ଆଉ ଏଥିପାଇଁ ବାପାଙ୍କ ସହ ଭୁବନେଶ୍ୱର ଆସି ସଂଗୀତ ଶିକ୍ଷା ବି ନେଉଥିଲି। ବର୍ତ୍ତମାନ ବିଭିନ୍ନ ଆଲବମ୍, ୟୁଟ୍ୟୁବ୍ ଚ୍ୟାନେଲ୍, ଷ୍ଟେଜ୍ ଶୋ ଆଦିରେ ଗାଇବାର ସୁଯୋଗ ମିଳୁଛି। ଏହାଦ୍ୱାରା ମୋ ପ୍ରତିଭାର ବିକାଶ ହେବା ସହ ଭଲ ପାରିଶ୍ରମିକ ମିଳୁଥିବାରୁ ଖୁସିଲାଗୁଛି।

## ଏ ସପ୍ତାହର ପ୍ରଶ୍ନ

୧– .................... ୟୁନାଇଟେଡ୍ କିଙ୍ଗଡମ୍‌ର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ?
୨– ............... ରାଜ୍ୟ ସରକାରଙ୍କ ନିକଟରେ ଲୋକପଥ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିଛନ୍ତି ?
୩–ଏନ୍‌ସିପିସିଆର୍‌ର ଫୁଲ୍‌ଫର୍ମ .......... ?
୪– କାଜିରଙ୍ଗା ନ୍ୟାଶନାଲ୍ ପାର୍କ ................ ରାଜ୍ୟରେ ଅବସ୍ଥିତ ?
୫– ପୃଥିବୀର ସବୁଠାରୁ ବଡ଼ ଶପିଂ ମଲ୍ .................... ?

## ଗତ ଥରର ଉତ୍ତର

୧ ରାଜସ୍ଥାନ
୨ ଥୋମାସ୍ ହାର୍ଡି
୩ କାସ୍ପିଆନ୍ ସି
୪ ଭାରତରତ୍ନ
୫ ଆଗ୍ରା

## ଉତ୍ତରଦାତା


ସମୀର ରଞ୍ଜନ ମିଶ୍ର, ଝାରସୁଗୁଡ଼ା


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

## ପୃଥିବୀ ପ୍ରସିଦ୍ଧ ପାଚେରି



୧– ଗ୍ରେଟ୍ ୱାଲ୍ ଅଫ୍ ଚାଇନା.................................... ଚାଇନା
୨– ୱେଷ୍ଟର୍ଣ୍ଣ ୱାଲ୍ ........................................... ଜେରୁଜେଲମ୍
୩– ୱାଲ୍ ଅଫ୍ ବେବିଲନ୍ .................................. ଇରାକ୍
୪– ସାସେହ୍ୱାମାନ୍.............................................. ପେରୁ
୫– ଗ୍ରେଟ୍ ଜିମ୍ବାୱେ ୱାଲ୍ସ.................................. ଜିମ୍ବାୱେ
୬– ବର୍ଲିନ୍ ୱାଲ୍ ............................................ ଜର୍ମାନୀ
୭– ହାର୍ଡିଆନ୍ସ ୱାଲ୍ ....................................... ଇଂଲଣ୍ଡ
୮– ୱାଲ୍ ଅଫ୍ ଟ୍ରଏ ......................................... ତୁର୍କୀ
୯– ଭିଏତ୍‌ନାମ ଭେଟେରାନ୍ସ ମେମୋରିଆଲ୍ ୱାଲ୍ ......... ୱାଶିଂଟନ୍ ଡିସି.
୧୦– ୱାଲ୍ ଅଫ୍ ଷ୍ଟୋନ୍ ...................................... କ୍ରୋଏସିଆ

## ୟୁଥ୍ ଆଲର୍ଟ

# ସୁସ୍ଥ ରଖେ ସାଇକ୍ଲିଂ

**ବର୍ତ୍ତମାନ ଯୁବାବସ୍ଥାରେ ଅନେକଙ୍କଠାରେ ମେଦବହୁଳତା, ହାଇ କୋଲେଷ୍ଟରଲ୍, ଡାଇବେଟିସ୍, ବ୍ଲଡ୍‌ପ୍ରେସର୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି। ପରିବର୍ତ୍ତିତ ଜୀବନଶୈଳୀ ବିଶେଷକରି ଅସନ୍ତୁଳିତ ଖାଦ୍ୟାଭ୍ୟାସ, ଶରୀରିକ ପରିଶ୍ରମର ଅଭାବ ଏଥିପାଇଁ ମୁଖ୍ୟତଃ ଦାୟୀ। ଏମିତିରେ ପ୍ରତିଦିନ କିଛି ସମୟ ସାଇକ୍ଲିଂ କରିବା ଶରୀରକୁ ଫିଟ୍ ରଖିବାରେ ବେଶ୍ ସାହାଯ୍ୟ କରିଥାଏ...**

- ଏହା ଶରୀରର ମେଟାବଲିଜମ୍ ସ୍ତର ଏବଂ ବ୍ଲଡ୍ ସୁଗାରସ୍ତରକୁ ନିୟନ୍ତ୍ରଣରେ ରଖିଥାଏ। ତେଣୁ ପ୍ରତିଦିନ ସାଇକ୍ଲିଂ କଲେ ଡାଇବେଟିସ୍ ହେବାର ଆଶଙ୍କା କମ୍।
- ସାଇକ୍ଲିଂ କରିବା ଦ୍ୱାରା କ୍ୟାଲୋରି ବର୍ଣ୍ଣ ହୋଇ ମେଦବହୁଳତା କମ୍ ହୋଇଥାଏ। ଏହା କୋଲେଷ୍ଟରଲ୍ ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।
- ଏହା ରକ୍ତସଞ୍ଚାଳନ ଠିକ୍ ରଖିବା ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। ଫଳରେ ହୃଦ୍‌ରୋଗ ଆଶଙ୍କା କମାଇଥାଏ।
- ପ୍ରତିଦିନ ସାଇକ୍ଲିଂ କଲେ ଶରୀର ଫୂର୍ତ୍ତି ରହିଥାଏ। ମାଂସପେଶୀ ମଜଭୁତ ହେବା ସହ ଆଣ୍ଠୁଗଣ୍ଠି ଆଦିକୁ ମଧ୍ୟ ଫିଟ୍ ରଖେ, ଯାହାକି ଆର୍ଥ୍ରାଇଟିସ୍ ଭଳି ସମସ୍ୟାଠୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।
- ଏହା ଚିନ୍ତା ଦୂର କରି ମୁଡ୍ ଫ୍ରେଶ୍ ରଖିଥାଏ। ତେଣୁ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସାଇକ୍ଲିଂ ବେଶ୍ ଲାଭଦାୟକ ହୋଇଥାଏ।
- ସାଇକେଲ୍ ଚଲାଇବା ବେଳେ ରାସ୍ତାରେ ଆସୁଥିବା ଅନ୍ୟ ଗାଡ଼ି ପ୍ରତି ଧ୍ୟାନ ଦେବା ଦ୍ୱାରା ଏକାଗ୍ରତା ମଧ୍ୟ ବୃଦ୍ଧି ପାଇଥାଏ।

**ମନେରଖନ୍ତୁ:** ସାଇକ୍ଲିଂ କରିବା ପୂର୍ବରୁ ଥରେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ହାଇ ବ୍ଲଡ୍‌ପ୍ରେସର କିମ୍ବା ଅନ୍ୟ ହାର୍ଟ ପ୍ରୋବ୍ଲେମ୍ ଥିଲେ ସାଇକ୍ଲିଂ କରିବା ଠିକ୍ ନୁହେଁ। କାରଣ ସାଇକ୍ଲିଂ ଦ୍ୱାରା ବ୍ଲଡ୍‌ପ୍ରେସର ବଢ଼ିଥାଏ।



## ଜାଣନ୍ତୁ ଦୁନିଆ

# ବିମାନଯାତ୍ରୀଙ୍କୁ ଦିଆଯାଏନି ପାରାଚ୍ୟୁଟ୍



**ବହୁ ଉଚ୍ଚରୁ ଖସିଲେ ସୁରକ୍ଷାପାଇଁ ପାରାଚ୍ୟୁଟ୍ ବ୍ୟବହାର ହିଁ ସବୁଠୁ ବଡ଼ ବିକଳ୍ପ। ହେଲେ ଆଶ୍ଚର୍ଯ୍ୟର କଥା ହେଉଛି, ଏଯାଏ ଯାତ୍ରୀଙ୍କ ସୁରକ୍ଷା ଲାଗି କୌଣସି ଏରୋପ୍ଲେନ୍‌ରେ ପାରାଚ୍ୟୁଟ୍ ଦିଆଯାଏ ନାହିଁ। ଜାଣନ୍ତୁ ଏହାପଛରେ ଥିବା କେତୋଟି କାରଣ ...**

- ଏରୋପ୍ଲେନ୍‌ରେ ଏକ ନିର୍ଦ୍ଦିଷ୍ଟ ଓଜନ ବହନର କ୍ଷମତା ରହିଛି। ତେଣୁ ଏହାଠାରୁ ଅଧିକ କିମ୍ବା କମ୍ ହେଲେ, ବିମାନ ଭାରସାମ୍ୟ ହରାଇବାର ଆଶଙ୍କା ରହିଛି। ତେଣୁ ପାରାଚ୍ୟୁଟ୍‌ଗୁଡିକ ଅଧିକ ଓଜନିଆ ସହ ଅଧିକ ଜାଗା ନେଉଥିବାରୁ ଏରୋପ୍ଲେନ୍‌ରେ ଯାତ୍ରୀମାନଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ନାହିଁ।
- କମର୍ସିଆଲ୍ ଏରୋପ୍ଲେନ୍‌ରେ ମୁଖ୍ୟତଃ ଦୁର୍ଘଟଣା ଟେକ୍‌ଅପ୍ କିମ୍ବା ଲ୍ୟାଣ୍ଡିଂ ସମୟରେ ହିଁ ହୋଇଥାଏ, ଯେଉଁଠାରେ ପାରାଚ୍ୟୁଟ୍ କୌଣସି କାମରେ ଆସି ନ ଥାଏ।
- ପାରାଚ୍ୟୁଟ୍ ଖୁବ୍ ଭାରି ଏବଂ ବଡ଼ ହୋଇଥିବାରୁ ଯାତ୍ରୀମାନେ ଏହାକୁ ପିନ୍ଧି ପ୍ଲେନ୍‌ରେ ବସି ଯାତ୍ରା କରିବା ଆଦୌ ଆରାମଦାୟକ ନୁହେଁ। ତା'ଛଡ଼ା ପାଖରେ ଥିଲେ ବି ହଠାତ୍ ମଧ୍ୟଆକାଶରେ କୌଣସି ଦୁର୍ଘଟଣା ଘଟିଲେ ତତ୍‌କ୍ଷଣାତ୍ ଏହାକୁ ପିନ୍ଧି ଏକାସଙ୍ଗେ ୧୦୦– ୨୦୦ ଯାତ୍ରୀ ତଳକୁ ଡେଇଁବା ବି ଏକ ପ୍ରକାର ଅସମ୍ଭବ।
- ଭୂପୃଷ୍ଠରୁ ଏରୋପ୍ଲେନ୍ ଖୁବ୍ ଉଚ୍ଚରେ ଉଡୁଥିବାରୁ କେବଳ ପାରାଚ୍ୟୁଟ୍ ନୁହେଁ, ଏହାସହ ଡେଇଁବା ସମୟରେ ଜୀବନ ରକ୍ଷା ଲାଗି ହାଇ ଅଲ୍ଟିଚ୍ୟୁଡ୍ ଇକ୍ୟୁପ୍‌ମେଣ୍ଟ ଯଥା– ଅକ୍ସିଜେନ୍ ଟ୍ୟାଙ୍କ୍, ମାସ୍କ ଏବଂ ରେଗୁଲେଟର, ଫ୍ଲାଇଟ୍ ସୁଟ୍, ବାଲିଷ୍ଟିକ୍ ହେଲ୍‌ମେଟ୍ ଆଦି ମଧ୍ୟ ଜରୁରୀ। ତେବେ ଦୁର୍ଘଟଣା ସମୟରେ ପାସେଞ୍ଜରକୁ ଏସବୁ ପିନ୍ଧିବା ଲାଗି ସମୟ ମିଳିବା ଅସମ୍ଭବ ହୋଇଥିବାରୁ କମର୍ସିଆଲ୍ ପ୍ଲେନ୍‌ରେ ଏସବୁକୁ ବାଦ୍ ଦିଆଯାଇଛି।
- ପାରାଚ୍ୟୁଟ୍‌ରେ ଆକାଶମାର୍ଗରୁ ଓହ୍ଲାଇବା କାର୍ଯ୍ୟ କେବଳ ଦକ୍ଷ ଏବଂ ତାଲିମପ୍ରାପ୍ତ ବ୍ୟକ୍ତି କରିପାରିବେ। ତେଣୁ ଏୟାର ପାସେଞ୍ଜର ଅଣତାଲିମପ୍ରାପ୍ତ ହୋଇଥିବାରୁ ଆବଶ୍ୟକ ପଡ଼ିଲେ ସୁଦ୍ଧା ସେମାନେ ଏହାର ସଦୁପଯୋଗ କରିପାରିବେ ନାହିଁ। ବୋଧହୁଏ ଏହିସବୁ କାରଣରୁ ପାସେଞ୍ଜରଙ୍କ ଲାଗି ଏହି ସୁବିଧା ଉପଲବ୍ଧ ନାହିଁ।



ଧରିତ୍ରୀ 50 Years

# ଧରିତ୍ରୀ
DHARITRI



# କ୍ରେଜିକୋଭାଙ୍କୁ ମହିଳା ସିଙ୍ଗଲ୍ସ ଟାଇଟଲ

### ୱିମ୍ବେଲଡନ୍ ଟେନିସ୍ ଗ୍ରାଣ୍ଡସ୍ଲାମ

**ୱିମ୍ବେଲଡନ୍, ୧୩।୭(ପି.ଟି.)**

ୱିମ୍ବେଲଡନ୍ ଟେନିସ୍ ଗ୍ରାଣ୍ଡସ୍ଲାମ୍ ଇଭେଣ୍ଟ ମହିଳା ସିଙ୍ଗଲ୍ସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ଚେକ୍ ରିପବ୍ଲିକର ବାର୍ବରା କ୍ରେଜିକୋଭା। ଶନିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱ ମାନ୍ୟତାର ସପ୍ତମ ସ୍ଥାନରେ ଥିବା ଇଟାଲୀର ଜସ୍‌ମିନ ପାଓଲିନିଙ୍କୁ ୬-୨, ୨-୬ ଓ ୬-୪ ସେଟରେ ପରାସ୍ତ କରିଛନ୍ତି। ଉଭୟ ଖେଳାଳି ପ୍ରଥମ ଥର ପାଇଁ ୱିମ୍ବେଲଡନ ଫାଇନାଲରେ ପ୍ରବେଶ କରିଥିବା ବେଳେ କ୍ରେଜିକୋଭା ବାଜି ମାରି ନେଇଥିଲେ।

ବିଶ୍ୱ ମାନ୍ୟତାର ୩୧ ତମ ସ୍ଥାନରେ ଥିବା କ୍ରେଜିକୋଭା ଚଳିତ ବର୍ଷ ଭଲ ଫର୍ମରେ ନ ଥିଲେ। ଅଷ୍ଟ୍ରେଲିଆନ୍ ଓପନରୁ ଫ୍ରେଞ୍ଚ ଓପନ ମଧ୍ୟରେ ମାତ୍ର ଦୁଇଟି ସିଙ୍ଗଲ୍ସ ମ୍ୟାଚ୍ ଜିତିଥିବା ବେଳେ ନିୟମିତ ଆହତ ରହୁଥିଲେ। ତେବେ ଅଣ୍ଡରଡଗ୍ ଭାବରେ ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ ମଧ୍ୟ ବିଜୟୀ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ତଥା ପ୍ରଥମ ୱିମ୍ବେଲଡନ୍ ଟାଇଟଲ୍। ରବିବାର ଫାଇନାଲ ମ୍ୟାଚ୍‌ରେ ଉଭୟ ଖେଳାଳିଙ୍କ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ସେଟ୍‌ରେ କ୍ରେଜିକୋଭା ଏକପାଖିଆ ଭାବେ ୬-୨ରେ ଜିତି ନେଇଥିଲେ। ତେବେ ପରବର୍ତ୍ତୀ ସେଟରେ ଜସ୍‌ମିନ ପାଓଲିନି ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୬-୨ରେ ବିଜୟୀ ହୋଇଥିଲେ। ନିର୍ଣ୍ଣାୟକ ସେଟରେ ଉଭୟ ଖେଳାଳି ୨-୨ରେ ରହିଥିବା ବେଳେ କ୍ରେଜିକୋଭା ଲଗାତାର ଦୁଇଟି ପଏଣ୍ଟ ବ୍ରେକ କରିଥିଲେ। ୬-୪ରେ ଜିତିବା ସହ ସିଙ୍ଗଲ୍ସ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ତେବେ ଇଟାଲୀର ଜସ୍‌ମିନ ପାଓଲିନିଙ୍କୁ ନିରାଶ ହେବାକୁ ପଡିଛି। ପାଓଲିନି କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ରନରଅପ ରହିଛନ୍ତି। ପୂର୍ବରୁ ଚଳିତ ବର୍ଷର ଫ୍ରେଞ୍ଚ ଓପନରେ ସେ ରନର ଅପ୍ ରହିଥିଲେ।



ୱିମ୍ବେଲଡନ ଟ୍ରଫି ସହ ବାର୍ବରା କ୍ରେଜିକୋଭା।

### ମ୍ୟାଚ୍ ଫିକ୍ସିଂ ଘଟଣା

## ୪ ଜଣଙ୍କ ବିରୋଧରେ ମାମଲା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୩।୭(ପି.ଟି.)**

୨୦୦୦ ମସିହାରେ ହୋଇଥିବା ଭାରତ-ଦକ୍ଷିଣଆଫ୍ରିକା ଦ୍ୱିପାକ୍ଷିକ ସିରିଜ ମ୍ୟାଚ୍ ଫିକ୍ସିଂ ଘଟଣାରେ ମାମଲା ରୁଜୁ କରିବା ପାଇଁ ଶନିବାର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୪ ଅଭିଯୁକ୍ତ ରାଜେଶ କାଲ୍‌ରା, କ୍ରିଶନ କୁମାର, ସୁନୀଲ ଦାରା ଓ ସଞ୍ଜୀବ ଚାୱ୍‌ଲାଙ୍କ ବିରୋଧରେ ଧୋକାଦାରି ଓ ଷଡଯନ୍ତ୍ରର ମାମଲା ରୁଜୁ କରିବାକୁ ଆଡିଶନାଲ ଚିଫ୍ ଅଫ ଜୁଡିସିଆଲ ମାଜିଷ୍ଟ୍ରେଟ ନେହା ପ୍ରିୟା ନିର୍ଦ୍ଦେଶ ଦେଇଛନ୍ତି। ଚାଣକ୍ୟପୁରୀ ପୋଲିସ୍ ଥାନାକୁ ମାମଲା ରୁଜୁ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ କଥାବାର୍ତ୍ତାର ରେକର୍ଡିଂ ରହିଛି। ରାଜେଶ କାଲ୍‌ରା, କ୍ରିଶନ କୁମାର, ସୁନୀଲ ଦାରା ସମସ୍ତ ଡିଲ୍ କରାଇଥିବା ବେଳେ ସଞ୍ଜୀବ ଚାୱ୍‌ଲା ଓ ଦକ୍ଷିଣ ଆଫ୍ରିକାର ଦିବଙ୍ଗତ ଅଧିନାୟକ ହାନ୍ସି କ୍ରୋନିଏ ଏହାର ସୂତ୍ରଧର ରହିଥିଲେ। ସମସ୍ତେ ଆର୍ଥିକ ଫାଇଦା ପାଇଁ ମ୍ୟାଚ୍ ଫିକ୍ସ କରିଥିବା ରେକର୍ଡିଂରୁ ସ୍ପଷ୍ଟ ହୋଇଛି। କୋର୍ଟ ୬୮ ପୃଷ୍ଠାର ଏକ ନିର୍ଦ୍ଦେଶ ଦେଇଥିବା ବେଳେ ଧୋକାଦାରି ଓ ଷଡଯନ୍ତ୍ରର ମାମଲା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଲ୍ ରେକର୍ଡିଂରେ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ହାନ୍ସି କ୍ରୋନିଏ ମ୍ୟାଚ୍ ଓ ସିରିଜ୍‌ର ବୃତାନ୍ତ ଏକାଦଶ ସମ୍ପର୍କରେ ଚାୱ୍‌ଲାଙ୍କୁ ସୂଚନା ଦେଇଥିଲେ। ଜୁଲାଇ ୩୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି।

# ଭାରତ ୧୦ ଉଇକେଟରେ ବିଜୟୀ

**ହରାରେ, ୧୩।୭ (ପି.ଟି.)**

ଓପନିଂ ଯୋଡ଼ି ଯଶସ୍ୱୀ ଜୟସ୍ୱାଲ ଓ ଶୁବମନ ଗିଲ୍‌ଙ୍କ ପ୍ରଭାବୀ ବ୍ୟାଟିଂ ବଳରେ ଯୁବ ଭାରତୀୟ ଦଳ ଏଠାରେ ଶନିବାର ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ୧୦ ଉଇକେଟରେ ସହଜେ ଜିତି ନେଇଛି। ଏଥିସହ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୩-୧ରେ ଅଗ୍ରଣୀ ଲାଭ କରିଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୧୫୨ରନ କରିଥିଲା। ଜବାବରେ ଭାରତ ବିନା କୌଣସି ଉଇକେଟରେ ୧୫.୨ଓଭରରେ ୧୫୬ରନ କରି ମ୍ୟାଚ ଜିତି ନେଇଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ଜୟସ୍ୱାଲ ୫୩ବଲ୍‌ରେ ୧୩ ଚୌକା ଓ ୨ ଛକା ସହ ୯୩ ରନ ଏବଂ ଅଧିନାୟକ ଗିଲ୍ ୩୯ବଲ୍‌ରେ ୬ ଚୌକା ଓ ୨ ଛକା ସହ ୫୮ରନ କରି ଅପରାଜିତ ରହିଥିଲେ। ଏକ ଭଲ ଉଇକେଟରେ ଜିମ୍ବାୱେ ଆଟାକ୍‌ରେ ପେସ୍‌ର ଅଭାବ ପରିଲକ୍ଷିତ ହୋଇଥବଲା। ଜୟସ୍ୱାଲ ଆକର୍ଷଣୀୟ ବ୍ୟାଟିଂ କରି ୯ ଚୌକା ସହ ତାଙ୍କ ଅର୍ଦ୍ଧଶତକ ହାସଲ କରି ଥିଲେ। ସେତେବେଳେ ଗିଲ୍‌ଙ୍କ ସ୍କୋର ୧୫ରନ ଥିଲା। ଜିମ୍ବାୱେ ଇନିଂସରେ ଟପ୍ ସ୍କୋରର ସିକନ୍ଦର ରାଜା ୪୬, ଟି. ମାରୁମାନି ୩୨ ଓ ୱେସ୍‌ଲି ମାଧେଭେର ୨୫ ରନ କରିଥିଲେ। ଭାରତ ତରଫରୁ ଖଲିଲ ଅହମ୍ମଦ ୨ଉଇକେଟ ଅକ୍ତିଆର କରିଥିବା ବେଳେ ତୁଷାର ଦେଶପାଣ୍ଡେ, ୱାଶିଂଟନ ସୁନ୍ଦର, ଅଭିଷେକ ଶର୍ମା ଓ ଶିବମ ଦୁବେ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଭାରତ ପୂର୍ବରୁ ଆଶ୍ଚର୍ଯ୍ୟଜନକ ଭାବେ ସିରିଜର ପ୍ରଥମ ମ୍ୟାଚରେ ପରାଜିତ ହେବା ପରେ ଦ୍ୱିତୀୟ ଓ ତୃତୀୟ ମ୍ୟାଚରେ ବିଜୟ ଲାଭ କରିଥିଲା।



ଶଟ୍ ଖେଳୁଛନ୍ତି ଯଶସ୍ୱୀ ଜୟସ୍ୱାଲ।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ: ୨୦ ଓଭରରେ ୧୫୨/୭ (ସିକନ୍ଦର ରାଜା-୪୬, ଟାଡିୱାନାସେ ମାରୁମାନି-୩୨, ୱେସ୍‌ଲି ମାଧେଭେର-୨୫ ; ଖଲିଲ ଅହମ୍ମଦ-୨/୩୨)।

ଭାରତ: ୧୫.୨ ଓଭରରେ ୧୫୬/୦ (ଯଶସ୍ୱୀ ଜୟସ୍ୱାଲ-୯୩*, ଶୁବମନ ଗିଲ୍-୫୮*)।

## ଝୁଲଣ ତ୍ରିନିବାଗୋ ନାଇଟ୍ ରାଇଡର୍ସର ମେଣ୍ଟର

**ନୂଆଦିଲ୍ଲୀ, ୧୩।୭(ପି.ଟି.)**

ମହିଳା କ୍ୟାରିବିନ୍ ପ୍ରିମିୟର ଲିଗ୍ ପୂର୍ବରୁ ଭାରତର ପୂର୍ବତନ ପେସ୍ ବୋଲର ଝୁଲଣ ଗୋସ୍ୱାମୀ ତ୍ରିନିବାଗୋ ନାଇଟ ରାଇଡର୍ସ (ଟିକେଆର) ଦଳର ମେଣ୍ଟର ଭାବେ ଯୋଗ ଦେଇଛନ୍ତି। ଏହି ଦଳ ୨୦୨୧ରେ ଡବ୍ଲ୍ୟୁସିପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣରେ ଟାଇଟଲ ହାସଲ କରିଥିଲା। ନାଇଟ ରାଇଡର୍ସ ଦଳରେ ଜେମିମା ରୋଡ୍ରିଗ୍ସ, ମେଗ୍ ଲାନିଙ୍ଗ, ଜେସ୍ ଜୋନାସେନ ଓ ଶିଖା ପାଣ୍ଡେଙ୍କ ଭଳି ଅନ୍ତର୍ଜାତୀୟ ସୁପରଷ୍ଟାରଙ୍କୁ ଦଳରେ ସାମିଲ କରିଛି। ଦଳ ଦ୍ୱିତୀୟ ଥର ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି। ଅଗଷ୍ଟରେ ଖେଳାଯିବାକୁଥିବା ଟୁର୍ନାମେଣ୍ଟରେ ଦଳ ତ୍ରିନିଦାଦ ଓ ଟୋବାଗୋ ବିପକ୍ଷରେ ଉଦ୍‌ଘାଟନୀ ମ୍ୟାଚ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏହି ପରିପ୍ରେକ୍ଷୀରେ ନାଇଟ ରାଇଡର୍ସ ଗ୍ରୁପ୍‌ର ସିଇଓ ଭେଙ୍କି ମହୀଶୂର କହିଛନ୍ତି, ଝୁଲଣ ଗୋସ୍ୱାମୀ ହେଉଛନ୍ତି ଖେଳର ଜଣେ କିମ୍ବଦନ୍ତୀ।

# ଅନ୍ତିମ ୪ର୍ଥ ଓ ଅମନ ୬ଷ୍ଠ ସିଡ୍

### ପ୍ୟାରିସ ଅଲିମ୍ପିକ୍ସ ରେସ୍‌ଲିଂ

**ପ୍ୟାରିସ, ୧୩।୭(ପି.ଟି.)**

ପ୍ୟାରିସ ଅଲିମ୍ପିକ୍ସର ରେସ୍‌ଲିଂ ପ୍ରତିଯୋଗିତା ପାଇଁ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଅନ୍ତିମ ପଙ୍ଘାଲ (ମହିଳା ୫୩ କେଜି) ଓ ପ୍ରତିଭା ସମ୍ପନ୍ନ ଅମନ ଶେରାୱତ (ପୁରୁଷ ଫ୍ରିଷ୍ଟାଇଲ ୫୭ କେଜି) ସେମାନଙ୍କ ଓଜନ କାଟେଗୋରିରେ ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସିଡ୍ ମାନ୍ୟତା ପାଇଛନ୍ତି। ଫଳରେ ରେସ୍‌ଲିଂ ପ୍ରତିଯୋଗିତାର ପ୍ରାରମ୍ଭିକ ପର୍ଯ୍ୟାୟରେ ଦୁହେଁ କଠିନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏଡାଇ ଯାଇପାରିବେ। ରେସଲିଂ ଇଭେଣ୍ଟ ଅଗଷ୍ଟ ୫ରେ ଆରମ୍ଭ ହେବ। ଏହା ଗେମ୍ସର ଅନ୍ତିମ ଦିବସ ଅର୍ଥାତ୍ ଅଗଷ୍ଟ ୧୧ରେ ଶେଷ ହେବ। ଅଲିମ୍ପିକ୍ସରେ ପ୍ରଥମ ଥର ରେସ୍‌ଲିଂ ଇଭେଣ୍ଟରେ ସିଡିଂ ବ୍ୟବସ୍ଥା କରାଯାଇଛି। ୨୦୨୩ ବିଶ୍ୱ ଚାମ୍ପିୟନଶିପ୍, ୨୦୨୪ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଏବଂ ଜାଗ୍ରେବ୍ ଓ ବୁଦାପେଷ୍ଟରେ ର୍ୟାଙ୍କିଙ୍ଗ ସିରିଜ ଇଭେଣ୍ଟରେ ରେସଲରଙ୍କ ପ୍ରଦର୍ଶନକୁ ଭିତ୍ତିରେ ସିଡ୍ ନିରୂପିତ ହୋଇଥାଏ। ଭାରତର ଷ୍ଟାର ରେସ୍‌ଲର ଭିନେଶ ଫୋଗଟ ମହିଳା ୫୦କେଜି ଓଜନ ଶ୍ରେଣୀ ପ୍ରତିଯୋଗିତାରେ ଭାଗ ନେବେ। ସିଡିଂ ଦ୍ୱାରା ଅନ୍ତିମଙ୍କୁ ମେଡାଲ ରାଉଣ୍ଡ ପୂର୍ବରୁ ଦୁଇଥର ବିଶ୍ୱ ଚାମ୍ପିୟନ ଟପ୍ ଜାପାନିଜ ପ୍ରତିଦ୍ୱନ୍ଦ୍ୱୀ ଅକାରା ଫୁଜିନାମି ଏବଂ ଟୋକିଓ ୨୦୨୦ ରୌପ୍ୟ ବିଜେତା ଚାଇନାର କିଆନ୍‌ୟୁ ପାଙ୍ଗ୍‌ଙ୍କୁ ଏଡାଇ ପାରିବେ। ମେଡାଲ ରାଉଣ୍ଡ ଆରମ୍ଭ ହେବା ପୂର୍ବରୁ ଅମନଙ୍କୁ ଜାପାନର ରେଇ ହିଗୁଚି କିମ୍ବା ଆର୍ମେନିଆର ଆର୍ସେନ ହାରୁଟ୍ୟୁନୟାନଙ୍କୁ ଭେଟିପାରନ୍ତି। ଭାରତୀୟ ରେସ୍‌ଲର ହଙ୍ଗେରୀ ର୍ୟାଙ୍କିଙ୍ଗ ସିରିଜରେ ହିଗୁଚିଙ୍କଠାରୁ ହାରି ଯାଇଥିଲେ। ହିଗୁଚି ହେଉଛନ୍ତି ରିଓ ୨୦୧୬ ରୌପ୍ୟ ବିଜେତା ଓ ୨୦୨୨ ବିଶ୍ୱ ଚାମ୍ପିୟନ। ଅଲିମ୍ପିକ୍ସରେ ଭାଗ ନେଉଥିବା ଅନ୍ୟ ଭାରତୀୟ ରେସ୍‌ଲରମାନେ ହେଲେ ଅଂଶୁ ମଲିକ (ମହିଳା ୫୭କେଜି), ନିଶା ଦହିୟା (ମହିଳା ୬୮କେଜି) ଓ ରୀତିକା ହୁଦା (ମହିଳା ୭୬କେଜି)।



ଅମନ ଶେରାୱତ ଓ ଅନ୍ତିମ ପଙ୍ଘାଲ।

## ଅନାହତ, ଟିଆନା ତୃତୀୟ ରାଉଣ୍ଡରେ

**ନୂଆଦିଲ୍ଲୀ, ୧୩।୭ (ପି.ଟି.)**

ଭାରତର ଅନାହତ ସିଂ ହ୍ୟୁଷ୍ଟନରେ ଚାଲିଥିବା ବିଶ୍ୱ ଜୁନିୟର ସ୍କ୍ୱାଶ୍ ଚାମ୍ପିୟନଶିପ ବାଳିକା ବିଭାଗର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନାହତ ଶୁକ୍ରବାର ଦକ୍ଷିଣ ଆଫ୍ରିକାର ଡେନ୍ ଭାନ୍ ଜିଲ୍‌ଙ୍କୁ ୧୧-୩, ୧୧-୨, ୧୧-୨, ୧୧-୬ରେ ହରାଇଛନ୍ତି। ଟିଆନା ପାରସରାମପୁରିଆ ନ୍ୟୁଜିଲାଣ୍ଡର ଇମ୍ମା ମର୍ସନଙ୍କ ବିପକ୍ଷରେ ୧୪-୧୨, ୧୧-୫ ଓ ୧୧-୫ରେ ବିଜୟ ହାସଲ କରିଛନ୍ତି।

# ପାନ୍ଥର୍ସ, ଚିତାସ ବିଜୟୀ

**ଭୁବନେଶ୍ୱର, ୧୩।୭(ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ଶନିବାର ଅନୁଷ୍ଠିତ ପ୍ରଥମ ଦୁଇଟି ମ୍ୟାଚରେ ଓଡ଼ିଶା ପାନ୍ଥର୍ସ ଓ ଓଡ଼ିଶା ଚିତାସ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ପାନ୍ଥର୍ସ ୩୨ ରନରେ ଟାଇଗର୍ସ ଦଳକୁ ପରାସ୍ତ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପାନ୍ଥର୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୨୨ ରନ କରିଥିଲା। ରଘୁନାଥ ମଲ୍ଲ ୩୮ ଓ ସସ୍ମିତ ସାହୁ ୩୨ ରନ କରିଥିଲେ। ବିପକ୍ଷ ଦଳର ସୁମିତ ଶର୍ମା ଓ ଶୋଭନଦେବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଟାଇଗର୍ସ ୧୭.୪ ଓଭରରେ ମାତ୍ର ୯୦ ରନ କରି ଅଲଆଉଟ ହୋଇଯାଇଥିଲା। ପାନ୍ଥର୍ସ ତରଫରୁ ବିମଲ କୁମାର ତାଙ୍କ ୨ ଓଭର ବୋଲିଂରେ ମାତ୍ର ୧୨ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଚିତାସ ୬ଉଇକେଟରେ ଓଡ଼ିଶା ପୁମାସକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ପୁମାସ ନିର୍ଦ୍ଧାରିତ ୨୦ ଓଭରରେ ୨ଉଇକେଟ ବିନିମୟରେ ୧୪୨ ରନ କରିଥିଲା। ଗିରିଜା ବାରିକ ୬୪* ଓ କାର୍ତ୍ତିକ ବିଶ୍ୱାଳ ୪୪ ରନ କରିଥିଲେ। ଜବାବରେ ଚିତାସ ଦଳ ୧୯.୩ ଓଭରରେ ୪ ଉଇକେଟ ବିନିମୟରେ ୧୪୬ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ୩୯ ବଲ୍‌ରେ ୩୪ ରନ କରିଥିବା ଦିନେଶ କୁମାର ମାଝି ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।




ପ୍ଲେୟର ଅଫ୍ ଦ ମ୍ୟାଚ୍ ଦୀନେଶ କୁମାର ମାଝୀ।





## ଭାରତରୁ ଭାଗ ନେବେ ଗୁକେଶ, ପ୍ରଜ୍ଞାନନ୍ଦ

### ଚେସ୍ ଅଲିମ୍ପିଆଡ୍

**ଚେନ୍ନାଇ, ୧୩।୭(ପି.ଟି.)**

ହଙ୍ଗେରୀର ବୁଦାପେଷ୍ଟଠାରେ ସେପ୍ଟେମ୍ବରରେ ଅନୁଷ୍ଠିତ ହେଉଥିବା ଚେସ୍ ଅଲିମ୍ପିଆଡ୍‌ରେ ଭାଗ ନେଉଥିବା ଭାରତୀୟ ଖେଳାଳିମାନଙ୍କ ମଧ୍ୟରେ ଡି. ଗୁକେଶ ଓ ଆର୍. ପ୍ରଜ୍ଞାନନ୍ଦ ରହିଛନ୍ତି। ଗୁକେଶ ନଭେମ୍ବରରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଗତଥରର ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କୁ ଚ୍ୟାଲେଞ୍ଜ ଦେବେ। ଏହି ଟୁର୍ନାମେଣ୍ଟ ତାଙ୍କର ଡ୍ରେସ ରିହରସାଲ ଭଳି ହେବ। ୧୮ବର୍ଷୀୟ ଖେଳାଳିଙ୍କର ଚଳିତବର୍ଷ ପ୍ରଦର୍ଶନ ଖୁବ୍ ଭଲ ରହିଛି। ସେ ଗତ ଏପ୍ରିଲ ଟରଣ୍ଟୋରେ ଅନୁଷ୍ଠିତ ମର୍ଯ୍ୟାଦାପୂର୍ଣ୍ଣ କ୍ୟାଣ୍ଡିଡେଟ୍ସ ଇଭେଣ୍ଟ ଜିତି ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ପୁରୁଷ ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିଭାବେ ହେଲେ ଅର୍ଜୁନ ଏରିଗେସି, ଭିଦିତ ଗୁଜରାଠୀ ଓ ହରିକ୍ରିଷ୍ଣା ପେଣ୍ଟାଲା। ସେହିପରି ମହିଳା ଦଳରେ ହାରିକା ଦ୍ରୋଣାଭାଲି, ବୈଶାଳୀ ରମେଶବାବୁ, ଦିବ୍ୟା ଦେଶମୁଖ, ଭାନ୍ତିକା ଅଗ୍ରୱାଲ ଓ ତାନିଆ ସଚଦେବ ପ୍ରମୁଖ ସ୍ଥାନ ପାଇଥିବା ସର୍ବଭାରତୀୟ ଚେସ୍ ମହାସଂଘ ସଭାପତି ନୀତିନ ନାରଙ୍ଗ ପ୍ରକାଶ କରିଛନ୍ତି। ମହିଳା ଦଳରୁ ବାଦ୍ ପଡ଼ିଥିବା ଜଣାଶୁଣା ଖେଳାଳିଙ୍କ ମଧ୍ୟରେ କୋନେରୁ ହମ୍ପି ରହିଛନ୍ତି। ହମ୍ପି ୨୦୨୨ରେ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଟୁର୍ନାମେଣ୍ଟ ପୂର୍ବରୁ ଏକ କ୍ୟାମ୍ପ ଆୟୋଜନର ବ୍ୟବସ୍ଥା କରାଯାଉଛି। ଏଥିପାଇଁ କୋଚ୍‌ମାନଙ୍କ ସହ ଯୋଗାଯୋଗ ଚାଲିଛି। ଏହି କ୍ୟାମ୍ପ ଅଗଷ୍ଟ ଶେଷ ଭାଗରେ ଅନୁଷ୍ଠିତ ହେବ। ଏଥିପାଇଁ ତାରିଖ ଓ ଭେନ୍ୟୁ ଚୂଡ଼ାନ୍ତ ହୋଇନାହିଁ। ଅଲିମ୍ପିଆଡ୍‌ର ପୂର୍ବ ସଂସ୍କରଣ ଭାରତରେ ପ୍ରଥମ ଥର ୨୦୨୨ରେ ଆୟୋଜନ ହୋଇଥିଲା। ଆୟୋଜକ ଦେଶ ଉଭୟ ଓପନ ଓ ମହିଳା କାଟେଗୋରିରେ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଅଲିମ୍ପିଆଡର ଏହା ହେଉଛି ୪୫ତମ ସଂସ୍କରଣ। ହଙ୍ଗେରୀ ପ୍ରଥମ ଥର ଏହି ଇଭେଣ୍ଟ ବିଧିବଦ୍ଧ ଭାବେ ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ଏହି ଦେଶ ୧୯୨୬ରେ ଦ୍ୱିତୀୟ ଅନ୍ ଅଫିସିଆଲ ଚେସ୍ ଅଲିମ୍ପିଆଡ ଆୟୋଜନ କରିଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ